ବର୍ଷ-୫୪ : ସଂଖ୍ୟା-୮ ଅଗଷ୍ଟ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଦିବ୍ୟ ଉପସ୍ଥିତି | ... | ଶ୍ରୀମା | ... | ୮ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ତୃତୀୟ ପରିଚ୍ଛେଦ) ଆଶୟଧର୍ମୀ ଯୁଗର ଆଗମନ | ... | ଶେଖ ଅବଦୁଲ କାଶମ | ... | ୯ |
| ହେ ପୂର୍ଣ୍ଣତମ ! ଶ୍ରୀଅରବିନ୍ଦ ନମଃ (କବିତା) | ... | ହୃଷୀକେଶ ପଣ୍ଡା | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୧) | ... | ... | ... | ୧୩ |
| ଶ୍ରଦ୍ଧା ସୁମନ (କବିତା) | ... | ଝରଣା ଘୋଷାଲ | ... | ୧୬ |
| ଦେବମୁହୂର୍ତ୍ତ | ... | ରାମକୃଷ୍ଣ ଦାସ | ... | ୧୭ |
| ସଫଳତା ଓ ଅଗ୍ରଗତି | ... | ପ୍ରପତ୍ତି | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୬) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୩ |
| ଶ୍ରୀଅରବିନ୍ଦଙ୍କ ଜନ୍ମବାସରରେ ଭାରତବର୍ଷର ସ୍ୱାଧୀନତା | ... | ରବୀନ୍ଦ୍ରନାଥ ଦାସ | ... | ୨୬ |
| ଶରଣାଗତ (କବିତା) | ... | ସନ୍ତୋଷ ରଥ | ... | ୨୮ |
| ଦ୍ୱୀପାନ୍ତରର କଥା (ଚତୁର୍ଥ ପରିଚ୍ଛେଦ) ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ (୪) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୯ |
| ସନାତନ ଧର୍ମ (୯) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୧ |
| ଏକ ଆହ୍ୱାନ (କବିତା) | ... | ଦୀପ୍ତି ମିଶ୍ର | ... | ୩୬ |
| ସଙ୍ଗତିର ସ୍ୱାଦ | ... | ପ୍ରସାଦ ତ୍ରିପାଠୀ | ... | ୩୭ |
| ମା' ଓ ସନ୍ତାନ (୫) | ... | ଗୟାଧର ଦାଶ | ... | ୪୦ |
| ସୁନିଲ-ଦା' (୩) | ... | ... | ... | ୪୨ |
| ତିନୋଟି ଭ୍ରାନ୍ତ ଧାରଣା | ... | ମନୋଜ ଦାସ | ... | ୪୫ |
| ମଦର ଟେରେସା | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୭ |
| ସରିତାର ସର୍ତ୍ତ | ... | ... | ... | ୫୧ |
| ଦୁଇଟି ଓକ୍ ବୃକ୍ଷର ଇତିବୃତ୍ତ | ... | ପଞ୍ଚାନନ ମହାନ୍ତି | ... | ୫୪ |
| କରୁଣାର ଯାଦୁ | ... | ... | ... | ୫୭ |
| ପୂର୍ବଜନ୍ମ ବୃତ୍ତାନ୍ତ ସ୍ମରଣକ୍ଷମ ବ୍ୟକ୍ତିବର୍ଗ ଜାତିସ୍ମର କି ? | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ଦିବ୍ୟପ୍ରେମ, ଯେଉଁ ପ୍ରେମ ଶକ୍ତିପୂର୍ଣ୍ଣ, ଅନନ୍ତ, ଅମାପ, ପ୍ରତ୍ୟେକ କର୍ମରେ, ସତ୍ତାର ସମସ୍ତ ଲୋକରେ – ସେହିଥିରେ ପରିଣତ ହେବା ନିମନ୍ତେ ତୁମ ଦିଗରେ ଧାବିତ ମୋର ବ୍ୟାକୁଳ ପ୍ରାର୍ଥନା, ହେ ଭଗବାନ୍ ! ଏହି ଦିବ୍ୟପ୍ରେମ, ଶକ୍ତିପୂର୍ଣ୍ଣ, ଅନନ୍ତ, ଅମାପ ପ୍ରେମ ମୋତେ କରୁ ଆତ୍ମସାତ୍ – ପ୍ରତ୍ୟେକ କର୍ମରେ, ସତ୍ତାର ସମସ୍ତ ଲୋକରେ ! ମୋତେ ପରିବର୍ତ୍ତିତ କର ଜ୍ୱଳନ୍ତ ଧୂପାର୍ଘ୍ୟପାତ୍ରରେ, ଯାହାଫଳରେ ତା'ର ଅଗ୍ନିଶିଖା ଧରିତ୍ରୀର ସମଗ୍ର ବାତାବରଣକୁ କରିପାରିବ ବିଶୁଦ୍ଧ ।

ଆଃ, ଅନନ୍ତଭାବେ ତୁମ ପ୍ରେମରେ ପରିଣତ ହେବା ...

ଅଗଷ୍ଟ ୨୭, ୧୯୧୪ — ଶ୍ରୀମା



# ମାତୃବାଣୀ

Sri Aurobindo came upon earth to announce the manifestation of the supramental world and not merely did he announce this manifestation but embodied also in part the supramental force and showed by example what one must do to prepare oneself for manifesting it. The best thing we can do is to study all that he has told us and endeavour to follow his example and prepare ourselves for the new manifestation.

This gives life its real sense and will help us to overcome all obstacles.

Let us live for the new creation and we shall grow stronger and stronger by remaining young and progressive.

*30 January, 1972* – The Mother

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଥିଲେ ଅତିମାନସ ଜଗତର ଅଭିବ୍ୟକ୍ତି ସମ୍ବନ୍ଧେ ଘୋଷଣା କରିବା ନିମିତ୍ତ ଏବଂ ସେ କେବଳ ଏହି ଅଭିବ୍ୟକ୍ତିର ଘୋଷଣା କରି ନ ଥିଲେ କିନ୍ତୁ ଅତିମାନସ ଶକ୍ତିକୁ କେତେକାଂଶରେ ମୂର୍ତ୍ତ କରିଥିଲେ ଏବଂ ଉଦାହରଣ ଦ୍ୱାରା ଦେଖାଇ ଦେଲେ ଯେ ଏହାର ଅଭିବ୍ୟକ୍ତି ସକାଶେ ନିଜକୁ ପ୍ରସ୍ତୁତ କରିବାକୁ ହେଲେ ବ୍ୟକ୍ତିକୁ କ'ଣ କରିବାକୁ ହେବ । ଏଥି ନିମିତ୍ତ ଯେଉଁ ସର୍ବୋତ୍ତମ ବସ୍ତୁ ଆମ୍ଭେମାନେ କରିପାରିବା ତାହା ହେଲା ସେ ଯାହାସବୁ କହିଛନ୍ତି ତାହା ଅଧ୍ୟୟନ କରିବା, ତାଙ୍କ ପ୍ରଦର୍ଶିତ ଦୃଷ୍ଟାନ୍ତକୁ ଅନୁସରଣ କରିବା ନିମିତ୍ତ ଏବଂ ଏହି ନୂତନ ଅଭିବ୍ୟକ୍ତି ସକାଶେ ପ୍ରସ୍ତୁତ ହେବା ନିମିତ୍ତ ପ୍ରଚେଷ୍ଟା କରିବା ।

ଏହାହିଁ ଜୀବନକୁ ତାହାର ପ୍ରକୃତ ଅର୍ଥ ପ୍ରଦାନ କରେ ଏବଂ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରିବା ସକାଶେ ଆମକୁ ସାହାଯ୍ୟ କରିବ ।

ଆସ ଆମେ ନୂତନ ସୃଷ୍ଟି ନିମିତ୍ତ ଜୀବନଧାରଣ କରିବା ଏବଂ ଆମେ ତରୁଣ ଓ ପ୍ରଗତିଶୀଳ ହେବା ଦ୍ୱାରା ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଉଠିବା ।

*୩୦ ଜାନୁଆରୀ, ୧୯୭୨* – ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

### (The Kingdoms and Godheads of the Little Mind)

### (୧୩୧)

## ଶ୍ରୀଅରବିନ୍ଦ

This would be Nature's peak on
an obscure globe,
The grand result of the long ages' toil,
Earth's evolution crowned, her mission done.

ଏକ ଛାୟାଚ୍ଛନ୍ନ ଗୋଲକ ଉପରେ ଏହାହିଁ ହେବ ପ୍ରକୃତିର ଚୂଡ଼ା, ଯୁଗଯୁଗାନ୍ତରର ସୁଦୀର୍ଘ ଶ୍ରମର ମହାପରିଣତି, ଧରଣୀର ବିବର୍ତ୍ତନ ହେବ ମୁକୁଟମଣ୍ଡିତ, ସମ୍ପନ୍ନ ହେବ ତାହାର ବ୍ରତ ।

So might it be if the spirit fell asleep;
Man then might rest content and live in peace,
Master of Nature who once
her bondslave worked,
The world's disorder hardening into Law,–
If Life's dire heart arose not in revolt,
If God within could find no greater plan.

ଚିନ୍ମୟସତ୍ତା ଯଦି ନିଦ୍ରାଭିଭୂତ ହୋଇପଡ଼ନ୍ତେ, ତେବେ ଏମିତିହିଁ ହୁଅନ୍ତା; ମଣିଷ ତେଣିକି ସଂତୃପ୍ତ ହୋଇ ରହିଯାଆନ୍ତା ଏବଂ ଶାନ୍ତିରେ ଜୀବନଯାପନ କରନ୍ତା, ଏକଦା ଯିଏ ପ୍ରକୃତିର କ୍ରୀତଦାସ ରୂପେ କାର୍ଯ୍ୟ କରୁଥିଲା, ସିଏ ହୁଅନ୍ତା ପ୍ରକୃତିର ଅଧୀଶ୍ୱର, ଜଗତର ବିଶୃଙ୍ଖଳା କଠୋର କାନୁନରେ ପରିଣତ ହୁଅନ୍ତା,– ଯଦି ବିଦ୍ରୋହ କରି ନ ଉଠନ୍ତା ଜୀବନର ରୁଦ୍ର ହୃଦୟ, ଅନ୍ତରରେ ଭଗବାନ୍ ଯଦି ପାଇପାରି ନଥା'ନ୍ତେ କୌଣସି ମହତ୍ତର ଯୋଜନା ।

But many-visaged is the cosmic Soul;
A touch can alter the fixed front of Fate.

ମାତ୍ର ବିଶ୍ୱପୁରୁଷ ଅଟନ୍ତି ବହୁମୁଖୀ; ନିୟତିର ଦୃଢ଼ବଦ୍ଧ ସାମ୍ମୁଖ୍ୟକୁ ବଦଳାଇ ଦେଇପାରେ (ତାଙ୍କର) ଏକ ସ୍ପର୍ଶ ।

A sudden turn can come, a road appear.

ସହସା ଆସିପାରେ ଗତିପଥର ଏକ ମୋଡ଼, ଦୃଷ୍ଟିଗୋଚର ହୋଇପାରେ ଏକ ମାର୍ଗ ।

A greater Mind may see a greater Truth,
Or we may find when all the rest has failed
Hid in ourselves the key of perfect change.

ମହତ୍ତର ଏକ ମନ ଦର୍ଶନ କରିପାରେ ଏକ ମହତ୍ତର ସତ୍ୟ, ଅଥବା ଅନ୍ୟ ସବୁକିଛି ଯେତେବେଳେ ବ୍ୟର୍ଥ ହୋଇଯାଏ, ଆମେ ସେତେବେଳେ ଆବିଷ୍କାର କରିପାରୁ ଆମ ଭିତରେ ଲୁକ୍କାୟିତ ପୂର୍ଣ୍ଣ ପରିବର୍ତ୍ତନର ଚାବିକାଠି ।

Ascending from the soil where creep our days,
Earth's consciousness may marry with the Sun,
Our mortal life ride on the spirit's wings,
Our finite thoughts commune with the Infinite.

ଯେଉଁ ମାଟି ଉପରେ ମନ୍ଥର ଗତିରେ ଯାତ୍ରା କରୁଥାଏ ଆମର ଦିବସାବଳୀ, ତହିଁରୁ ଊର୍ଦ୍ଧ୍ୱାୟିତ ହୋଇ ଧରିତ୍ରୀର ଚେତନା ପରମ ସୂର୍ଯ୍ୟଙ୍କ ସହ ପରିଣୟ ସୂତ୍ରରେ ଆବଦ୍ଧ ହୋଇପାରେ, ଆମର ନଶ୍ୱର ଜୀବନ ଚିନ୍ମୟ ପୁରୁଷଙ୍କର ପକ୍ଷାରୂଢ଼ ହୋଇପାରେ, ଆମର ସୀମାବଦ୍ଧ ଭାବନାରାଜି ଅସୀମଙ୍କ ସହିତ କରିପାରେ ଭାବ ବିନିମୟ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଦିବ୍ୟ ଉପସ୍ଥିତି

## ଶ୍ରୀମା

### ଈଶ୍ୱର ତୁମ ଭିତରେ

ଯଦି ତୁମେ ପ୍ରତ୍ୟେକେ ତୁମର ଚୈତ୍ୟସତ୍ତାକୁ ଖୋଜି ପାଇବ ଏବଂ ନିଜକୁ ତା' ସହିତ ସଂଯୁକ୍ତ କରିପାରିବ, ତା'ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ।

ଚୈତ୍ୟସତ୍ତା ହେଉଛି ମଣିଷ ଭିତରେ ଥିବା ଈଶ୍ୱରଙ୍କର ପ୍ରତିନିଧି । ଏହାହିଁ ହେଲା କଥା । ତୁମେ ଏତିକି ବୁଝ ଯେ — ଈଶ୍ୱର ଏକ ଦୂରସ୍ଥ ବିଷୟ ନୁହନ୍ତି, ସେ ମଧ୍ୟ ଦୁରଧିଗମ୍ୟ ନୁହନ୍ତି । ଈଶ୍ୱର ତୁମ ଭିତରେ ଅଛନ୍ତି, କିନ୍ତୁ ତୁମେ ସେ ସମ୍ବନ୍ଧେ ପୂର୍ଣ୍ଣଭାବେ ସଚେତନ ହୋଇ ନାହଁ । ... ବର୍ତ୍ତମାନ ତୁମ ମଧ୍ୟରେ ଏହା ଏକ ପ୍ରଭାବ ରୂପେ କ୍ରିୟାଶୀଳ — ପ୍ରତ୍ୟକ୍ଷ ଉପସ୍ଥିତି ରୂପେ ନୁହେଁ । କିନ୍ତୁ ତୁମେ ତାଙ୍କର ଉପସ୍ଥିତି ବିଷୟରେ ସଚେତନ ହେବ — ପ୍ରତି ମୁହୂର୍ତ୍ତରେ ତୁମେ ଯେପରି ନିଜକୁ ପଚାରି ପାରିବ ... ଈଶ୍ୱର କିପରି ସବୁ ଦେଖୁଛନ୍ତି । ଏହା ଏହି ଭଳି କଥା : ପ୍ରଥମେ ଈଶ୍ୱର କିପରି ସବୁ ଦେଖୁଛନ୍ତି ତା'ରି ଅନୁଭବ ତୁମେ ପାଇବ । ତା'ପରେ ବୁଝିପାରିବ ଯେ ଈଶ୍ୱର କ'ଣ କିପରି ଇଚ୍ଛା କରୁଛନ୍ତି, ଶେଷରେ ତୁମେ ବୁଝିବ ଯେ ଈଶ୍ୱର କିପରି କାର୍ଯ୍ୟ କରୁଛନ୍ତି । କିନ୍ତୁ ଏତିକି ଜାଣିବା ପାଇଁ ତୁମକୁ ଅଗମ୍ୟ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ, ଠିକ୍ ଏହିଠାରେହିଁ ଜାଣିବ । କିନ୍ତୁ ସାମୟିକ ଭାବେ କ'ଣ ହୋଇଛି ନା, ତୁମର ସମସ୍ତ ପୁରାତନ ଅଭ୍ୟାସ ଏବଂ ସମସ୍ତ ସାଧାରଣ ଅଚେତନା ତୁମ ଉପରେ ଏକ ପରଦା ପକାଇ ଦେଇଛି । ଯାହା ଫଳରେ ଆମେ ନା ଦେଖି ପାରୁଛୁ, ନା ଅନୁଭବ କରି ପାରୁଛୁ । ତୁମକୁ ନିଶ୍ଚୟ ... ତୁମକୁ ନିଶ୍ଚୟ ସେହି ପରଦାଟିକୁ ହଟାଇ ଦେବାକୁ ପଡ଼ିବ ।

ଅସଲ କଥାଟି ହେଲା, ତୁମକୁ ସଚେତନ ଯନ୍ତ୍ର ହେବାକୁ ପଡ଼ିବ ... ସଚେତନ ... ଈଶ୍ୱରଙ୍କ ସମ୍ବନ୍ଧେ ସଚେତନ ।

### ଆନ୍ତର ନୀତି

ଆନ୍ତର ନୀତି, ଯାହାକି ସତ୍ତାର ସତ୍ୟ ରୂପେ ପ୍ରତ୍ୟେକ ମନୁଷ୍ୟ ଭିତରେ ଭଗବତ୍ ଉପସ୍ଥିତି ରୂପେ ବିଦ୍ୟମାନ, ଏହାହିଁ ଆମ ଜୀବନର ପ୍ରଭୁ ଓ ପଥପ୍ରଦର୍ଶକ ହେବା ଉଚିତ ।

ତୁମେ ଯେତେବେଳେ ଏହି ଆନ୍ତର ନୀତିର ଆହ୍ୱାନ ବା ନିର୍ଦ୍ଦେଶ ଶୁଣିବାରେ ଅଭ୍ୟସ୍ତ ହେବ, ଯେତେବେଳେ ତୁମେ ଏହାର ଆଦେଶ ପାଳନ କରିବ, ତାକୁ ଅନୁସରଣ କରିବ, ତୁମ ଜୀବନକୁ ପରିଚାଳିତ କରିବା ଲାଗି ଏହାକୁ ଅଧିକରୁ ଅଧିକ ଭାବରେ ପ୍ରଶ୍ରୟ ଦେବ, ସେତେବେଳେ ତୁମେ ତୁମର ଚତୁଃପାର୍ଶ୍ୱରେ ସତ୍ୟ, ଶାନ୍ତି ଓ ସଙ୍ଗତିର ଏକ ପରିବେଶ ସୃଷ୍ଟି କରିଦେଇ ପାରିବ । ଏବଂ ସ୍ୱାଭାବିକ ଭାବେ ଏହା ପରିସ୍ଥିତିଗୁଡ଼ିକ ଉପରେ ପ୍ରତିକ୍ରିୟା ଦେଖାଇବ, ତା' ଭିତରେ ଆତଯାତ ହେଉଥିବା ଆକୃତିଗୁଡ଼ିକ ଉପରେ ମଧ୍ୟ କ୍ରିୟା କରିବ; ମୋଟ ଉପରେ ତୁମେ ଯେଉଁ ପରିସ୍ଥିତିରେ ବଞ୍ଚୁଛ ତାହା ମଧ୍ୟ ନିଶ୍ଚୟ ପ୍ରଭାବିତ ହେବ । ଯେତେବେଳେ ତୁମେ ନ୍ୟାୟ, ସତ୍ୟ, ସଙ୍ଗତି, ଅନୁକମ୍ପା, ବୁଝାମଣା ଓ ସଂପୂର୍ଣ୍ଣ ସଦିଚ୍ଛାରେ ପରିପୂର୍ଣ୍ଣ ଏକ ବ୍ୟକ୍ତି ହୋଇ ଉଠିବ, ଏହି ଆନ୍ତର ମନୋଭାବ, ତାହା ଯେତିକି ନିଷ୍କାପର ଏବଂ ସାମଗ୍ରିକ ହେଉଥିବ, ସେତିକି ଅଧିକ ଭାବରେ ତାହା ବାହ୍ୟ ପରିସ୍ଥିତି ଉପରେ ମଧ୍ୟ କ୍ରିୟା କରି ଚାଲିବ । ଅବଶ୍ୟ ମୁଁ କହୁ ନାହିଁ ଯେ ଏହା ଦ୍ୱାରା ଜୀବନର ସବୁ କିଛି କଷ୍ଟକର ସମସ୍ୟା ଦୂରୀଭୂତ ହୋଇଯିବ, କିନ୍ତୁ ଏହା ନିଶ୍ଚୟ ଜୀବନର ଏହିସବୁ କଷ୍ଟକର ସମସ୍ୟାଗୁଡ଼ିକୁ ଏକ ନୂତନ ଅର୍ଥ ପ୍ରଦାନ କରିବ ଏବଂ ତାହା ତୁମକୁ ଏଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ଏକ ନୂତନ ଶକ୍ତି ଏବଂ ନୂତନ ପ୍ରଜ୍ଞା ଯୋଗାଇ ଦେବ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ତୃତୀୟ ପରିଚ୍ଛେଦ)

## ଆଶୟଧର୍ମୀ ଯୁଗର ଆଗମନ

ଶେଖ ଅବଦୁଲ କାଶମ

ପରମ୍ପରାଗୁଡ଼ିକୁ ଆଶ୍ରୟ କରି ଯେଉଁ ମିଥ୍ୟା ଗଢ଼ି ଉଠିଥାଏ ତାହା ଜୀବନ, ବିଚାର ଓ କର୍ମର ସାରସତ୍ୟକୁ ଆଚ୍ଛନ୍ନ କରି ପକାଏ । ସୁତରାଂ ସେହି ସତ୍ୟକୁ ପୁନଃ ଆବିଷ୍କାର କରିବା ଲାଗି ବ୍ୟକ୍ତିବାଦୀ ଯୁଗର ଆଗମନ ଆବଶ୍ୟକ ହୋଇଉଠେ । ସେତେବେଳେ ଯଦି ପ୍ରାଚୀନ ମୂଳ ବିଚାରଗୁଡ଼ିକ ଆଡ଼କୁ ଲେଉଟି ଯିବାର ପ୍ରବୃତ୍ତି ଜାତ ହୁଏ ତାହା ଏକ ବ୍ୟାବହାରିକ ଅସୁବିଧା ସୃଷ୍ଟି କରିପାରେ । କାରଣ ଗଭୀର ସତ୍ୟର ଅନ୍ୱେଷଣ କରିବାର ଆଗ୍ରହ ଶିଥିଳ ହୋଇଗଲେ ମିଥ୍ୟାଶ୍ରୟୀ ପରମ୍ପରାଗୁଡ଼ିକ ପୁଣି ଥରେ ସେମାନଙ୍କର ପ୍ରଭାବ ବିସ୍ତାର କରି ପାରନ୍ତି । ସୁତରାଂ ବିକାଶଶୀଳ ମାନବଜାତି ସବୁବେଳେ ପ୍ରାଚୀନ ବିଚାରଗୁଡ଼ିକ ଆଡ଼କୁ ଫେରି ଆସିବା ପାଇଁ ପ୍ରବୃତ୍ତ ହେବା ଉଚିତ ନୁହେଁ, ବରଂ ଏହା ଏକ ବୃହତ୍ତର ପରିପୂର୍ଣ୍ଣତା ଆଡ଼କୁ ଅଗ୍ରଗତି କରିବା ଆବଶ୍ୟକ । ପୁରାତନ ବିଚାରଗୁଡ଼ିକୁ ରୂପାନ୍ତରିତ କରାଯାଇପାରେ ଏବଂ ସେଗୁଡ଼ିକୁ ଅତିକ୍ରମ କରିଯିବାର ଆବଶ୍ୟକତା ମଧ୍ୟ ରହିଛି । ବସ୍ତୁ ସକଳର ମୂଳ ସତ୍ୟ ଶାଶ୍ୱତ ଭାବେ ମନୁଷ୍ୟଜାତି ସହିତ ବଞ୍ଚି ରହିବ । କିନ୍ତୁ ତାହାର ମାନସିକ, ପ୍ରାଣିକ ଓ ଶାରୀରିକ ରୂପଗୁଡ଼ିକ କ୍ଷେତ୍ରରେ ଏକ ନିରବଚ୍ଛିନ୍ନ ଅଭିବୃଦ୍ଧି ଓ ପରିବର୍ତ୍ତନ ଅବଶ୍ୟ ଆବଶ୍ୟକ ହେବ ।

ସମୀକ୍ଷାତ୍ମକ ବୁଦ୍ଧି (critical reason) ବିନାଶକାରୀ ହେଲେ ମଧ୍ୟ ତାହାର ସାମୟିକ ରାଜତ୍ୱ ମାନବଜାତିର ପ୍ରଗତି ପାଇଁ ନିହାତି ଆବଶ୍ୟକ । ଭାରତରେ ବୌଦ୍ଧ ଧର୍ମର ଆନ୍ଦୋଳନ ପରଠୁ ଜୀବନ ଓ ଆତ୍ମାର ସତ୍ୟକୁ ପୁନଃ ଆବିଷ୍କାର କରିବା ନିମିତ୍ତ ଅନେକ ପ୍ରୟାସ କରାଯାଇଛି, ମାତ୍ର ସେଗୁଡ଼ିକ ଆଧ୍ୟାତ୍ମିକ ବୁଦ୍ଧି ଓ ନମନୀୟ ସମ୍ବୋଧି ଶକ୍ତି ଦ୍ୱାରା ପରିଚାଳିତ ହୋଇଛି । ତାହା ଦ୍ୱାରା ସମାଜରେ ଦୃଢ଼ୀଭୂତ ହୋଇ ରହିଥିବା ପରମ୍ପରା ସର୍ବସ୍ୱତାକୁ ମୂଳୋତ୍ପାଟିତ କରାଯାଇପାରି ନାହିଁ । କେତେକ ସ୍ଥଳରେ ବୁଦ୍ଧିଗତ ସମୀକ୍ଷାର ପ୍ରୟୋଗ ହୋଇଥିଲେ ମଧ୍ୟ ତାହା ଏକ ନୂତନ ଗଠନ ଲାଗି ବାଟ ଛାଡ଼ି ନାହିଁ । ଭାରତରେ ଯେତେବେଳେ ୟୁରୋପୀୟ ପ୍ରଭାବ ବିସ୍ତାର ଲାଭ କଲା ସେତେବେଳେହିଁ ବିଚାରଧାରା ତଥା ବସ୍ତୁଗୁଡ଼ିକର ପୁନର୍ମୂଲ୍ୟାୟନ କରିବାର ଏକ ନୂତନ ଯୁଗ ଆରମ୍ଭ ହେଲା । ତାହା ଥିଲା ବୁଦ୍ଧିବାଦ, ଉପଯୋଗିତାବାଦ ଓ ବ୍ୟକ୍ତିବାଦର ଯୁଗ । ପ୍ରାଚ୍ୟ ଭୂଖଣ୍ଡରେ ଆଶୟଧର୍ମୀ ଏସୀୟ ମନ, ଜୀବନ ଓ ବିଚାରର ପରିବର୍ତ୍ତିତ ମୂଲ୍ୟବୋଧ ସହିତ ନିଜକୁ ଖାପ ଖୁଆଇ ନେବାର ଆବଶ୍ୟକତା ରହିଛି ବୋଲି ଅନୁଭବ କଲା ।

ବ୍ୟକ୍ତିବାଦୀ ଯୁଗରେ ବ୍ୟକ୍ତିଗତ ତଥା ବିଶ୍ୱଗତ ସତ୍ୟ ଓ ବିଧାନକୁ ଆବିଷ୍କାର କରିବା ପାଇଁ ମାନବଜାତି ଏକ ପୂର୍ଣ୍ଣାଙ୍ଗ ପ୍ରୟାସ କରିବାକୁ ଆଗଭର ହୁଏ । ଇଉରୋପରେ ବିଶେଷ କରି ଧର୍ମକ୍ଷେତ୍ରରେ ଏହି ରକମର ଚେଷ୍ଟା ଆରମ୍ଭ ହୋଇଥିଲା । ଧର୍ମର ଯେଉଁ ମୂଳସତ୍ୟକୁ ପରମ୍ପରା ବିକୃତ କରି ପକାଇଥିଲା ସେହି ମୂଳସତ୍ୟକୁ ପୁନରୁଦ୍ଧାର କରିବା ନିମନ୍ତେ ପ୍ରୟାସ କରାଯାଇଥିଲା । ଜୀବନ ଓ କର୍ମର ସକଳ କ୍ଷେତ୍ରରେ ପ୍ରତିଷ୍ଠିତ ବିଚାର ଓ ଆଚରଣର ଯଥାର୍ଥତା ସମ୍ପର୍କରେ ପ୍ରଶ୍ନ ଉତ୍‌ଥାପିତ ହେବାରେ ଲାଗିଲା । ଏହାର ଅନିବାର୍ଯ୍ୟ ପରିଣାମ ହେଲା ଧର୍ମ, ଦର୍ଶନ, ବିଜ୍ଞାନ, କଳା ଓ ସମାଜତନ୍ତ୍ରର ଏକ ବୈପ୍ଳବିକ ପୁନର୍ଗଠନ । ବିଶ୍ୱ ବିଷୟରେ ନୂତନ ଦୃଷ୍ଟି ଓ ନୂତନ ଜ୍ଞାନ ଲାଭ କରିବାର ଆବଶ୍ୟକତା ଅନୁଭୂତ ହେଲା । ଫଳତଃ ମନୁଷ୍ୟ ନିଜ ବିଷୟରେ, ନିଜର ସାମର୍ଥ୍ୟ ଓ ସୀମିତତା ବିଷୟରେ ମଧ୍ୟ ଜ୍ଞାନ ଲାଭ କରିବାକୁ ଆଗ୍ରହୀ ହେଲା ।

ଆଧୁନିକ ଯୁଗରେ ଭୌତିକ ବିଜ୍ଞାନ ସମାଜ-ଜୀବନରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଜଗତ୍ ସମ୍ପର୍କରେ ତଥା ମନୁଷ୍ୟଜାତିର ସାମାଜିକ ଓ ଆର୍ଥନୀତିକ ବ୍ୟବସ୍ଥା ସମ୍ପର୍କରେ ନୂତନ ଜ୍ଞାନ ପ୍ରକାଶିତ ହୋଇଛି । ବୈଜ୍ଞାନିକ ଆବିଷ୍କାର ଫଳରେ ମନୁଷ୍ୟ ତା'ର ପରିବେଶ ସମ୍ପର୍କରେ ଏବଂ ତା'ର ବ୍ୟକ୍ତିଗତ ତଥା ସମଷ୍ଟିଗତ ଆବଶ୍ୟକତା ସମ୍ପର୍କରେ ଅଧିକ ସଚେତନ ହୋଇଛି । ମାତ୍ର କ୍ରମେ ଏହା ସ୍ପଷ୍ଟ ହେଉଛି ଯେ ଭୌତିକ

ଜଗତର ଜ୍ଞାନ ସମଗ୍ର ଜ୍ଞାନ ନୁହେଁ । ମନୁଷ୍ୟ ତା'ର ମନ ବିଷୟରେ ଯଥେଷ୍ଟ ଜ୍ଞାନ ଲାଭ କରି ନାହିଁ । ବାହ୍ୟଜଗତ୍ ବିଷୟରେ ଯତ୍‌କିଞ୍ଚିତ୍ ଜ୍ଞାନ ତା'ର ରହିଛି, ମାତ୍ର ଅନ୍ତର୍ଜଗତ୍ ଓ ସୂକ୍ଷ୍ମଜଗତ୍ ସମ୍ପର୍କରେ ତା'ର ଜ୍ଞାନ ଆଦୌ ନାହିଁ । ମନୁଷ୍ୟର ମାନସିକ ଜୀବନ ତା'ର ଭୌତିକ ସତ୍ତା ଓ ପରିବେଶ ଦ୍ୱାରା ପ୍ରଭାବିତ ଓ ନିୟନ୍ତ୍ରିତ ହେଉଛି । କିନ୍ତୁ ମାନସିକ ଜୀବନର ସୂକ୍ଷ୍ମତତ୍ତ୍ୱ ଓ ଉପାଦାନଗୁଡ଼ିକ ବିଷୟରେ ତାହାର ଜ୍ଞାନ ଅତ୍ୟନ୍ତ ସୀମିତ । ମନୁଷ୍ୟର ଅର୍ଥନୈତିକ ଓ ସାମାଜିକ ସଂଗଠନଗୁଡ଼ିକ ତା'ର ମନୋବୈଜ୍ଞାନିକ ସ୍ଥିତି ଦ୍ୱାରା ପରିଚାଳିତ ହେଉଛି । କିନ୍ତୁ ମନୋଗତ କ୍ରିୟାତ୍ମକତା ଓ ଆତ୍ମା ବିଷୟରେ ତା'ର ଜ୍ଞାନ ସୀମିତ ଥିବାରୁ ମନୁଷ୍ୟ ପରିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ଭାବରେ କିଛି ଗଢ଼ିପାରୁ ନାହିଁ । ତେଣୁ ଶ୍ରୀଅରବିନ୍ଦ କହୁଛନ୍ତି – "Therefore to find the truth of things and the law of his being in relation to that truth he must go deeper and fathom the subjective secret of himself and things as well as their objective forms and surroundings."

(The Human Cycle, pp. 28 - 29)

ଅର୍ଥାତ୍, ''ସୁତରାଂ ବିଷୟଗୁଡ଼ିକର ଆନ୍ତର ସତ୍ୟ ଏବଂ ସେହି ସତ୍ୟଟି ସହିତ ସମ୍ବନ୍ଧିତ ହୋଇ ରହିଥିବା ତା'ର ଆପଣା ଜୀବନର ବିଧାନଗୁଡ଼ିକୁ ଯଥାର୍ଥ ଭାବରେ ଜାଣି ପାରିବାକୁ ହେଲେ ମନୁଷ୍ୟକୁ ଆହୁରି ଅଧିକ ଗଭୀରକୁ ଯିବାକୁ ପଡ଼ିବ ଏବଂ ତା' ନିଜର ତଥା ବିଶ୍ୱର ଯାବତୀୟ ବିଷୟର ଆଶୟଗତ ରହସ୍ୟ ଓ ସେଗୁଡ଼ିକର ବସ୍ତୁସ୍ଥିତିଗତ ରୂପ ଓ ପରିବେଶଗୁଡ଼ିକର ସତ୍ୟ-ରହସ୍ୟରେ ମଧ୍ୟ ଯାଇ ଉପନୀତ ହେବାକୁ ପଡ଼ିବ ।''

ମନୁଷ୍ୟ ନିଜ ସମ୍ପର୍କରେ ତଥା ଜଗତ୍ ସମ୍ପର୍କରେ ଅଧ୍ୟୟନ କରିବାକୁ ଯାଇ ଦେଖେ ଯେ ଅନ୍ତରସ୍ଥ ଆତ୍ମା ତଥା ବିଶ୍ୱଗତ ଆତ୍ମାକୁ ନ ଜାଣିବା ପର୍ଯ୍ୟନ୍ତ ତା'ର ଜ୍ଞାନକୁ ତୁଚ୍ଛ ଓ ସୀମିତ ବୋଲିହିଁ କୁହାଯିବ । ସମୀକ୍ଷାମୂଳକ ଓ ବିଶ୍ଳେଷଣାତ୍ମକ ବୁଦ୍ଧିର ଆଲୋକ କ୍ଷୀଣ ଆଲୋକ ମାତ୍ର । ଏହା ଗଭୀର ସତ୍ୟ ମଧ୍ୟରେ ପ୍ରବେଶ କରିପାରିବ ନାହିଁ । ବିଚାରବୁଦ୍ଧି ଦ୍ୱାରା ବସ୍ତୁର କେବଳ ଉପରି ଭାଗକୁ ଜାଣି ହୁଏ । ତା'ର ଅନ୍ତର୍ଗତ ସତ୍ୟ ଜଣା ପଡ଼େ ନାହିଁ । ଗଭୀର ଜ୍ଞାନ ଲାଭ କରିବା ସକାଶେ ମନୁଷ୍ୟକୁ ନିଜ ଭିତରେ ଅନୁସନ୍ଧାନ କରିବାକୁ ହେବ । ସକ୍ରିୟଭାବେ ଆତ୍ମସଚେତନ ହେବା ଏବଂ ଅଧିକରୁ ଅଧିକ ଆତ୍ମାର ସଂସ୍ପର୍ଶରେ ଆସିବାକୁ ଚେଷ୍ଟା କରିବା ଦ୍ୱାରା ସେ ନିଜର ଅନ୍ତର୍ନିହିତ ସାମର୍ଥ୍ୟର ଆବିଷ୍କାର କରିପାରିବ । ବିଚାର ବୁଦ୍ଧିର ଆଦର୍ଶ କେବେ ବି ସଂବୋଧିଗତ ଜ୍ଞାନର ଆଦର୍ଶ ସହିତ ସମକକ୍ଷ ହୋଇପାରିବ ନାହିଁ । ବରଂ ପ୍ରଥମଟିକୁ ଦ୍ୱିତୀୟଟିର ଅଧୀନରେ ରହିବାକୁ ହେବ । ଉପଯୋଗିତାବାଦୀ ଦୃଷ୍ଟିକୋଣ ଛାଡ଼ି ଆତ୍ମ-ଚେତନା ଓ ଆତ୍ମୋପଲବ୍ଧି ଲାଗି ଆସ୍ପୃହା କରିବାର ଆବଶ୍ୟକତା ରହିଛି । ଭୌତିକ ପ୍ରକୃତିର ବିଧାନ ଅନୁସାରେ ନୁହେଁ, ଜଗତ୍ ଓ ମାନବଜାତିର ଜୀବନରେ କ୍ରିୟାଶୀଳ ଥିବା ଦିବ୍ୟ ବିଧାନ ଓ ସଂକଳ୍ପ ଅନୁସାରେହିଁ ଜୀବନଯାପନ କରିବା ଶ୍ରେୟସ୍କର ।

ବର୍ତ୍ତମାନ ବ୍ୟକ୍ତିବାଦ ଦ୍ୱାରା ସୃଷ୍ଟ ହୋଇଥିବା ବିବେକବୁଦ୍ଧିର ଯୁଗଠାରୁ ଏକ ଆଶୟଧର୍ମୀ ଯୁଗ ଆଡ଼କୁ ମାନବ ସମାଜର ପରିବର୍ତ୍ତନ ଆବଶ୍ୟକ ହେଉଛି । ତେଣୁ ପୁରାତନ ବୌଦ୍ଧିକ ମାନଦଣ୍ଡ ଓ ଆଧାରସବୁ ଭୁଶୁଡ଼ି ଯିବାରେ ଲାଗିଛି । ନାନା ବୃହତ୍ ଏବଂ ଗଭୀର ତତ୍ତ୍ୱ ସବୁ ରୂପ ଗ୍ରହଣ କରିବାରେ ଲାଗିଛନ୍ତି । ଊନବିଂଶ ଶତାବ୍ଦୀର ଭୌତିକବାଦ (materialism) ଏକ ନୂତନ ଓ ଗଭୀର ପ୍ରାଣଶକ୍ତିବାଦ (vitalism)କୁ ଜନ୍ମ ଦେଇଛି । ଦାର୍ଶନିକ ନିତ୍‌ସେ 'ବର୍ତ୍ତି ରହିବା ଲାଗି ଦୁର୍ବାର ଇଚ୍ଛା' (Will to be) ଏବଂ 'କ୍ଷମତା ଲାଭ କରିବା ଲାଗି ଦୁର୍ବାର ଇଚ୍ଛା' (Will to Power) ଏ ଦୁଇଟି ତତ୍ତ୍ୱକୁ ଜୀବନର ବିଧାନ ରୂପେ ଅଭିହିତ କରିଛନ୍ତି । ଆଧୁନିକ ଯୁଗର ଅନେକବାଦୀ ଓ ବ୍ୟାବହାରିକତାବାଦୀ ଦର୍ଶନ (pluralistic and pragmatic philosophy) ପ୍ରାଣଶକ୍ତିବାଦରହିଁ ଅନ୍ୟ ରୂପ । ଏହାକୁ ଅନେକବାଦୀ ଦର୍ଶନ ବୋଲି କହିବାର କାରଣ ହେଲା ଏହା ଆତ୍ମା ଅପେକ୍ଷା ପ୍ରାଣର ଭୂମିଟି ଉପରେହିଁ ନିଜର ଦୃଷ୍ଟି କେନ୍ଦ୍ରୀଭୂତ କରିଛି ଯାହା ବହୁତ୍ୱର ସୂଚକ । ଏହାକୁ ବ୍ୟାବହାରିକତାବାଦୀ ବୋଲି କହିବାର ତାତ୍ପର୍ଯ୍ୟ ହେଲା ଏହା ଆଧ୍ୟାତ୍ମିକ ଆଲୋକ ଓ ଜ୍ଞାନ ଅପେକ୍ଷା ଶକ୍ତି ଓ କ୍ରିୟାତ୍ମକତାକୁ ଅଧିକ ଗୁରୁତ୍ୱ ଦିଏ । ଇଉରୋପରେ ବିଶେଷ କରି ଫ୍ରାନ୍ସ ଓ ଜର୍ମାନୀରେ ଏହି ଦାର୍ଶନିକ ବିଚାର ଜୀବନ ଓ ସଂସ୍କୃତିକୁ ଗଭୀର ଭାବରେ ପ୍ରଭାବିତ କଲା । ପ୍ରାଣଶକ୍ତିବାଦ ଭିତରେ ମନଃପ୍ରଧାନ ଓ ଆଶୟଧର୍ମୀ ହେବାର ଏକ ପ୍ରବୃତ୍ତି ସବୁବେଳେ ରହିଥିଲା । ଫଳରେ ଏକ ନୂତନ ସଂବୋଧିବାଦ (intuitionalism)ର ଆବିର୍ଭାବ ହେଲା ଯାହା ପ୍ରାଣର ପୃଷ୍ଠଭାଗରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ଚେତନାକୁ ଅନ୍ୱେଷଣ କରିବାକୁ ଆରମ୍ଭ କଲା ।

କଳା, ସଂଗୀତ ଓ ସାହିତ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସ୍ୱରୂପ ଆଶୟଧର୍ମିତା ବା ଅନ୍ତର୍ମୁଖୀ ଚେତନାର ପ୍ରୟୋଗ କରାଯାଇଛି । ସାହିତ୍ୟରେ ଏକ ମନଃପ୍ରଧାନ ପ୍ରାଣଶକ୍ତିବାଦ (psychological vitalism)ର ଆବିର୍ଭାବ ହୋଇଛି । ସୂକ୍ଷ୍ମତମ ମନୋଗତ ଆବେଗ ଓ ପ୍ରବୃତ୍ତି କଳା ତଥା ସାହିତ୍ୟରେ ରୂପାୟିତ ହୋଇଛି । ମାତ୍ର ମନୁଷ୍ୟର ଜୀବନଗତ ବିଧାନଗୁଡ଼ିକ ସମ୍ବନ୍ଧରେ ଏଥିରେ କୌଣସି ଯଥାର୍ଥ ଅନ୍ତର୍ଦୃଷ୍ଟି ନାହିଁ । ଉପରି ଭାଗରେ ଆବେଗ, ଇନ୍ଦ୍ରିୟାନୁଭୂତି ଓ କ୍ରିୟାଗୁଡ଼ିକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରାଯାଇଛି, ମାତ୍ର ସେଇ ବିଶ୍ଳେଷଣ ଭିତରେ ଗଭୀର ଜ୍ଞାନାଲୋକର ଘୋର ଅଭାବ ରହିଛି । ରୁଷିଆରେ ଯେଉଁ କଳା, ସଂଗୀତ ଓ ସାହିତ୍ୟ ସୃଷ୍ଟି ହେଲା ତାହା ପ୍ରାଣଶକ୍ତି ପ୍ରଧାନ ଅପେକ୍ଷା ଅଧିକତର ଭାବରେ ମାନସଗତ, ସଂବୋଧିଧର୍ମୀ ଓ ଚୈତ୍ୟସ୍ତରର ଥିଲା । ପ୍ରାଣଶକ୍ତିବାଦ ଉପର ସ୍ତରଟାକୁହିଁ ସବୁକିଛି ବୋଲି ଭାବୁଥିଲା । ତେଣୁ ସେଥିରୁ ବାହାରି ଆସି ବିଷୟସବୁର ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ଆତ୍ମାକୁ ଖୋଜି ପାଇବା ଲାଗି ପ୍ରବୃତ୍ତି ଜାତ ହେଲା । ଏହି ନୂତନ ଆନ୍ଦୋଳନ ଅନ୍ତରରେ ଏକ ନୂତନ ବିଶ୍ୱର ଆବିଷ୍କାର ଲାଗି ପ୍ରେରଣା ଯୋଗାଇ ଥିଲା । କଳା ଓ ସାହିତ୍ୟ ବର୍ତ୍ତମାନ ଏକ ଆଶୟଧର୍ମୀ ଅନ୍ୱେଷଣ ଦିଗରେ ଅର୍ଥାତ୍ ଅନ୍ତରସ୍ଥ ସତ୍ୟର ଅନ୍ୱେଷଣ ଦିଗରେ ପ୍ରବୃତ୍ତ ହୋଇଅଛି ।

ଜୀବନର ବ୍ୟାବହାରିକ ସ୍ତରରେ ମଧ୍ୟ ଆଶୟଧର୍ମୀ ପ୍ରବୃତ୍ତିର ପ୍ରଭାବ ଦେଖା ଦେଇଛି । ଅବଶ୍ୟ ଏ ଦିଗରେ ପୂର୍ଣ୍ଣ ସଫଳତା ଆସି ନାହିଁ, ମାତ୍ର ସବୁକିଛି ପରୀକ୍ଷାମୂଳକ ପର୍ଯ୍ୟାୟରେ ରହିଛି । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଇଉରୋପରେ ଜାତି ଜାତି ମଧ୍ୟରେ ଯେଉଁ ତୁମୁଳ ସଂଘର୍ଷ ଘଟିବାରେ ଲାଗିଲା ତାହାର କାରଣ ଖୋଜିଲେ ଜଣା ପଡ଼ିବ ଯେ ଏକ ପାଖରେ ପୁରାତନ ବୁଦ୍ଧିବାଦୀ ଓ ଭୌତିକବାଦୀ ଆକୁଳତା ଏବଂ ଅନ୍ୟ ପାଖରେ ଏକ ନୂତନ ଆଶୟଧର୍ମୀ ଏବଂ ପ୍ରାଣଶକ୍ତିମନ୍ତ ଆବେଗ, ଏ ଦୁଇଟି ମଧ୍ୟରେ ସଂଘାତହିଁ ସେହି ପରିଣାମ ପାଇଁ ଦାୟୀ । 'ବଞ୍ଚି ରହିବାର ତଥା କ୍ଷମତାଯୁକ୍ତ ହୋଇ ରହିବାର ଦୁର୍ବାର ଇଚ୍ଛା' – ଏହି ଉଗ୍ର ଆଦର୍ଶ ପ୍ରଥମ ବିଶ୍ୱଯୁଦ୍ଧକୁ ଜନ୍ମ ଦେଲା । ମିଥ୍ୟା କବଳିତ ପ୍ରାଣଶକ୍ତିର ମନ୍ଦ ଅଭିପ୍ରାୟ ଏବଂ ବୁଦ୍ଧି ଓ ବିଚାର-କୌଶଳର ହୀନ ପ୍ରୟୋଗ – ଏ ଦୁଇଟି ମିଳିତ ହୋଇ ଏକ ବିରାଟ ଆସୁରିକ ଶକ୍ତିକୁ ଜନ୍ମ ଦେଲା ଯାହା ପୃଥିବୀକୁ ଧ୍ୱସ୍ତବିଧ୍ୱସ୍ତ କରି ପକାଇଲା । କିନ୍ତୁ ଏହି ଅରାଜକତାର ସ୍ଥିତି ଏକ ଭଲ ପରିଣାମ ମଧ୍ୟ ନେଇ ଆସିଲା । ଅର୍ଥାତ୍, ମାନବସମାଜର ଜୀବନରେ ଏକ ଉଚ୍ଚତର ଲକ୍ଷ୍ୟ ସିଦ୍ଧି ପାଇଁ ଅଭୀପ୍ସା ଜାତ ହେଲା ଏବଂ କେତେକ ପ୍ରତିବନ୍ଧକ ମଧ୍ୟ ଦୂରୀଭୂତ ହେଲା ।

ପ୍ରଥମ ବିଶ୍ୱଯୁଦ୍ଧର ପ୍ରାକ୍ କାଳରେ ଶିକ୍ଷା ଓ ଶିଶୁର ପରିପାଳନ ସମ୍ପର୍କରେ ଯେଉଁ ସବୁ ନୂତନ ବିଚାର ଆଦର ଲାଭ କଲା ସେଥିରେ ଆଶୟଧର୍ମୀ ପ୍ରବୃତ୍ତିର ସୂଚନା ମିଳେ । ଆଗରୁ ଶିକ୍ଷା କହିଲେ ଏକ ଯାନ୍ତ୍ରିକ ପଦ୍ଧତିକୁ ବୁଝାଉଥିଲା ଯେଉଁଥିରେ ଶିଶୁ ଭିତରେ ପାଠ୍ୟ ବିଷୟ ଜବରଦସ୍ତି ଭର୍ତ୍ତି କରି ଦିଆ ଯାଉଥିଲା । ଶିଶୁକୁ ସବୁବେଳେ ଦବାଇ ରଖା ଯାଉଥିଲା । ନାନା ବାଧ୍ୟବାଧକତା ଦ୍ୱାରା ଶିଶୁର ଚରିତ୍ର ଓ ଆଚରଣକୁ ଗଢ଼ିବାକୁ ଚେଷ୍ଟା କରା ଯାଉଥିଲା । ମାତାପିତା ଓ ଶିକ୍ଷକମାନେ ନିଜର ବ୍ୟକ୍ତିଗତ ଇଚ୍ଛା ବା ଆଦର୍ଶ ଅନୁସାରେ ଶିଶୁକୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚ ଭିତରେ ପକାଇ ଦେବାକୁ ଆପଣାର କର୍ତ୍ତବ୍ୟ ବୋଲି ଭାବୁଥିଲେ । ଫଳରେ ଶିଶୁର ମୁକ୍ତ ଓ ସ୍ୱତଃସ୍ଫୂର୍ତ୍ତ ବିକାଶ ସମ୍ଭବ ହୋଇ ପାରୁ ନଥିଲା । କିନ୍ତୁ ଯୁଦ୍ଧ ପୂର୍ବ ଯୁଗରେ ଏହି ପୁରାତନ ଶିକ୍ଷା ଧାରାରେ ପରିବର୍ତ୍ତନ ଆସିଲା । ଶିଶୁର ବୁଦ୍ଧିଗତ ଓ ନୈତିକ ସାମର୍ଥ୍ୟଗୁଡ଼ିକୁ ଉଚ୍ଚତମ ସ୍ତର ଯାଏ ବିକଶିତ କରି ଆଣିବାକୁହିଁ ଶିକ୍ଷା ବୋଲି କୁହାଗଲା । ଶିଶୁର ଯେ ଗୋଟିଏ ସ୍ୱକୀୟ ବ୍ୟକ୍ତିଗତ ସତ୍ତା ବା ଆତ୍ମସମ୍ପଦ ରହିଛି ଏକଥା ସ୍ୱୀକାର କରାଗଲା । ଶିଶୁ ପ୍ରକୃତିର ମନୋବିଜ୍ଞାନ ଉପରେହିଁ ଶିକ୍ଷା ଆଧାରିତ ହେବା ଉଚିତ ବୋଲି ଶିକ୍ଷା-ସଚେତନ ବ୍ୟକ୍ତିମାନେ ଅନୁଭବ କଲେ ।

ଏକ ଆଶୟପ୍ରଧାନ ଶିକ୍ଷା ବ୍ୟବସ୍ଥା ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ ଥିଲା । ମାତ୍ର ତଥାପି ଏଥିରେ କିଛି ଅଭାବ ରହି ଯାଇଥିଲା । ସେତେବେଳେ ମଧ୍ୟ ପିଲାକୁ ଗୋଟାଏ ବସ୍ତୁ ବା ପିଣ୍ଡୁଳା ପରି ମନେ କରା ଯାଉଥିଲା ଯାହାକୁ କି ଶିକ୍ଷକ ନିଜ ଇଚ୍ଛାନୁସାରେ ଗଢ଼ିଦେଇ ପାରିବେ । ପ୍ରକୃତରେ ଶିଶୁ କଦାପି ମେଞ୍ଚାଏ କାଦୁଅ ପରି ପ୍ରାଣହୀନ ବସ୍ତୁ ନୁହେଁ ଯେ ତାକୁ ଦଳି ଚକଟି ଏକ ପୂର୍ବନିର୍ଦ୍ଦିଷ୍ଟ ଛାଞ୍ଚରେ ଗଢ଼ି ଦିଆଯାଇ ପାରିବ । ନୂତନ ବିଚାର ଅନୁସାରେ ଏହା ସ୍ୱୀକୃତ ହେଲା ଯେ ମନୁଷ୍ୟ ଶିଶୁ ହେଉଛି ଏକ ସ୍ୱୟଂ ବିକାଶଶୀଳ ସତ୍ତା । ତେଣୁ ସେ ଯେମିତି ନିଜେ ନିଜକୁ ଶିକ୍ଷା ଲାଗି ପ୍ରେରିତ କରିବ, ସେଥିପାଇଁ ମାତାପିତା ଓ ଶିକ୍ଷକ କେବଳ ଆବଶ୍ୟକୀୟ ସାହାଯ୍ୟ ପ୍ରଦାନ କରିବେ । ପରିବେଶ ଏପରି ଅନୁକୂଳ ରଖାଯାଇଥିବ ଯେ ଶିଶୁ

ଅନ୍ତର ଭିତରୁ ପ୍ରେରଣା ପାଇ ନିଜର ବୁଦ୍ଧିଗତ, ନୈତିକ, ସୌନ୍ଦର୍ଯ୍ୟବୋଧଗତ ତଥା ବ୍ୟାବହାରିକ ସାମର୍ଥ୍ୟଗୁଡ଼ିକର ବିକାଶ ସାଧନ କରିପାରିବ । ତା'ର ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ବିକାଶରେ କୌଣସି ହସ୍ତକ୍ଷେପ କରାଯିବ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଗଭୀରତର ଆତ୍ମ-ପରିଚୟଟି ଲାଭ କରିବାରେ ସାହାଯ୍ୟ କରିବାହିଁ ଶିକ୍ଷାର ଅସଲ ଉଦ୍ଦେଶ୍ୟ ବୋଲି ଜାଣିବାକୁ ହେବ । ମାତ୍ର ଏହି ଆବଶ୍ୟକତାଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଅନୁଭୂତ ହୋଇ ନାହିଁ । ଯେଉଁଦିନ ଆମେ ଆମର ଗଭୀରତମ ଆତ୍ମସତ୍ତାକୁ ସମ୍ମୁଖକୁ ଆସିବାକୁ ଦେବା ସେଦିନ ସେହି ସତ୍ତାହିଁ ଶିକ୍ଷାର ଅଧିକାଂଶ ଦାୟିତ୍ୱ ସମ୍ଭାଳି ନେବ । ସେଥିପାଇଁ ପ୍ରଥମ କାମ ହେଲା ଆମ ଅନ୍ତର୍ଗତ ସତ୍ୟର ପରିଚୟ ଲାଭ ନିମନ୍ତେ ପ୍ରୟାସ କରିବା । ମନୁଷ୍ୟ ଓ ତାହାର ଜୀବନ ଏକ ଯନ୍ତ୍ର ନୁହେଁ, ତାହାକୁ ବାହ୍ୟ ରୁଟିନ୍‌ରେ ବାନ୍ଧି ହେବ ନାହିଁ । ଏକ ମୁକ୍ତ, ସ୍ୱଚ୍ଛନ୍ଦ ଓ ଭୟଶୂନ୍ୟ ବିକାଶହିଁ ଜୀବନର କାମ୍ୟ । ମନୁଷ୍ୟ ଭିତରେ ଅନନ୍ତ ସମ୍ଭାବନା ରହିଛି । ସେଗୁଡ଼ିକୁ ବିକଶିତ କରି ଆଣିବାରେ ଶିକ୍ଷା ସହାୟକ ହେବ । ମନୁଷ୍ୟ ହେଉଛି ଏକ ଆତ୍ମା, ପରମ ଦିବ୍ୟସତ୍ତାର ଏକ ଚେତନାମୟ ଶକ୍ତି । ଶିକ୍ଷାର ଯଥାର୍ଥ ଉଦ୍ଦେଶ୍ୟ ହେଉଛି ସେହି ଆତ୍ମାକୁ ଆବିଷ୍କାର କରି ତାହାରି ଅନୁସାରେ ବଞ୍ଚିବା ଲାଗି ମନୁଷ୍ୟକୁ ସମର୍ଥ କରିବା ।

ଆଶୟପ୍ରଧାନ ଯୁଗ ପର୍ଯ୍ୟାୟଟି ଜନ୍ମ ନେବାକୁ ଯାଉଛି । ଏହାର ଏକ ଅସ୍ପଷ୍ଟ ସ୍ପର୍ଶ ମାତ୍ର ଆମେ ଅନୁଭବ କରୁଛୁ । କିନ୍ତୁ ବ୍ୟକ୍ତି ଓ ସମାଜ କ୍ଷେତ୍ରରେ ଏବେ ମଧ୍ୟ ବୁଦ୍ଧିବାଦ ଓ ଜଡ଼ବାଦ ମୁଖ୍ୟତଃ କାର୍ଯ୍ୟ କରୁଛି । ଆଶୟପ୍ରଧାନ ଦୃଷ୍ଟି ଅଧିକରୁ ଅଧିକ ବ୍ୟାପକ ହେବ । କେତେବେଳେ ପ୍ରାଣଶକ୍ତି ପ୍ରଧାନ ଆଶୟଗତତା ଓ ପୁଣି କେତେବେଳେ ଏକ ଚୈତ୍ୟସ୍ତରୀୟ ଆଶୟଗତତା ମନୁଷ୍ୟ ଜୀବନକୁ ଛୁଇଁ ଯାଉଛି । ତେବେ ସମାଜର ବିବର୍ତ୍ତନ କ୍ଷେତ୍ରରେ ଆଶୟଗତତା କ'ଣ ସବୁ ଘଟାଇବାକୁ ଯାଉଛି ତାହା ଆଗକୁ ସ୍ପଷ୍ଟ ହୋଇଯିବ ।

❑❑❑

# ହେ ପୂର୍ଣ୍ଣତମ ! ଶ୍ରୀଅରବିନ୍ଦ ନମଃ

## ହୃଷୀକେଶ ପଣ୍ଡା

ହେ ପୂର୍ଣ୍ଣତମ ଶ୍ରୀଅରବିନ୍ଦ ନମଃ
ପୂର୍ଣ୍ଣତାର ତୁମେ ଶିଖର ଉଚ୍ଚତମ
ଆମେ ସବୁ ଯେତେ ଅପୂର୍ଣ୍ଣ ମଣିଷ
ଶୂନ୍ୟତାର ଭିକ୍ଷା ଥାଳ ଧରି
ମାଗି ଚାଲିଛୁ ପୂର୍ଣ୍ଣତାରୁ କିଛି
ଜପି ଜପି ତୁମ ମହାନାମ ।୧।

ଏତିକି ଜାଣିଛୁ ଖାଲି
ତୁମେ ଯାହା ଯେବେ ଦେବ
ପୂର୍ଣ୍ଣତା ହିଁ ଦେବ,
କାରଣ ତୁମ ପୂର୍ଣ୍ଣତାରୁ
ଯେତେ ପୂର୍ଣ୍ଣ ଫେଡ଼ିଲେ ବି
ତୁମେ ସଦା ପୂର୍ଣ୍ଣତମ
ହୋଇ ରହିଥିବ ।୨।



ତେଣୁ ତୁମେ ହିଁ ରୋକି ପାରିବ
ଶୂନ୍ୟତାର ସବୁ ଆର୍ତ୍ତନାଦ
ତୁମେ ହିଁ ଆଙ୍କି ପାରିବ
ପୂର୍ଣ୍ଣାଙ୍ଗ ଜୀବନର ଚିତ୍ର ।୩।

ହେ ପୂର୍ଣ୍ଣତାର ଭବ୍ୟ ପ୍ରତିମୂର୍ତ୍ତି
ତୁମେ ହିଁ ଦେଇ ପାରିବ
ସମସ୍ତଙ୍କୁ ପୂର୍ଣ୍ଣତାର ପୂର୍ଣ୍ଣ ପ୍ରତିଶ୍ରୁତି
ଏତିକି ପ୍ରାର୍ଥନା ପ୍ରଭୁ !
ପୂର୍ଣ୍ଣତାର ଦିବ୍ୟ ଆନନ୍ଦରେ
ଭରି ଦିଅ ଜଗତକୁ,
ଜୀବନକୁ କର ଆଲୋକିତ ।୪।

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୧)

### ଆଶ୍ରମ ସଙ୍ଗଠନରେ ଶ୍ରୀମା ଓ ଶ୍ରୀଅରବିନ୍ଦ :

ଶ୍ରୀମା'ଙ୍କ ଉକ୍ତିରେ :

''ଆଶ୍ରମରେ ରହିବାର ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ :

''ଆବେଦନ କରିଥିବା ପ୍ରାର୍ଥୀ ନିଶ୍ଚିତ ରୂପେ ତାଙ୍କର ଜୀବନକୁ ଭଗବାନଙ୍କ ସେବାରେ ବିନା ସର୍ତ୍ତରେ ଉତ୍ସର୍ଗ କରି ଦେବାର ସିଦ୍ଧାନ୍ତ ନେଇଥିବେ ।''

(MCW, Vol. 13, P. 112)

ଶ୍ରୀଅରବିନ୍ଦଙ୍କ ଉକ୍ତିରେ :

''... ଯୋଗୀ, ସନ୍ନ୍ୟାସୀ, ତପସ୍ୱୀ ହେବା ଆମ ଯୋଗର ଲକ୍ଷ୍ୟ ନୁହେଁ, ଆମ୍ଭମାନଙ୍କର ଲକ୍ଷ୍ୟ ହେଲା ଦିବ୍ୟ-ରୂପାନ୍ତର, ଆଉ ସେହି ରୂପାନ୍ତର ସାଧିତ ହୋଇପାରେ ତୁମ ନିଜର ଶକ୍ତିଠାରୁ ଅନନ୍ତ ଗୁଣରେ ମହାନ୍ ଶକ୍ତି ଦ୍ୱାରା; କେବଳ ଦିବ୍ୟଜନନୀଙ୍କ ନିକଟରେ ଯଥାର୍ଥରେ ନିଜକୁ ଏକ ଶିଶୁତୁଲ୍ୟ ସମର୍ପଣ କରି ଦେବା ଦ୍ୱାରା ।''

(''ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'' : ପୃ. ୩୫୩)

*

''ଯେଉଁମାନେ ଶ୍ରୀମା'ଙ୍କୁ ସ୍ୱୀକାର କରିଛନ୍ତି, ସେମାନଙ୍କ ସହିତ ଶ୍ରୀମା'ଙ୍କର ଯେଉଁ ସମ୍ବନ୍ଧ ଅଛି ତାହାର ଭିତ୍ତି ହେଲା ଗୋଟାଏ ଆଧ୍ୟାତ୍ମିକ ଓ ଚୈତ୍ୟ-ମାତୃତ୍ୱ । ଜନ୍ମଦାତ୍ରୀ ମା' ସହ ସନ୍ତାନର ସମ୍ବନ୍ଧଠାରୁ ଏହା ହେଲା ଅନନ୍ତ ଗୁଣରେ ମହାନ୍; ... ସୁତରାଂ ଯେହେତୁ ଏହି ସମ୍ବନ୍ଧ ବିଶାଳତର ଓ ପୂର୍ଣ୍ଣତର ସେଥିପାଇଁ ଏହା ପାର୍ଥିବ ସମ୍ବନ୍ଧର ସମସ୍ତ ସ୍ଥାନକୁ ଅଧିକାର କରିପାରେ ଏବଂ ସାଧକର ବାହ୍ୟ ଜୀବନ ଓ ଆନ୍ତର ଜୀବନରେ ମଧ୍ୟ ନିଜର ସ୍ଥାନ ଗ୍ରହଣ କରିପାରେ । ... 'କ' ଠିକ୍ କହିଛି ଯେ ଏହି ହେଲେ ତା'ର ଯଥାର୍ଥ ମା, କାରଣ ସେ ତାକୁ ଗୋଟିଏ ନବଜନ୍ମ ଦେଇଛନ୍ତି, ଗୋଟିଏ ଆନ୍ତର ଜୀବନ ପ୍ରଦାନ କରିଛନ୍ତି ଏବଂ ଏକ ଦିବ୍ୟତର ସ୍ଥିତି ନିମିତ୍ତ ତାକୁ ନୂତନ ଭାବେ ଗଢ଼ି ତୋଳୁଛନ୍ତି ।'' (ତତ୍ରୈବ : ପୃ. ୩୯୪)

*

''... ଏପରିକି କେତେକ ସାଧକ ଏଠାକୁ ଆସିଛନ୍ତି ଯେଉଁମାନେ ଊର୍ଦ୍ଧ୍ୱସ୍ଥ ବୃହତ୍ ଚେତନାର ସୂତ୍ରଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ ସକାଶେ ପ୍ରସ୍ତୁତ । ଅନେକ କ୍ଷେତ୍ରରେ ଉଚ୍ଚତର ସ୍ଥିତିର ସତ୍ତାସମୂହ ହେଲେ ଏହି ସମ୍ପର୍କ ସ୍ଥାପନର ପ୍ରତୀକ । ସେଥି ସକାଶେ ଶ୍ରୀମା'ଙ୍କର ମହାନ୍ କର୍ମଧାରାରେ ସେମାନେ ବିଶେଷ ରୂପେ ତଥା ଘନିଷ୍ଠ ଭାବରେ ଯୁକ୍ତ ହେବାର ଯୋଗ୍ୟ । ଏହିମାନଙ୍କ ସହିତ ଶ୍ରୀମା'ଙ୍କର ଏକ ବିଶିଷ୍ଟ ସମ୍ପର୍କ ରହିଛି ... ।''

(ତତ୍ରୈବ : ପୃ. ୩୯୬)

*

''... ଆଶ୍ରମର ସ୍ଥୂଳ ଜୀବନ କେବଳ ଦୁଇଟି ସମ୍ଭାବ୍ୟ ଭିତ୍ତି ଉପରେ ରହିଛି : ଗୋଟିଏ ହେଲା ଏହି ଯେ ପ୍ରତ୍ୟେକ ସାଧକ ଆତ୍ମଦାନ ଓ ସମର୍ପଣର ନୀତି ଉପରେ ପ୍ରତିଷ୍ଠିତ ଆଶ୍ରମର ଜଣେ ଅଧିବାସୀ । ପ୍ରତ୍ୟେକେ ଏବଂ ପ୍ରତ୍ୟେକର ଯାହାକିଛି ଅଛି ତାହାସବୁ ଭଗବାନଙ୍କ ସମ୍ପତ୍ତି; ସେ ଯେତେବେଳେ କିଛି ଦିଏ, ସେତେବେଳେ ନିଜର କିଛି ଦେଉ ନାହିଁ, ଦେଉଛି ଯାହା ପୂର୍ବରୁ ଭଗବାନଙ୍କ ସମ୍ପତ୍ତି ଥିଲା । ସେଠାରେ ଦାନ-ପ୍ରତିଦାନର କୌଣସି କଥା ନାହିଁ, ମୂଲଚାଲ୍ ନାହିଁ, ଦାବି ବା ଆକାଙ୍କ୍ଷାର କୌଣସି ସ୍ଥାନ ନାହିଁ । କେବଳ ମା'ହିଁ ସମସ୍ତ ଦାୟିତ୍ୱରେ ଅଛନ୍ତି; ତାଙ୍କ ପାଖରେ ଯାହାକିଛି ଅଛି ତାହାଦ୍ୱାରା ଏବଂ ତାଙ୍କ ଯନ୍ତ୍ରସବୁର କ୍ଷମତା ଅନୁପାତରେ ଯାହା ବ୍ୟବସ୍ଥା କରାଯାଇପାରେ ତଦନୁପାତରେ ସେ ସବୁକିଛିର ବ୍ୟବସ୍ଥା କରନ୍ତି । ସାଧକମାନଙ୍କର ମାନସିକ ଆଦର୍ଶ ବା ସେମାନଙ୍କ ରାଜସିକ କାମନା ଓ ଦାବି ଅନୁସାରେ ସେ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି, ସେମାନଙ୍କ ସଙ୍ଗେ ବ୍ୟବହାରରେ ଗୋଟାଏ ଗଣତାନ୍ତ୍ରିକ ସାମ୍ୟ ରଖି ଚାଲିବାକୁ ସେ ବାଧ୍ୟ ନୁହନ୍ତି । ପ୍ରତ୍ୟେକ ସହିତ ତାହାର ଯଥାର୍ଥ ପ୍ରୟୋଜନ ଏବଂ ଆଧ୍ୟାତ୍ମିକ ଉନ୍ନତି ପଥରେ ତାହାର ଯଥାର୍ଥ ଆବଶ୍ୟକତା ଅନୁସାରେ ବ୍ୟବହାର କରିବାର ପୂର୍ଣ୍ଣ ସ୍ୱାଧୀନତା ମା'ଙ୍କର ଅଛି । ତାଙ୍କ

କାର୍ଯ୍ୟକଳାପର ବିଚାର କରିବାର କାହାର ଅଧିକାର ନାହିଁ, କେହି ତାଙ୍କ ଉପରେ କୌଣସି ବିଧାନ ବା ଆଦର୍ଶ ଲଦି ପାରିବେ ନାହିଁ, ଏକମାତ୍ର ମା'ହିଁ ନିୟମ ବାନ୍ଧି ଦେଇପାରନ୍ତି, ପୁଣି ଯଦି ପ୍ରୟୋଜନ ମନେ କରନ୍ତି ତେବେ ସ୍ୱଇଚ୍ଛାରେ ସେ ନିୟମର ବ୍ୟତିକ୍ରମ କରିପାରନ୍ତି, କିନ୍ତୁ କେହି ତାଙ୍କୁ ଏହିପରି କରିବା ସକାଶେ ଦାବି କରି ନ ପାରେ । ବ୍ୟକ୍ତିଗତ ବାସନା ଓ ଦାବି ତାଙ୍କ ଉପରେ ଲଦିଦେବା ଠିକ୍ ନୁହେଁ, ଯଦି କାହାରି କୌଣସି ଅଭାବ ଅଛି ଅଥବା ନିଜର ବିଭାଗ ମଧ୍ୟରେ କୌଣସି କିଛି ନୂତନ କରିବାର ପ୍ରସ୍ତାବ ଅଛି, ଯଦି ମା' ମଞ୍ଜୁରି ନ ଦିଅନ୍ତି, ତେବେ ତାକୁ ଚୁପ୍ ହୋଇ ଗ୍ରହଣ କରି ସନ୍ତୁଷ୍ଟ ରହିବାକୁ ହେବ । ଯେ ଦିବ୍ୟ ସତ୍ୟର ପ୍ରତୀକ ବା ମୂର୍ତ୍ତସ୍ୱରୂପ, ସେ ଏହି ଆଧ୍ୟାତ୍ମିକ ଶୃଙ୍ଖଳା-ବିଧାନର କେନ୍ଦ୍ର ।...''

(ତତ୍ରୈବ : ପୃ. ୪୩୪ - ୪୩୫)

*

''ସାଧକ ଯେପରି ବାହ୍ୟ ଭାବରେ ଓ ଆନ୍ତର ଭାବରେ ମା'ଙ୍କୁ ତାହାର କାର୍ଯ୍ୟ ସମର୍ପଣ କରିପାରିବ, ସେଥିପାଇଁ ମା' ପ୍ରତ୍ୟେକ ସାଧକକୁ ସିଧାସଳଖ ଭାବରେ କାମ ଦେବେ ଓ ସମସ୍ତଙ୍କୁ ପ୍ରତ୍ୟକ୍ଷଭାବରେ ନିୟନ୍ତ୍ରଣ କରିବେ, ବାସ୍ତବ କ୍ଷେତ୍ରରେ ଏହା ସମ୍ଭବପର ନୁହେଁ । ତେଣୁ ପ୍ରତ୍ୟେକ ବିଭାଗ ପାଇଁ ଜଣେ ଜଣେ ମୁଖ୍ୟ ନିଶ୍ଚୟ ରହିବେ ଯେଉଁମାନେ କି ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ମା'ଙ୍କର ନିର୍ଦ୍ଦେଶ ଗ୍ରହଣ କରିବେ ଏବଂ ସମସ୍ତ ବିଷୟରେ ତାଙ୍କୁ ଖବର ଦେବେ । କିନ୍ତୁ ଛୋଟ ଛୋଟ ବିଷୟରେ ଅଗ୍ରିମ ସିଦ୍ଧାନ୍ତ ପାଇଁ ବରାବର ଆସିବା ତାଙ୍କର (ମୁଖ୍ୟଙ୍କର) ଦରକାର ନାହିଁ – ତାହା ସମ୍ଭବ ନୁହେଁ । 'କ' ଗୃହନିର୍ମାଣ ବିଭାଗର ମୁଖ୍ୟଭାବରେ କାର୍ଯ୍ୟ କରୁଛି କାରଣ ସେ ଜଣେ ଅଭିଜ୍ଞ ଇଞ୍ଜିନିୟର । ବାହ୍ୟ ସଙ୍ଗଠନ ପାଇଁ ତାହା ଆବଶ୍ୟକ ଓ ଅନ୍ୟସ୍ଥାନ ପରି ଏଠାରେ ମଧ୍ୟ ଅପରିହାର୍ଯ୍ୟ ଏବଂ କାର୍ଯ୍ୟଟି ସମ୍ପନ୍ନ କରିବାକୁ ହେଲେ ଏହାକୁ ମାନିନେବାକୁହିଁ ପଡ଼ିବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ 'କ' ବା ଅନ୍ୟ କୌଣସି ବିଭାଗୀୟ ମୁଖ୍ୟ ବ୍ୟକ୍ତିକୁ ଜଣେ ମହତ୍ତର ବ୍ୟକ୍ତି ଭାବରେ ସମ୍ମାନ ଦିଆଯିବ ଅଥବା ତାହାର ଅହଂ ନିକଟରେ ନିଜକୁ ସମର୍ପଣ କରିବାକୁ ହେବ । ଯେତେଦୂର ସମ୍ଭବ ସାଧକକୁ ନିଜର ଅହଂକୁ ଦୂର କରିବାକୁ ହେବ ଏବଂ କାର୍ଯ୍ୟକ୍ଷେତ୍ରର ଅବସ୍ଥା ଯାହା ହେଉନା କାହିଁକି, ସେ ତା'ର କାର୍ଯ୍ୟକୁ ମା'ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ସେବା ବୋଲି ମନେ କରିବ ।

(ତତ୍ରୈବ : ପୃ. ୪୪୪)

*

କୌଣସି ସିଦ୍ଧାନ୍ତ ନେବା ପଛରେ ମା'ଙ୍କର ନିଜସ୍ୱ କାରଣସବୁ ଥାଏ । କେବଳ କୌଣସି ବିଭାଗ ବା ଶାଖା ଉପରେ ନଜର ନ ଦେଇ ସେ ସମୁଦାୟ କାର୍ଯ୍ୟ ଉପରେ, ତା'ର ଆବଶ୍ୟକତା ଓ ବ୍ୟବସ୍ଥା ଉପରେ ଦୃଷ୍ଟି ଦେଇଥା'ନ୍ତି । ଯେକୌଣସି ପ୍ରକାର କାର୍ଯ୍ୟ ଏଠାରେ ହେଉ ନା କାହିଁକି ସାଧକକୁ ଶିଖିବାକୁ ହେବ ଅଧୀନତା ଏବଂ କାର୍ଯ୍ୟ ସମ୍ବନ୍ଧୀୟ ପ୍ରତ୍ୟେକ ବିଷୟ ସଂପର୍କରେ ନିଜର ପସନ୍ଦ ବା ଧାରଣାସବୁକୁ କିପରି ଦୂର କରିବାକୁ ହୁଏ ଓ ମା'ଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ଓ ନିଷ୍ପତ୍ତି ଅନୁଯାୟୀ ସର୍ବୋତ୍ତମ କର୍ମ ପାଇଁ କିପରି କାର୍ଯ୍ୟ କରିଯିବାକୁ ହୁଏ ।...

(ତତ୍ରୈବ : ପୃ. ୪୪୬)

*

ଯଥାର୍ଥ ମନୋଭାବ ସହ କର୍ମ କରିବା ସକାଶେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା ସମ୍ବନ୍ଧେ ଉଲ୍ଲେଖ କରି ଜନୈକ ସାଧକଙ୍କୁ ଲିଖିତ ଶ୍ରୀଅରବିନ୍ଦଙ୍କର ଏକ ପତ୍ର :

'ଅ' ଯଦି ନୈରାଶ୍ୟ ଓ ଅସ୍ଥିରତାରୁ ମୁକ୍ତ ହୋଇ, ସୁଖୀ ଓ ସହଜ ଜୀବନଯାପନ କରିବାକୁ ଚାହେ, ତେବେ ତାକୁ କେତୋଟି ବିଷୟରେ ଦୃଢ଼ଭାବରେ ମନେ ରଖିବାକୁ ପଡ଼ିବ, ସେଗୁଡ଼ିକ ଅନୁଭବ କରିବାକୁ ହେବ ଓ ତଦନୁଯାୟୀ କାର୍ଯ୍ୟ କରିବାକୁ ହେବ । ମୁଁ ଏଠାରେ ଯାହା ଲେଖୁଛି, ତୁମେ ସେସବୁ ତାକୁ ସ୍ପଷ୍ଟଭାବରେ ବୁଝାଇ ଦେବ ।

(୧) ସେ ଏଠାରେ 'ଖ'ର ପୁତୁରା ଭାବରେ ରହି ନାହିଁ, ରହିଛି ମା'ଙ୍କର ସନ୍ତାନ ଭାବରେ ।

(୨) 'ଖ'ର ଯତ୍ନ, ଅଭିଭାବକତ୍ୱ ଓ ଆଧିପତ୍ୟ ଅଧୀନରେ ସେ ଏଠାରେ ରହି ନାହିଁ, ରହିଛି ମା'ଙ୍କ ଯତ୍ନ ଓ ଅଧୀନରେ ଏବଂ କେବଳ ମା'ଙ୍କ ପ୍ରତିହିଁ ତା'ର ଆନୁଗତ୍ୟ ରହିବା ଆବଶ୍ୟକ ।

(୩) ତାକୁ ଯେଉଁ କାର୍ଯ୍ୟ ଦିଆଯାଇଛି ତାହା 'ଖ'ର ନୁହେଁ, ମା'ଙ୍କର କାର୍ଯ୍ୟ । ସେ କେବଳ ମା'ଙ୍କ କାର୍ଯ୍ୟ କରିବାର ମନୋଭାବ ନେଇ ଏହି କାର୍ଯ୍ୟ କରିବ, ଆଉ କୌଣସି ଭାବରେ ନୁହେଁ ।

(୪) 'ଖ' ହେଉଛି ଷ୍ଟୋର୍, ବଗିଚା ଓ ଶସ୍ୟାଗାର ବିଭାଗର ମୁଖ୍ୟ । ସେ କାର୍ଯ୍ୟ ସଂପର୍କରେ ମା'ଙ୍କଠାରୁ ନିର୍ଦ୍ଦେଶ ପାଇଥାଏ କିଂବା ମା'ଙ୍କର ଅନୁମୋଦନ ପାଇଁ ସେ ନିଜେ କରିଥିବା ବ୍ୟବସ୍ଥାସବୁକୁ ମା'ଙ୍କୁ ଜଣାଏ – ଠିକ୍ ଯେପରି 'ଗ' ଗୃହନିର୍ମାଣ ବିଭାଗରେ, 'ଘ' ଡାଇନିଂ ରୁମ୍‌ରେ ବା 'ଚ' ଓ 'ଛ' ସେମାନଙ୍କ ବିଭାଗରେ କାର୍ଯ୍ୟ କରନ୍ତି । ଏହି ବିଭାଗଗୁଡ଼ିକର ଅନ୍ୟ ସମସ୍ତେ ସେମାନଙ୍କ ମୁଖ୍ୟଙ୍କଠାରୁ ନିର୍ଦ୍ଦେଶ ଗ୍ରହଣ କରିବା ଉଚିତ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ । କାରଣ କାର୍ଯ୍ୟର ସୁବ୍ୟବସ୍ଥା ଓ ଶୃଙ୍ଖଳା ପାଇଁ ଏହା ଆବଶ୍ୟକ । ଏହାର ଅର୍ଥ ନୁହେଁ ଯେ ଏହି କାର୍ଯ୍ୟଟି 'ଖ'ର ବା ଗୃହନିର୍ମାଣ କାର୍ଯ୍ୟଟି 'ଗ'ର ବା ଡାଇନିଂ କାର୍ଯ୍ୟଟି 'ଘ'ର – ସବୁକିଛି ମା'ଙ୍କର କାମ ଏବଂ ପ୍ରତ୍ୟେକେ, ମୁଖ୍ୟ ବା ସାଧାରଣ କର୍ମୀ ତାଙ୍କରି ପାଇଁହିଁ କାମ କରିବେ । ଯଦି ପ୍ରତ୍ୟେକ କର୍ମୀ ସ୍ୱାଧୀନଭାବରେ କାର୍ଯ୍ୟ କରିବା ପାଇଁ ଦାବି କରନ୍ତି ଏବଂ ସିଧାସଳଖ ଭାବରେ ମା'ଙ୍କ ନିର୍ଦ୍ଦେଶ ପାଇବାକୁ ଚାହାନ୍ତି ଅଥବା ନିଜସ୍ୱ ଧାରାରେ କାର୍ଯ୍ୟ ଚଳାନ୍ତି, ତେବେ କାର୍ଯ୍ୟଟି ସମ୍ପନ୍ନ ହେବା ଅସମ୍ଭବ ହୋଇପଡ଼ିବ । ଏଠାରେ ଏହିପ୍ରକାର ମନୋଭାବର ଆଧିକ୍ୟ ରହିଛି ଏବଂ ଏହାହିଁ ନାନା ପ୍ରକାର ଗୋଳମାଳ ଓ ଅବ୍ୟବସ୍ଥାର କାରଣ । ବାସ୍ତବ କ୍ଷେତ୍ରରେ ମା' ସମୁଦାୟ କାର୍ଯ୍ୟ ପ୍ରତି ସ୍ୱୟଂ ଦୃଷ୍ଟି ଦେଇ ପାରିବେ ନାହିଁ; ସେଥିପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଅପରିହାର୍ଯ୍ୟ । ଅନ୍ୟ ପକ୍ଷରେ ବିଭାଗୀୟ ମୁଖ୍ୟମାନେ ମଧ୍ୟ ମା'ଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଆବଶ୍ୟକ – କିଂବା ଯେତେବେଳେ ସେମାନଙ୍କୁ ସ୍ୱାଧୀନତା ଦିଆଯାଇଥାଏ ସେତେବେଳେ ମା'ଙ୍କ ନିର୍ଦ୍ଦେଶର ଅନ୍ତର୍ନିହିତ ଭାବ ଅନୁସାରେ, କାର୍ଯ୍ୟ କରିବାକୁ ହେବ, ଅନ୍ୟଥା ନୁହେଁ । ଯଦି ସେ ନିଜର ଖିଆଲ ଅନୁସାରେ କାର୍ଯ୍ୟ କରେ, କିଂବା ନିଜର ବ୍ୟକ୍ତିଗତ ପସନ୍ଦ-ଅପସନ୍ଦକୁ ମାନି ଚଳେ, ଅଥବା ନିଜର ବ୍ୟକ୍ତିଗତ ସନ୍ତୁଷ୍ଟି ବା ସୁବିଧା ସକାଶେ ତାହାର ଦାୟିତ୍ୱର ଅପବ୍ୟବହାର କରେ, ତେବେ ତାହାର ପରିଣାମସ୍ୱରୂପ କାର୍ଯ୍ୟରେ ଯେଉଁ ଅକୃତକାର୍ଯ୍ୟତା, ଭୁଲ୍‌ଭାବ, ସଂଘର୍ଷ ବା ଗୋଳମାଳ ବା ମିଥ୍ୟା ବାତାବରଣ ଦେଖାଦେବ ସେଥିପାଇଁ ତାକୁ କୈଫିୟତ୍ ଦେବାକୁ ପଡ଼ିବ ।

(୫) ବ୍ୟକ୍ତିଗତ ଭାବରେ ଯେଉଁ କାର୍ଯ୍ୟ 'ଖ' ପାଇଁ ବା ଅନ୍ୟ କାହା ପାଇଁ (ଆଶ୍ରମ ପାଇଁ ନୁହେଁ) ହୋଇଥିବ, ତାହା ମା'ଙ୍କ କାର୍ଯ୍ୟର ଅଂଶ ନୁହେଁ ଏବଂ ମା'ଙ୍କର ତା' ସହିତ କୌଣସି ସଂପର୍କ ନାହିଁ । ଯଦି ସେପରି କାର୍ଯ୍ୟ କରିବାକୁ କୁହାଯାଏ ତେବେ 'ଅ' ନିଜେ ଭଲ ମନେକଲେ କରିପାରେ ବା ଅନୁଚିତ ମନେକଲେ କରି ନ ପାରେ ।

(୬) ମା'ଙ୍କ ଦ୍ୱାରା ସିଧାସଳଖ ଭାବରେ ଅନ୍ତତଃ ଗୋଟିଏ କାର୍ଯ୍ୟ 'ଅ'କୁ ଦିଆଯାଇଛି – ତାହାହେଲା ରନ୍ଧନଶାଳାର ପାତ୍ର ସଫା କରିବା । ମା'ଙ୍କ ନିର୍ଦ୍ଦେଶ ଅନୁଯାୟୀ ସେହି କାମ ଯଥାର୍ଥ ଯତ୍ନର ସହିତ ଓ ନିଖୁଣ ଭାବରେ ସେ କରୁ । ସେ କିପରି କାର୍ଯ୍ୟ କରିପାରେ ତାହା ଦେଖାଇବା ପାଇଁ ଏହା ଏକ ସୁଯୋଗ ହେବ ଏବଂ ଅନ୍ୟସବୁ ପରେ ଦେଖାଯିବ ।

(୭) 'ଜ' ଓ 'ଖ' ଠାରୁ ଖାଦ୍ୟ ବା ଉପହାର ଗ୍ରହଣ କରିବାକୁ ସେ ବାଧ୍ୟ ନୁହେଁ । ଯଦି ସେ ସେସବୁକୁ ପସନ୍ଦ ନ କରେ ତେବେ କାହିଁକି ସେ ସେଗୁଡ଼ିକ ଗ୍ରହଣ କରେ ? ମନା କରି ଦେବାପାଇଁ ତା'ର ସଂପୂର୍ଣ୍ଣ ସ୍ୱାଧୀନତା ରହିଛି । ତାହାର ଏଠାରେ ରହିବା ତଥା ଅନ୍ୟକିଛି 'ଖ' ଉପରେ ନିର୍ଭର କରେ ନାହିଁ । ସବୁକିଛି ନିର୍ଭର କରେ କେବଳ ମା'ଙ୍କ ଉପରେ – ତେଣୁ ତା'ର ଭୟକରିବାର କୌଣସି କାରଣ ନାହିଁ ।

(୮) ଅବଶେଷରେ, ସେ ତା'ର ପ୍ରାଣସତ୍ତାକୁ ଅସ୍ଥିରତା ଓ କାମନାରାଜିରୁ ମୁକ୍ତ କରିଦେବା ଉଚିତ – କାରଣ ସମସ୍ତଙ୍କ ଭଳି ତା' କ୍ଷେତ୍ରରେ ମଧ୍ୟ ଏହିସବୁ ହେଲା ନୈରାଶ୍ୟର ମୂଳ କାରଣ । ସେ ଯଦି ଅନ୍ୟତ୍ର ଓ ଭିନ୍ନ ପରିସ୍ଥିତିରେ ଥା'ନ୍ତା, ତଥାପି ମଧ୍ୟ ଏହି ମୂଳ କାରଣଟି ରହିଥିବା ହେତୁ ତା' ଭିତରେ ନୈରାଶ୍ୟବୋଧ ଆସନ୍ତା । ଏଠାରେ ଯଦି ସେ ସଂପୂର୍ଣ୍ଣଭାବରେ ମା'ଙ୍କୁ ଗ୍ରହଣ କରିନେଇ ପାରିବ, ନିଜକୁ ତାଙ୍କ ନିକଟରେ ଖୋଲିଧରିବ ଏବଂ ତାଙ୍କ ପ୍ରତି ଅନୁରକ୍ତିର ସହିତ କାର୍ଯ୍ୟକରି ରହିପାରିବ, ତେବେ ସେ ପାଇବ ମୁକ୍ତିଭାବ ଓ ସୁଖ ଏବଂ ବଢ଼ିଉଠିବ ଆଲୋକ ଓ ପ୍ରଶାନ୍ତି ମଧ୍ୟକୁ; ତାହାର ସମସ୍ତ ସତ୍ତାରେ ସେ ହୋଇଉଠିବ ଭଗବାନଙ୍କର ସନ୍ତାନ ।

(ତତ୍ରୈବ : ୪୪୭ - ୪୪୯)

*

''ଶ୍ରୀମା'ଙ୍କ ପ୍ରତି ଚୈତ୍ୟ ଭାବରେ ଉନ୍ମୀଳନ ରହିବା ଦ୍ୱାରା କର୍ମ ଓ ସାଧନା ସକାଶେ ଯାହାସବୁ ଆବଶ୍ୟକ, ସାଧକ ମଧ୍ୟରେ ସେସବୁ କ୍ରମଶଃ ଅଧିକରୁ ଅଧିକ ବିକଶିତ ହୋଇଉଠେ, ଏହା ହେଉଛି ସାଧନାର ଅନ୍ୟତମ ପ୍ରଧାନ ରହସ୍ୟ, ସାଧନାର ମୂଳ ବା କେନ୍ଦ୍ରୀୟ ରହସ୍ୟ ।''

(ତତ୍ରୈବ : ପୃ. ୩୪୪ - ୩୪୫)

*

ସାଧନାରେ ବିଜୟର ନିଶ୍ଚୟତା ସମ୍ବନ୍ଧେ କହିବାକୁ ଯାଇ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି :

''ନିଶ୍ଚିତ ହୁଅ ଯେ ତୁମକୁ ଠିକ୍ ପଥରେ ନେଇଯିବା ସକାଶେ ମା' ସର୍ବଦା ତୁମ ସହିତ ରହିଥିବେ । ବାଧାବିପତ୍ତି ଆସିବ ଏବଂ ଯିବ, କିନ୍ତୁ ମା' ତୁମ ସହିତ ରହିଥିବାରୁ ବିଜୟ ସୁନିଶ୍ଚିତ ।''

(ତତ୍ରୈବ : ପୃ. ୫୨୦)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑


# ଶ୍ରଦ୍ଧା ସୁମନ

## ଝରଣା ଘୋଷାଲ

ଜନ୍ମ ବାସରେ ନିବେଦନ କରେ ଶ୍ରଦ୍ଧା ସୁମନ ଆଜି
ଦୃଷ୍ଟିରେ ତୁମ ଶତ ଜନମର ତନ୍ଦ୍ରା ଯାଇଛି ଭାଜି ।

କିପରି ବର୍ଣ୍ଣିବି ମହିମା ତୁମର
ମୁଁ ତବ ଚରଣ ଧୂଳି
ତୁମ ଅନୁଗତ ସେବାରେ ନିୟତ
କରୁ ନାହିଁ କିଛି ଅଳି ।

ଶୋଭନ ସୁନ୍ଦର କାନ୍ତି ତୁମର,
ଦରଶନ ପାଇଁ ଆତ୍ମା ଆତୁର !



ଅବତରି ଆସି ମର୍ତ୍ତ୍ୟ ମାଟିରେ
ଅନ୍ଧାରି ହୃଦୟେ ପ୍ରଦୀପ ଦେଇଛ ଜାଳି
ଚଲାପଥ ମୋର ସରଳ କରିଛ
ପୋଛି ମୋ କାଳିମା କାଳି ।

ତୁମ ସ୍ପର୍ଶ ପାଇଁ ଅମଡ଼ା ଏ ପଥେ ଥାପିଅଛି ମୋର ପାଦ
ତୁମ ଭାସ୍ୱର ସ୍ପନ୍ଦନେ ସଦା ଭରିଯାଉ ମୋର ହୃଦ ।

ଧନ୍ୟ କର ଏଇ ତନୁ, ମନ, ପ୍ରାଣ ତବ ଅମୃତ ସ୍ପର୍ଶେ
ହେ ମହାମହିମ ସମ୍ମୁଖେ ତବ ଉଭା ମୁଁ ଯେ ଅବଶେଷେ । ❑

# ଦେବମୁହୂର୍ତ୍ତ

## ରାମକୃଷ୍ଣ ଦାସ

[‘ଦେବମୁହୂର୍ତ୍ତ’ ଶ୍ରୀ ରାମକୃଷ୍ଣ ଦାସଙ୍କ ଦ୍ୱାରା ରଚିତ ଏକ କ୍ଷୁଦ୍ର ପୁସ୍ତିକା । ଏହି ପୁସ୍ତିକାଟି ସମ୍ପର୍କରେ ପ୍ରକାଶକଙ୍କ ଅଭିମତ ଏହିପରି : ବର୍ତ୍ତମାନ ସଂସାର ଘନଘୋର ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏହା ପୃଥ୍ୱୀ ବିବର୍ତ୍ତନର ଏକ ଘୋର ସନ୍ଧିକ୍ଷଣ ଅବସ୍ଥା । ଏହା ସତ୍ତ୍ୱେ ସାଧାରଣ ମାନୁଷୀ ଦୃଷ୍ଟିର ଅନ୍ତରାଳରେ ଏକ ବିରାଟ ମହତୀ ଭାଗବତୀ ଚେତନା କ୍ରିୟାଶୀଳ । ଯାହାର କୃପା ଓ ସ୍ପର୍ଶ ଲାଭ କରି ଏ ସୃଷ୍ଟି ଏକ ବିଶାଳ ବ୍ୟାପକ ଆଲୋକମୟ ସ୍ତରକୁ ଉଠି ଚାଲିଛି । ଅର୍ଥାତ୍ ଏବେ ସମଗ୍ର ମଣିଷ ସମାଜ ଏକ ଅପୂର୍ବ ଅଦ୍ଭୁତ ମାହେନ୍ଦ୍ର ବେଳା ମଧ୍ୟ ଦେଇ ଗତି କରୁଛି । ଏହି ପ୍ରସଙ୍ଗକୁ ଲେଖକ ଉପଲବ୍ଧି କରି ଏହାର ସଦ୍‌ବ୍ୟବହାର କିପରି କରିବାକୁ ହେବ ତାହା ସେ ଏହି କ୍ଷୁଦ୍ର ପୁସ୍ତିକାଟିରେ ପ୍ରକାଶ କରିଛନ୍ତି । ଏତତ୍ ଦ୍ୱାରା ମଣିଷ ସମାଜ ବହୁ ସଂଖ୍ୟାରେ ଏହି ଦେବମୁହୂର୍ତ୍ତ ସମ୍ବନ୍ଧରେ ସଚେତନ ହେବେ ଏବଂ ଏହାର ସଦ୍‌ବ୍ୟୟ କରିବେ ବୋଲି ଆଶା ।

ପୁସ୍ତିକାଟି ସମ୍ପର୍କରେ ସମ୍ୟକ୍ ସୂଚନା ପରେ ଏହାକୁ ଅଧ୍ୟୟନ ଓ ଅନୁଭବ କରିବା ଅଧିକ ସହଜ ହେବ ବୋଲି ଆଶା କରୁ – ସମ୍ପାଦନା]

(*ପୂର୍ବ ପ୍ରକାଶିତ ଉତ୍ତାରୁ ...*)

*ପ୍ରଶ୍ନ : କୁହାହେଲା ଯେ ଏହି ରୂପାନ୍ତର ଯୋଗ ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ । ଜୀବନହିଁ ଯୋଗ । ଶରୀରରୁ ରକ୍ତ ମାଂସ ଯେପରି ପୃଥକ୍ କରି ହେବ ନାହିଁ, ସେହିପରି ଜୀବନରୁ ଯୋଗକୁ ବି ପୃଥକ୍ କରି ହେବ ନାହିଁ । ଯଦି ଏହା ଯଥାର୍ଥ ହୁଏ, ତେବେ ସଂସାରର ସମସ୍ତ ବ୍ୟକ୍ତି ସାଧନା କରିବେ, କେହି ବି ବିବାହ କରିବେ ନାହିଁ । ଯୋଗସାଧନା କରିବାକୁ ହେଲେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିବ । ସନ୍ତାନ ନ ହେଲେ ସଂସାରରୁ ମନୁଷ୍ୟ ଜାତି ଲୋପ ହୋଇଯିବ । କ୍ରମବିକାଶ ବି ଚାଲିପାରିବ ନାହିଁ । ପୁଣି ଏହାର ବିପରୀତ କଥା କୁହାଗଲା – ‘‘ସଂସାରରେ ପଶୁ ଜାତି ଥାଇ ଯେପରି ମନୁଷ୍ୟ ଜାତି ରହିଅଛନ୍ତି, ସେହିପରି ମନୁଷ୍ୟ ଜାତି ଥାଇ ମଧ୍ୟ ଅତିମାନସ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବେ; ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।’’ ଉଭୟ ବାକ୍ୟ ଏକର ଅନ୍ୟଟି ବିପରୀତ ମନେ ହେଉଛି । ରୂପାନ୍ତରର ଯଥାର୍ଥ ରହସ୍ୟ ସ୍ପଷ୍ଟ ଭାବେ ବୁଝାଇ ଦିଅନ୍ତୁ ।*

ଉତ୍ତର : ରୂପାନ୍ତର ଯୋଗ ଯଥାର୍ଥ ଭାବେ ନ ବୁଝିବା ଯୋଗୁଁ ବିରୋଧାତ୍ମକ ମନେ ହେଉଛି । ଯଥାର୍ଥରେ ଉପରେ ଆଲୋଚନା ହୋଇଥିବା ବିଷୟ ବିରୋଧାତ୍ମକ ନୁହେଁ ।

ଯେପରି କ୍ରମବିକାଶ ଅନୁସାରେ ପ୍ରଥମରେ ମାଟି, ପଥର ଆଦି ଜଡ଼ବସ୍ତୁର ସୃଷ୍ଟି ହେଲା; ପରେ ପ୍ରାଣର ବିକାଶ ହେବାରୁ ମାଟି, ପଥର ଆଦି ଜଡ଼ବସ୍ତୁ ଥାଇ ମଧ୍ୟ ବୃକ୍ଷଲତା, ପଶୁପକ୍ଷୀ ଜାତ ହେଲେ । ପୁଣି ବୃକ୍ଷଲତା, ପଶୁପକ୍ଷୀ ଥାଇ ବି ମନର ବିକାଶ ମନୁଷ୍ୟ ମଧ୍ୟରେ ହେଲା । ସେହିପରି ମନୁଷ୍ୟ ଜାତି ଥାଇ ଅତିମାନବ ଜାତି ଓ ଅତିମାନସ ଚେତନା ପୃଥିବୀରେ ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

କୁହାହୋଇଛି, ‘‘ସମସ୍ତ ବ୍ୟକ୍ତିଙ୍କର ଜୀବନହିଁ ଯୋଗ, ଯୋଗକୁ ଜୀବନରୁ ପୃଥକ୍ କରାଯାଇ ପାରିବ ନାହିଁ ।’’ ଏହା ସତ୍ୟ ହେବା ସତ୍ତ୍ୱେ ସଂସାରର ସମସ୍ତ ବ୍ୟକ୍ତି ଯୋଗ ଗ୍ରହଣ ବା ଆଚରଣ କରିପାରିବେ ନାହିଁ । ଯେଉଁ ବ୍ୟକ୍ତିମାନେ ଯୋଗ ଗ୍ରହଣ କରିବେ, ସେମାନେ ସମସ୍ତେ ସମାନ ଭାବେ ତୀବ୍ରତା ସହ ଯୋଗ ସାଧନାର ନିୟମ ପାଳନ କରି ପାରିବେ ନାହିଁ । କିଂବା ସଂସାରର ସମସ୍ତ ବ୍ୟକ୍ତି ବିବାହ ନ କରି ଗୃହ-ପରିବାର ଛାଡ଼ି ସାଧନାରେ ପ୍ରବୃତ୍ତ ହେବେ ନାହିଁ । ଏହା ଭଗବାନଙ୍କ ସୃଷ୍ଟିର ବିଧାନ ନୁହେଁ । ଯେଉଁମାନେ ଯୋଗ ଗ୍ରହଣ କରିବେ, ସେମାନେ ପରିବାରରେ ରହି ମଧ୍ୟ ସୁଖଶାନ୍ତିରେ ରହିବେ ।

‘‘ଜୀବନହିଁ ଯୋଗ’’ – ଏହି ସତ୍ୟ ସଂସାରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବ, ପ୍ରତ୍ୟେକଙ୍କ କାନରେ ପଡ଼ିବ । ଏହି ସତ୍ୟ ଜାଣିଥିବା ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନଙ୍କର

ଅନ୍ତରାତ୍ମା କିଛି ଅଂଶରେ ବିକଶିତ ହୋଇଥିବ, ସେହିମାନେ ଏହି ସତ୍ୟକୁ ସମର୍ଥନ କରିବେ । ସମର୍ଥନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅନ୍ତରାତ୍ମା କିଛି ଅଧିକ ଜାଗ୍ରତ୍ ହୋଇଥିବ, ସେହିମାନେ ଏହି ଯୋଗକୁ ଗ୍ରହଣ କରିବେ, ଘରେ ଓ ଗ୍ରାମରେ ପାଠଚକ୍ର ପ୍ରତିଷ୍ଠିତ କରାଇବେ ଏବଂ ପାଠଚକ୍ର ପ୍ରସାର କରାଇବାକୁ ଚେଷ୍ଟା କରିବେ । ଏହିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଅନ୍ତରାତ୍ମା ଅତି ଅଧିକ ବିକଶିତ ହୋଇଥିବ, ସେହିମାନେ ତୀବ୍ର ଭାବେ ସାଧନାରେ ପ୍ରବୃତ୍ତ ହେବେ, ପାଠଚକ୍ରର ପ୍ରସାର କାର୍ଯ୍ୟ ଆନ୍ତରିକତା ସହ କରିବେ । ଅତିମାନସ ରୂପାନ୍ତର ଯୋଗ ସମ୍ବନ୍ଧେ ଜାଣିଥିବା ଭାଇ-ଭଉଣୀମାନଙ୍କ ମଧ୍ୟରୁ କେହି ଗୃହତ୍ୟାଗ କରି ତୀବ୍ର ଭାବେ ସାଧନା କରିବେ, କେହି ଗାର୍ହସ୍ଥ୍ୟାଶ୍ରମରେ ରହି ତୀବ୍ର ଭାବେ ସାଧନା କରିବେ । ଏହିପରି ତୀବ୍ରଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଂବା ସାଧାରଣ ଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ତରାତ୍ମାର ପ୍ରେରଣା ତଥା ଭଗବାନଙ୍କ ବିଧାନ ଅନୁସାରେ କେହି କେହି ଗୃହ-ପରିବାର ତ୍ୟାଗ କରିବେ ଏବଂ ନିଜର ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ଅତିମାନସ ରୂପାନ୍ତର ଯୋଗର ସନ୍ଦେଶ ପାଠଚକ୍ର ମାଧ୍ୟମରେ ଜନ୍ମଗ୍ରହଣ କରିଥିବା ଅଞ୍ଚଳ, ଜିଲ୍ଲା, ପ୍ରଦେଶ ତଥା ଭାରତ ବର୍ଷରେ ଏହାକୁ ପ୍ରସାରିତ କରାଇବା କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ମା'ଙ୍କ ଚରଣରେ ସମର୍ପଣ କରିବେ । କେହି କେହି ଏହି ସତ୍ୟ ସମଗ୍ର ପୃଥିବୀରେ ପ୍ରସାରିତ ହେବାରେ କାର୍ଯ୍ୟ କରିବେ ।

ଗୃହରେ ଥାଇ ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଏବଂ ଗୃହତ୍ୟାଗ କରି ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଖୁବ୍ କମ୍ ହେବ । ସାଧନା ଆରମ୍ଭ କରୁଥିବା ସାଧକ ଏବଂ ସାଧନାରେ ବହୁତ ଅଗ୍ରସର ହେଉଥିବା ସାଧକମାନଙ୍କ ମଝିରେ ଥାଇ ସାଧନା କରୁଥିବା ସାଧକମାନଙ୍କର ସାଧନା ସ୍ତର ବହୁତ ଅଗ୍ରଗତି କରିବ । କିନ୍ତୁ ସାଧନା ଆରମ୍ଭ କରୁଥିବା ସାଧକମାନଙ୍କର ସାଧନାସ୍ତର ଓ ଶେଷରେ ଥିବା ସାଧକମାନଙ୍କର ସାଧନାସ୍ତର ମଧ୍ୟରେ ପାବଚ୍ଛ ବା ଶିଡ଼ିସଦୃଶ ସମ୍ବନ୍ଧ ରହିବ । ଏହି ଯୋଗ ସାମୂହିକ ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀର ସାଧକମାନଙ୍କ ସାଧନା ପ୍ରତ୍ୟେକ ଶ୍ରେଣୀର ସାଧନାକୁ ସାହାଯ୍ୟ କରୁଥିବ । ସଂସାରରେ ସମସ୍ତ ବ୍ୟକ୍ତି ସାଧନା କରିବେ ନାହିଁ । ସାଧନା ନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ସମୟ ଅନୁସାରେ କେହି କେହି ସାଧନାରେ ପ୍ରବୃତ୍ତ ହେବେ । କିନ୍ତୁ ସାଧନା ନ କରୁଥିବା ମନୁଷ୍ୟ ସମାଜ ସଂସାରରେ ରହିବ । ସେମାନଙ୍କର ସନ୍ତାନ ହେଉଥିବ ।

ଭାରତବର୍ଷ ବା ପୃଥିବୀରେ ଏହି ଅତିମାନସ ସତ୍ୟର ଯେତେ ଅଧିକ ପ୍ରସାର ହେବ, ସେହି ଅନୁପାତରେ ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେବ । ସେମାନଙ୍କ ସଂଖ୍ୟାର ବୃଦ୍ଧି ଅନୁପାତରେ ସେମାନଙ୍କ ମଧ୍ୟରୁ ଉଚ୍ଚକୋଟୀର ସାଧକ ଅଳ୍ପ ସଂଖ୍ୟାରେ ବୃଦ୍ଧି ହେଉଥିବେ । ଯେତେବେଳେ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେମାନେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖକଷ୍ଟରୁ ପୂର୍ଣ୍ଣତଃ ମୁକ୍ତ ହେବେ, ସେତେବେଳେ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠିତ ହେବ ।

ଏହି ଯୋଗ ପୁରାତନ ସମସ୍ତ ଯୋଗ ସଦୃଶ ବ୍ୟକ୍ତିଗତ ନୁହେଁ, ଅର୍ଥାତ୍ ପୁରାତନ ଯୋଗରେ ଯେଉଁମାନେ ସାଧନା କରୁଥିଲେ ସେହିମାନେ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣରୁ ନିବୃତ୍ତ ହେଉଥିଲେ । ସଂସାରରେ ଯେଉଁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ ଥିଲା, ତାହାର ବୃଦ୍ଧି ହୋଇ ଚାଲୁଥିଲା, ଏହାର ସତ୍ୟତା ବର୍ତ୍ତମାନ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ରହିଛି ।

ଅତିମାନସ ରୂପାନ୍ତର ଯୋଗ ବ୍ୟକ୍ତିଗତ ନୁହେଁ, ସାମୂହିକ । ଏହି ଯୋଗକୁ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ସାଧନା କରିବେ, ସେହି ଅନୁପାତରେ ପୃଥିବୀର ବାତାବରଣ ଶୁଦ୍ଧ ଓ ପବିତ୍ର ହେଉଥିବ । ପୃଥିବୀର ବାତାବରଣ ଶୁଦ୍ଧ ହେଉଥିବା ଯୋଗୁଁ ଯେଉଁ ସାଧକମାନେ ସବୁଠାରୁ ଉଚ୍ଚକୋଟୀର ଥିବେ, ସେମାନଙ୍କ ସାଧନାରେ ସାହାଯ୍ୟ ମିଳିବ । ଉଚ୍ଚକୋଟୀର ସାଧକମାନେ ଯେତେ ସାଧନାରେ ଅଗ୍ରସର ହେଉଥିବେ, ପୃଥିବୀର ବାତାବରଣ ମଧ୍ୟ ସେହି ପରିମାଣରେ ଶୁଦ୍ଧ ହେଉଥିବ । ପୃଥିବୀର ବାତାବରଣ ପୂର୍ଣ୍ଣରୂପେ ଶୁଦ୍ଧ ହେଲେ ଏବଂ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ବର୍ତ୍ତମାନ ପୃଥିବୀରେ ଯେପରି ମାନସ ଚେତନା ପ୍ରତିଷ୍ଠିତ ହୋଇଛି, ସେହିପରି ପୃଥିବୀରେ ଅତିମାନସ ସତ୍ୟ-ଚେତନା ପ୍ରତିଷ୍ଠିତ ହେବ । ସମଗ୍ର ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଏହି ଯୋଗ ସାମୂହିକ ଏବଂ ପରସ୍ପରର ସହାୟକ ।

*ପ୍ରଶ୍ନ : ଯେଉଁ ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେମାନେ ଲକ୍ଷ୍ୟସିଦ୍ଧ କରି ଭଗବତ୍ ଚେତନାରେ ଭଗବତ୍*

*ଆନନ୍ଦରେ ନିବାସ କରିବେ । ଯେଉଁମାନେ ସାଧନା କରି ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରଗତି କରିବେ ସେମାନେ ସୁଖଶାନ୍ତିରେ ରହିପାରିବେ । କିନ୍ତୁ ଯେଉଁମାନେ ଗୃହସ୍ଥାଶ୍ରମରେ ରହି କୁଟୁମ୍ବ ପାଳନ-ପୋଷଣ କରିବେ, ସେମାନଙ୍କର ସନ୍ତାନ-ସନ୍ତତି ହେଉଥିବେ, ସେମାନଙ୍କ ସକାଶେ ଏହି ଦୁଃଖ-ଦ୍ୱନ୍ଦ୍ୱ ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗ ହେବ କିପରି ?*

ଉତ୍ତର : ପୃଥିବୀରେ ଅତିମାନସ ସତ୍ୟଚେତନା ପ୍ରତିଷ୍ଠିତ ହେଲେ ସୂର୍ଯ୍ୟର ପ୍ରକାଶରେ ଅନ୍ଧକାର ବିଲୀନ ହେବା ସଦୃଶ ଏହି ମୃତ୍ୟୁପୁରୀରୁ ଅଜ୍ଞାନଶକ୍ତି ଲୁପ୍ତ ହୋଇଯିବ । ଅଜ୍ଞାନଶକ୍ତି ସ୍ୱୟଂ ରୂପାନ୍ତରିତ ହେବାରୁ ତାହାର ଯନ୍ତ୍ର ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ଏହିସବୁ ଦୋଷହିଁ ମନୁଷ୍ୟର ପୂର୍ଣ୍ଣ ଶତ୍ରୁ । ଏସବୁ ନ ରହିଲେ ସାଧନା ନ କରୁଥିବା ବ୍ୟକ୍ତି ମହାନ୍ ଆନନ୍ଦରେ ରହିବେ । କିନ୍ତୁ ସାଧନା ନ କଲେ ସେମାନଙ୍କର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ ନାହିଁ ।

*ପ୍ରଶ୍ନ : ବର୍ତ୍ତମାନ ଅଜ୍ଞାନଶକ୍ତିର ଶାସନ ଥିବାରୁ ସବୁବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ସଚେତ ହୋଇ ପାରୁ ନାହାନ୍ତି । ଏସବୁ ରୂପାନ୍ତରିତ ହେଲେ ଅଜ୍ଞାନଶକ୍ତି ରହିବ ନାହିଁ । ସ୍ୱଚକ୍ଷୁରେ ମନୁଷ୍ୟମାନେ ଅତିମାନବ ଦିବ୍ୟଜାତିକୁ ଦେଖିବେ । ଅତିମାନସ ସତ୍ୟର ପ୍ରଭାବ ସେମାନଙ୍କ ଉପରେ ପଡ଼ିବ । ସେମାନେ ସାଧନା ନ କରି ରୂପାନ୍ତରିତ ନ ହେବେ କାହିଁକି ?*

ଉତ୍ତର : କ୍ରମବିକାଶ ତଥା ଭଗବାନଙ୍କ ସୃଷ୍ଟିର ବିଧାନ ଅନୁସାରେ ପୃଥିବୀରେ ମନୁଷ୍ୟଜାତି ରହିବେ । ସେମାନଙ୍କ ମଧ୍ୟରୁ କେତେକେ ସାଧନା କରି ରୂପାନ୍ତରିତ ହେଉଥିବେ । କ୍ରମବିକାଶ ପ୍ରଣାଳୀ ଅନୁସାରେ ପଶୁରୁ ମନୁଷ୍ୟ ରୂପେ ଜନ୍ମଗ୍ରହଣ କରୁଥିବେ । ଏହି ପ୍ରଣାଳୀ ସର୍ବଦା ଚାଲିବ । କିନ୍ତୁ ସେମାନଙ୍କର ଅଜ୍ଞାନତା ରହିବ ନାହିଁ । ଭଗବାନଙ୍କ କ୍ରମବିକାଶ ବିଧାନ ଅନୁସାରେ ପଶୁରୁ ମନୁଷ୍ୟ ସନ୍ତାନ ରୂପେ ଜନ୍ମଗ୍ରହଣ କରୁଥିବେ । କିନ୍ତୁ ବ୍ୟକ୍ତି କାମଶକ୍ତିର କବଳରେ ରହିବ ନାହିଁ ।

*ପ୍ରଶ୍ନ : ସାଧନାରେ ଅଗ୍ରସର ହେଲେ ସାଧକ ସୁଖଶାନ୍ତିରେ ରହି ପାରିବ କିନ୍ତୁ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି କିପରି ସୁଖ ଶାନ୍ତିରେ ରହିପାରିବ ? ସହଜ ପ୍ରଣାଳୀ ଥିଲେ ବୁଝାଇ ଦିଅନ୍ତୁ ।*

ଉତ୍ତର : ମା' ମୋ ସଙ୍ଗେ ସର୍ବଦା ରହି ସବୁ ବାଧା-ବିପଦରୁ ରକ୍ଷା କରିବେ, ଏହି ବିଶ୍ୱାସ ରଖିଲେ ସାଧକ ସାଧନାର ଆରମ୍ଭରୁ ସୁଖ-ଶାନ୍ତିରେ ରହି ସାଧନାରେ ଅଗ୍ରସର ହୋଇ ପାରିବେ । ଆରମ୍ଭ କରିବା ମାତ୍ରେ ବିଶ୍ୱାସ ରଖିବ ମା'ଙ୍କ ଉପରେ, ଧାରଣା କରିବ ମୁଁ ମା'ଙ୍କର । ମା' ମୋତେ ସବୁ ବିପଦରୁ, ଦୁଃଖ-କଷ୍ଟରୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଏହି ବିଶ୍ୱାସ ରଖି ମା'ଙ୍କୁ ସମର୍ପଣ କଲେ ସାଧାରଣ ମା' ଛୋଟ ଶିଶୁକୁ ରକ୍ଷା କରିବା ସଦୃଶ ଶ୍ରୀମା ସାଧକଙ୍କୁ ରକ୍ଷା କରିବେ ।

ଶ୍ରୀମା ବହୁତ ସ୍ଥଳରେ କହିଛନ୍ତି — ''ବ୍ୟକ୍ତି ଆନ୍ତରିକତା ସହ ଥରେ ଯଦି କହେ 'ମୁଁ ତୁମର', ସେହି ସମୟରୁ ମୋ ଶକ୍ତି ତା' ସହିତ ରହି ତାକୁ ରକ୍ଷା କରେ ।'' ରୂପାନ୍ତର କରିବ ଭାଗବତୀ ଶକ୍ତି । ଏହି କାରଣରୁ ସାଧନା ଆରମ୍ଭରୁ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖିବାକୁ ହୁଏ ।

ଏହି ରୂପାନ୍ତର-ଯୋଗର ସାଧନା ହେଉଛି ଅଭୀପ୍ସା, ସମର୍ପଣ, ପ୍ରତିକୂଳ କର୍ମ, ବିଚାରର ତ୍ୟାଗ, ନାମଜପ ଏବଂ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ସମର୍ପଣର ଅର୍ଥ — ନିଜେ, ନିଜର ଯାହାକିଛି : ଘର, ପରିବାର ସମ୍ପତ୍ତି ମା'ଙ୍କର । ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶ ସେବାଦି କାର୍ଯ୍ୟ ମା'ଙ୍କର ସେବା । ଏହି ମନୋଭାବ ରଖି 'ମା' ଏହି ନାମଜପ କଲେ ସମର୍ପଣ ଭାବ ଜାଗ୍ରତ୍ ରହିବ । ଏହି ସମର୍ପଣ ଭାବ ସହିତ ନାମଜପ ଚାଲିଲେ ସାଧକ ଏଥିରେ ବହୁତ ଆନନ୍ଦ ପାଇବ । ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ଯୋଗୁଁ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଭରସା ରହିବ । କୌଣସି ବାଧା-ବିପଦ ଆସିଲେ ମା'ଙ୍କ ଉପରେ ନିର୍ଭରତା ଥିବା ଯୋଗୁଁ ସେ ଦୁଃଖିତ, ବ୍ୟଥିତ, ବିଚଳିତ ନ ହୋଇ ବିପଦରୁ ରକ୍ଷା ପାଇବା ସକାଶେ ମା'ଙ୍କୁ ଡାକିବ । ମା'ଙ୍କ ଉପରେ ଭରସା ରଖି ମା'ଙ୍କୁ ଡାକିଲେ, ଅର୍ଥାତ୍ ନାମଜପ କଲେ ବିପଦ ଶାନ୍ତିରେ ପରିଣତ ହେବ । ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସାଧକକୁ ଆନନ୍ଦ ପ୍ରାପ୍ତ ହେବ ।

ସାଧନା ନ କରୁଥିବା ବ୍ୟକ୍ତି ଯେଉଁ ବାଧା-ବିପତ୍ତି ଚିନ୍ତାରେ ଦିବାରାତ୍ରି ଘାଣ୍ଟି ହେଉଥିବ, ମା'ଙ୍କ ଉପରେ ନିର୍ଭର ଥିବା ସାଧକ ସେ ବିପଦରୁ ସହଜରେ ମୁକ୍ତ ରହି ବାଧା-ବିପଦକୁ ଅତିକ୍ରମ କରି ପାରିବେ ।

*ପ୍ରଶ୍ନ : ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସମସ୍ତ ସାଧକଙ୍କ ସକାଶେ ଏହା ସମ୍ଭବ ହେବ ନାହିଁ । ବହୁତ କମ୍ ସାଧକ ସାଧନା ଆରମ୍ଭରୁ ଏପରି ମା'ଙ୍କୁ ସମର୍ପଣ କରି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ପାରିବେ । ସାଧାରଣ ସାଧକ ସାଧନା ଆରମ୍ଭରୁ ସୁଖ ଶାନ୍ତିରେ ରହିବେ କିପରି ?*

ଉତ୍ତର : ସାଧାରଣ ସାଧକ ଯାହାର ସାଧନାରେ ତୀବ୍ରତା ନାହିଁ, ସେ ସାଧନା ଆରମ୍ଭରୁ ସୁଖଶାନ୍ତିରେ ରହିପାରିବେ ଘରେ ପାଠଚକ୍ର କରିବା ଦ୍ୱାରା । ଏହା ଏକେବାରେ ନିରାଟ ବା ନିଶ୍ଚିତ ସତ୍ୟ ଯେ ବ୍ୟକ୍ତି ଏହି ଯୋଗ ଗ୍ରହଣ କରି, ମା'ଙ୍କ ପ୍ରତି ସମର୍ପଣ ଭାବ ରଖି, ତାଙ୍କ ଉପରେ ବିଶ୍ୱାସ ଭରସା ରଖି 'ମା' ଏହି ନାମ ଜପ କଲେ ସବୁପ୍ରକାର ବାଧା-ବିପତ୍ତି ଦୂର ହେବ । କିନ୍ତୁ ସାଧନାର ଆରମ୍ଭିକ ଅବସ୍ଥାରେ ବ୍ୟକ୍ତିର ବହୁଜନ୍ମର କୁସଂସ୍କାର ଥିବାରୁ ବିପଦ ଆସିଲେ ସେ ମା'ଙ୍କ ଉପରେ ରଖିଥିବା ବିଶ୍ୱାସ-ଭରସା ଭୁଲିଯିବ । ସେହି ବିପଦ ଚିନ୍ତାରେ ଯନ୍ତ୍ରଣା ଭୋଗ କରୁଥିବ । ସଚେତ ରହିପାରିବ ନାହିଁ । ଯଦି ବ୍ୟକ୍ତି ସାଧନାର ଆରମ୍ଭିକ ଅବସ୍ଥାରୁ ମା'ଙ୍କ ଚରଣରେ ବିଶ୍ୱାସ ରଖିପାରିବ ଏବଂ ନାମଜପ କରିବ, ତେବେ ସେ ସଚେତ ରହିବ । କିନ୍ତୁ ସବୁ ସମୟରେ ସଚେତ ରହିବାର ଉତ୍ତମ ଉପାୟ ହେଲା ତୀବ୍ର ଅଭୀପ୍ସା । ଏହି ତୀବ୍ର ଅଭୀପ୍ସା ହୁଏ ଘରେ ପାଠଚକ୍ର କରିବା ଦ୍ୱାରା । ପାଠଚକ୍ରରେ ଜୀବନର ଲକ୍ଷ୍ୟ, ମା'ଙ୍କୁ ସମର୍ପଣ ଏବଂ ମା'ଙ୍କ ଉପରେ ବିଶ୍ୱାସ-ଭରସା ରଖିବା ବିଷୟ ବାରଂବାର ଚର୍ଚ୍ଚା ହୁଏ ଏବଂ ପାଠଚକ୍ରର ଉତ୍ତମ ବାତାବରଣର ପ୍ରଭାବ ପଡ଼େ । ବ୍ୟକ୍ତିର ସାଧନାରେ ପାଠଚକ୍ର ବହୁତ ସାହାଯ୍ୟ କରେ । ଏହି ଦୃଷ୍ଟିରୁ ଗୃହରେ ଏବଂ ଗ୍ରାମରେ ପାଠଚକ୍ର ହେବା ଏକାନ୍ତ ଆବଶ୍ୟକ । ଘରେ ପାଠଚକ୍ର ହେଲେ ଗୃହରେ ଶାନ୍ତି ରହିବ । ପରସ୍ପର ମଧ୍ୟରେ ବାଦ-ବିବାଦ, କଳି, ମନୋମାଳିନ୍ୟ ହେବ ନାହିଁ । ଏହାର ଉତ୍ତମ ପ୍ରଭାବ ପଡ଼ିବ ପିଲାମାନଙ୍କ ଉପରେ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୫୩୦ -୫୩୪)

❑❑❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) :** **- Rs. 350**

**Ideal Child, Ideal Parent, Ideal Teacher (3in1) Booklet** **- Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ସଫଳତା ଓ ଅଗ୍ରଗତି

## ପ୍ରପତ୍ତି

କ୍ରମ-ବିକାଶ ମାର୍ଗରେ ଜୀବନଧାରା ବହି ଚାଲିଛି । ଯାହା ଅବିକଶିତ, ଅସମ୍ପୂର୍ଣ୍ଣ, ଅସମାପ୍ତ, ଅପୂର୍ଣ୍ଣ ତାହା ପୂର୍ଣ୍ଣତା ଓ ପରିଣତିର ଆଡ଼କୁ ନାନା ଜଟିଳ, କୁଟିଳ, କ୍ଷିପ୍ର ବା ମନ୍ଥର ଗତିରେ ଆଗେଇ ଚାଲିଛି । କୌଣସି ବସ୍ତୁ ଅପରିବର୍ତ୍ତନୀୟ ହୋଇ ରହି ନାହିଁ । ବିବର୍ତ୍ତନଶୀଳ ପୃଥିବୀରେ ଏପରି ରହିବା ମଧ୍ୟ କଠିନ । ପ୍ରତ୍ୟେକ ବସ୍ତୁ ପ୍ରାକୃତିକ ଧାରାରେ ପରିବର୍ତ୍ତିତ ହେବାକୁ ବାଧ୍ୟ । ମାତ୍ର ପରିବର୍ତ୍ତନର ଧାରା କ'ଣ ଏବଂ ଏହାର ଦିଗ କ'ଣ ? ଅଚେତନ ପ୍ରକୃତି କୋଳରେ ଯେଉଁ ପରିବର୍ତ୍ତନ ସଂଘଟିତ ହେଉଛି ତାହା ସମ୍ପୂର୍ଣ୍ଣ ଭାବରେ ପ୍ରକୃତି ପରିଚାଳିତ ଏବଂ ସେଥିରେ ଜଡ଼, ବୃକ୍ଷଲତା, ପଶୁପକ୍ଷୀ ସବୁକିଛି ଏହି ନିୟମର ଧାରାରେ ପରିଚାଳିତ । ଆଜିକାଲି ଅବଶ୍ୟ ମନୁଷ୍ୟ ନିଜ ବୁଦ୍ଧିର ପ୍ରୟୋଗ ଫଳରେ ପ୍ରାକୃତିକ ଜଗତରେ ବିପୁଳ ପରବିର୍ତ୍ତନ ସମ୍ଭବ କରାଇ ପାରିଛି । ଉଦ୍ଭିଦ ଓ ପ୍ରାଣୀ ଜଗତରେ ବିଭିନ୍ନ ପ୍ରକାର କୌଶଳ ପ୍ରୟୋଗ କରି କେତେକ ପରିବର୍ତ୍ତନ କରାଇ ପାରିଛି । କିନ୍ତୁ ତାହା ମଧ୍ୟ ପ୍ରାକୃତିକ । ମନୁଷ୍ୟ ଜୀବନଧାରାରେ ମଧ୍ୟ ପରିବର୍ତ୍ତନ ଆଶା କରିବା ନିଶ୍ଚୟ ସମ୍ଭବ, ମନୁଷ୍ୟର ବିବର୍ତ୍ତନ ମଧ୍ୟ ସମ୍ଭବ । ଏକ ଲକ୍ଷ ବା ଦୁଇ ଲକ୍ଷ ବର୍ଷ ପରେ ମନୁଷ୍ୟର ଏକ ଗଭୀରତର ପରିବର୍ତ୍ତନ ହୋଇପାରେ ବୋଲି ଆଶା କରିବା କିଛି ନିରର୍ଥକ ନୁହେଁ; କିନ୍ତୁ ଏହି ପରିବର୍ତ୍ତନର ସ୍ୱରୂପ ଓ ତାତ୍ପର୍ଯ୍ୟ କ'ଣ ?


ମନୁଷ୍ୟ ଯୁଗେ ଯୁଗେ ଯାହା ଚାହିଁଛି, ମାନବଜାତି ବା ସମାଜ ଯେଉଁ ବସ୍ତୁର ଅନୁସନ୍ଧାନ କରୁଛି ସେହି ଦିଗରେହିଁ ପରିବର୍ତ୍ତନ ସାଧିତ ହେବ । ଜାତି ବା ଗୋଷ୍ଠୀ ହିସାବରେ ମନୁଷ୍ୟ ଚାହିଁଛି ଅମୃତତ୍ୱ, ଜ୍ଞାନ, ଜ୍ୟୋତିଃ, ସତ୍ୟ, ଶାନ୍ତି ଓ ସୁଖ, ଜରା, ରୋଗ, ମୃତ୍ୟୁହୀନ ଅମର ଶରୀର । ଅନ୍ଧକାର, ଅଜ୍ଞାନ, ବନ୍ଧନ, ମୂର୍ଖତା ସେ ଚାହେଁ ନାହିଁ କିନ୍ତୁ ତାହାରି ମଧ୍ୟରେ ପଡ଼ି ରହିଛି । ଅତଏବ ଏହି ବନ୍ଧନ, ମୃତ୍ୟୁ, ଦୁଃଖ, ତାପ, ଅନ୍ଧକାର ଓ ଅଜ୍ଞାନର ଭୂମିରୁ ତାହାର ଉର୍ଦ୍ଧ୍ୱ ଭୂମିରେ ଉତ୍ଥାନ ହେବ । ଦିନେ ନା ଦିନେ ନିଶ୍ଚୟ ଏହା ସମ୍ଭବ ହେବ ।

ମନୁଷ୍ୟ ମୂଳତଃ ଏକ ଚେତନାର ପ୍ରକାଶ । ପ୍ରକୃତରେ କହିବାକୁ ଗଲେ ଜଗତର ସକଳ ବସ୍ତୁର ମୂଳରେ ଚେତନାହିଁ ନିହିତ । ଏହି ଚେତନାର ପୂର୍ଣ୍ଣଭୂମି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । କିନ୍ତୁ ଚେତନାର ଏହି ପୂର୍ଣ୍ଣ ଭୂମିରେ ମନୁଷ୍ୟ ଜରା, ରୋଗ ଓ ମୃତ୍ୟୁର ଅଧୀନ ହୋଇ ରହିବ ନାହିଁ । ଆମ୍ଭେମାନେ ଯେଉଁଠାରେ ବାସ କରୁଛୁ ସେଗୁଡ଼ିକ ଚେତନାର ଅବିକଶିତ, ଅପୂର୍ଣ୍ଣ, ଅଚେତନ, ଅର୍ଦ୍ଧଚେତନ ଭୂମି । ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଜ୍ୟୋତିର୍ମୟତା, ସର୍ବାଙ୍ଗୀନ, ଶାଶ୍ୱତ ଏବଂ ପୂର୍ଣ୍ଣ ଜ୍ଞାନ-ଶକ୍ତି ଆନନ୍ଦଯୁକ୍ତ । ପୂର୍ଣ୍ଣ ଚେତନାର ଭୂମିରେ କେବେ ଏପର୍ଯ୍ୟନ୍ତ କିଛି କରାଯାଇ ନାହିଁ, କାରଣ ଏହି ଚେତନାର ଆବିଷ୍କାର, ସକ୍ରିୟତା ସମ୍ବନ୍ଧରେ ପ୍ରଥମ ଥର ନିମିତ୍ତ ଶ୍ରୀଅରବିନ୍ଦ ଘୋଷଣା କଲେ ଏବଂ ତାହାର ଦିଗ୍‌ଦର୍ଶନ ସ୍ପଷ୍ଟ ରୂପେ ଦେଲେ । ଏହି ପୂର୍ଣ୍ଣ ଚେତନାର ନାମ ଶ୍ରୀଅରବିନ୍ଦ ଅତିମାନସ ଚେତନା ବୋଲି ଦେଇଛନ୍ତି । ସୁତରାଂ ଏହି ଚେତନାହିଁ ସତ୍ୟ-ଚେତନା, ଋତ୍, ଚିତ୍ ଓ ବିଜ୍ଞାନଭୂମି । ଏହି ଚେତନାର ପରିସ୍ଫୁରଣ ନିମିତ୍ତ ସମସ୍ତ ସୃଷ୍ଟି କ୍ରିୟା କରି ଚାଲିଛି । ଏହାହିଁ ଏହି ବିଶ୍ୱ ବିବର୍ତ୍ତନ ଧାରାର ଅର୍ଥ ବୋଲି ଶ୍ରୀଅରବିନ୍ଦ ନିର୍ଦ୍ଦେଶ କରିଛନ୍ତି । ଏହି ଦିଗରେ ଅଗ୍ରସର ହେବାହିଁ ଯଥାର୍ଥରେ ସଂସାରର ଅଗ୍ରଗତି ଓ ଉନ୍ନତି । ସେଥିପାଇଁ ମନୁଷ୍ୟ ଜୀବନର ଲକ୍ଷ୍ୟ ହେଲା ଏହି ଅପୂର୍ଣ୍ଣ ଜୀବନକୁ, ମନ-ପ୍ରାଣ-ଶରୀରକୁ ଏକ ସର୍ବାଙ୍ଗୀନ ପୂର୍ଣ୍ଣତା ଦିଗରେ ଅଗ୍ରସର କରାଇବା । ଯେପର୍ଯ୍ୟନ୍ତ ଆମ୍ଭେମାନେ ଏହି ଲକ୍ଷ୍ୟରେ ପହଞ୍ଚି ପାରି ନାହୁଁ ସେପର୍ଯ୍ୟନ୍ତ ଆମ୍ଭମାନଙ୍କୁ ନାନା ପ୍ରକାର ସଂଘର୍ଷ, ଦୁଃଖ, ଦ୍ୱନ୍ଦ୍ୱ ଓ ଅଶାନ୍ତି ମଧ୍ୟ ଦେଇ ଗତି କରିବାକୁ ହେବ । ଦୁଇଟି ସୃଷ୍ଟିର ମଧ୍ୟରେ ଆମ୍ଭେମାନେ ଆତଯାତ ହେଉଛୁ । ଗୋଟିଏ ସୃଷ୍ଟି ହେଲା ଏହି ବିଶ୍ୱ-ସଂସାର ଯାହା ମୃତ୍ୟୁର ଅଧୀନ, ଆଉ ଗୋଟିଏ ସୃଷ୍ଟି ହେଲା ଦିବ୍ୟ, ମାତ୍ର ତାହା ଏପର୍ଯ୍ୟନ୍ତ ପ୍ରକାଶିତ ବା ପ୍ରସ୍ଫୁଟିତ ହୋଇ ନାହିଁ । ଆମର ସମଗ୍ର ଜୀବନର ଧାରା ଏହି ନିମ୍ନ ସୃଷ୍ଟିରେ ଅତିବାହିତ ହୋଇ ଯାଇଛି । ଉର୍ଦ୍ଧ୍ୱ ସୃଷ୍ଟିର କେବଳ ଏକ ଛାୟା ମଧ୍ୟରେ ଆମ୍ଭେମାନେ ଜୀବନ ଧାରଣ କରୁଛୁ । ଶ୍ରୀଅରବିନ୍ଦଙ୍କର ସାଧନା ହେଲା ଏହି ଉର୍ଦ୍ଧ୍ୱ ସୃଷ୍ଟ ସତ୍ୟ, ଜ୍ୟୋତିଃ ଓ ଶକ୍ତିର ପ୍ରତିଷ୍ଠା କରିବା । ଏହା ଫଳରେ ପାର୍ଥିବ ଜୀବନଧାରାରୁ ଅଶାନ୍ତି, ଦ୍ୱନ୍ଦ୍ୱ ଓ ବିକ୍ଷୋଭର ଅବସାନ ଘଟିବ ।

ଏହାହିଁ ଯଦି ସମଗ୍ର ପୃଥିବୀ ଓ ସମଗ୍ର ବିଶ୍ୱ-ସୃଷ୍ଟିର ଧାରା ତାହାହେଲେ ଆମ ଜୀବନର ଧାରା ମଧ୍ୟ ସେହି ଦିଗରେ ଗତି କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ସୁତରାଂ ପ୍ରଗତିର ଅର୍ଥ ହେଲା ପୂର୍ଣ୍ଣଚେତନାର ବିକାଶ ପଥରେ ଦେହ-ପ୍ରାଣ-ମନ ପ୍ରକୃତିର ସୁସ୍ପଷ୍ଟ ପୂର୍ଣ୍ଣତା ପଥରେ ଅଗ୍ରସର ହେବା । ଅଗ୍ରଗତି ହେଲା ଚେତନାର ଊର୍ଦ୍ଧ୍ୱାୟନ ଗତି, ଚେତନାର ସମ୍ପ୍ରସାରଣ, ଚେତନାର ଗଭୀରତା ଓ ଉଚ୍ଚତା ପ୍ରାପ୍ତି । ଯେଉଁଠାରେ ଚେତନାର ଅଗ୍ରଗତି ନହୋଇ କେବଳ ସଂସାରର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସଫଳତା ଅର୍ଜନ କରାଯାଏ, ତାହା ଅଗ୍ରଗତି ନୁହେଁ । ଆଧୁନିକ ସଭ୍ୟତାରେ ଜୀବନର ମୂଲ୍ୟାୟନ କରିବାକୁ ଯାଇ ଆମ୍ଭେମାନେ ଜୀବନରେ ସଫଳତାକୁ ଉଚ୍ଚ ସ୍ଥାନ ଦେଇଛୁ । ଯେକୌଣସି ଉପାୟରେ ସଫଳ ହେବାକୁ ଆମ୍ଭେମାନେ କଲ୍ୟାଣକର ମନେ କରୁ । ମାତ୍ର ମନୁଷ୍ୟର କାମନା, ବାସନା, ଆବେଗ ଓ ପ୍ରବେଗ ମଧ୍ୟରୁ ଯେଉଁ ସଫଳତା ଜାତ ହୁଏ ତାହା ଅଗ୍ରଗତି ନୁହେଁ, ତାହା ଅଗ୍ରଗତିର ପଥରୋଧ ମାତ୍ର । ଏପରିକି ଏକ ବିରାଟ ସଭ୍ୟତା ଓ ଭୌତିକ ସଫଳତା ବେଳେ ବେଳେ ଏପରି ଆକାର ଧାରଣ କରେ ଯେ ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେବାକୁ ପଡ଼େ । ହିଟ୍‌ଲର ପ୍ରକୃତିରେ ଆସୁରିକ କ୍ଷମତା ସମ୍ପନ୍ନ ହୋଇ ବ୍ୟକ୍ତିଗତ ଯେଉଁ ସଭ୍ୟତା ସୃଷ୍ଟି କରିଥିଲେ ତାହା ମାନବଜାତିର ଅଗ୍ରଗତି ନିମିତ୍ତ ବାଧା ସୃଷ୍ଟି କରିବା ହେତୁ ତାହାକୁ ନଷ୍ଟ କରି ଦେବାକୁ ହେଲା । ଆଜିକାଲି ଆମ୍ଭେମାନେ ସମସ୍ତେ ସଫଳତାକୁ ଜୀବନର ଲକ୍ଷ୍ୟ ବୋଲି ଭାବିଛୁ, ମାତ୍ର ଜୀବନର ଲକ୍ଷ୍ୟ ସଫଳତା ନହୋଇ ଅଗ୍ରଗତି ହେବା ଉଚିତ । ❑

## ପ୍ରାପ୍ତି ସ୍ୱୀକାର

**'ଚେତନା ରଶ୍ମି'** (*Rays of Consciousness*) ପୁସ୍ତକଟି
ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାରୁ ସଂଗୃହୀତ
୧୦୦ଟି ବାଣୀ ଏବଂ ତତ୍ ଅବଲମ୍ବନରେ ଲିଖିତ
ଚେତନାଧର୍ମୀ କବିତା ଶତକର ସମାହାର ।
ପ୍ରତିଟି ପୃଷ୍ଠା ଅନୁରୂପ ଢଙ୍ଗରେ ଚିତ୍ରିତ : ରଙ୍ଗିନ ତଥା ପ୍ରତୀକାତ୍ମକ ।




## ଚେତନା ରଶ୍ମି

ଏହାର ରଚୟିତା ଆଶ୍ରମର ଅନ୍ତେବାସୀ **ଶ୍ରୀ ସନ୍ତୋଷ ରଥ**
ଏବଂ ଅଳଙ୍କରଣ କରିଛନ୍ତି **ଶ୍ରୀ ଜଗତରାମ ମେହେର ।**
୨୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ ଟ. ୧୦୦.୦୦ ।
ପ୍ରକାଶକ : ଶ୍ରୀମୀରା ଟ୍ରଷ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ
ମୁଦ୍ରଣ : ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ, ପଣ୍ଡିଚେରୀ

**ପ୍ରାପ୍ତିସ୍ଥାନ :**
ନବଜ୍ୟୋତି କାର୍ଯ୍ୟାଳୟ ଓ SABDA ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ - ୨;
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୬)

**ମହେନ୍ଦ୍ରନାଥ ସ୍ୱାଇଁ**

**ଅନ୍ତର୍ଚେତନା :**

ଫେବ୍ରୁଆରୀ ୫, ୧୯୧୪ ପ୍ରାର୍ଥନାଟିରେ ଶ୍ରୀମା ଲେଖନ୍ତି –

"WHAT could be said that is not always the very same aspiration: the law of divine love, the purest expression of what we can conceive of Thee, must be realised more and more upon earth and triumph over all ignorant egoism; we must become more and more perfectly the faithful servitors of that power of love and light, we must live in it, by it; that alone must live and act in us.

O Lord, become the sovereign Master of our lives and dispel all the obscurities which can still prevent us from seeing Thee and constantly communing with Thee.

Liberate us from all ignorance, liberate us from ourselves that we may open wide the doors of Thy glorious manifestation."

(Prayers and Meditations, P. 66)

''ଆମେ ଯାହା କହୁ ତାହା ସର୍ବଦା ସେଇ ଏକ ପ୍ରକାରର ଅଭୀପ୍ସା ନୁହେଁ : ଦିବ୍ୟ-ପ୍ରେମର ବିଧାନ, ତୁମ ବିଷୟରେ ଆମର ଯାହାସବୁ ଧାରଣା ସେଗୁଡ଼ିକର ବିଶୁଦ୍ଧ ପରିପ୍ରକାଶକୁ ଆମେ ନିଶ୍ଚିତ ଭାବରେ ଅନୁଭବ କରିବା ଉଚିତ ଅଧିକରୁ ଅଧିକ ଭାବରେ, ଏହି ପୃଥିବୀରେ ଏବଂ ସମସ୍ତ ପ୍ରକାର ଅଜ୍ଞାନତାପୂର୍ଣ୍ଣ ଅହଂକାର ଉପରେ ବିଜୟ ହାସଲ କରିବାକୁ ହେବ । ଆମେ ସମସ୍ତେ ଅଧିକରୁ ଅଧିକ ପୂର୍ଣ୍ଣ ରୂପେ ସେହି ପ୍ରେମ ଏବଂ ଆଲୋକର ଜଣେ ଜଣେ ଶକ୍ତିମୟ ବିଶ୍ୱସ୍ତ ସେବକ ହୋଇଉଠୁ, ତାକୁହିଁ ଆଶ୍ରୟ କରି ଯେପରି ଜୀବନ-ଯାପନ କରୁ, ଏହା ଦ୍ୱାରା ଚଳପ୍ରଚଳ ହେଉ; ଏକମାତ୍ର ସେହିଁ ନିଶ୍ଚିତ ରୂପେ ଆମ ଭିତରେ ବାସ କରନ୍ତୁ ଏବଂ କାର୍ଯ୍ୟ କରି ଚାଲନ୍ତୁ ।

''ହେ ପ୍ରଭୁ, ଆମ ଜୀବନର ସାର୍ବଭୌମ ଗୁରୁ ହୁଅ ଏବଂ ସକଳ ପ୍ରକାର ଅଜ୍ଞାନ ଅନ୍ଧକାରକୁ ଦୂରୀଭୂତ କରି ଦିଅ, ଯେଉଁ ଅନ୍ଧକାର ବର୍ତ୍ତମାନ ସୁଦ୍ଧା ତୁମକୁ ଦର୍ଶନ କରିବାରୁ ଏବଂ ନିରବଚ୍ଛିନ୍ନ ଭାବରେ ତୁମ ସହିତ ସମ୍ପର୍କ ରଖିବାରୁ ଆମକୁ ବଞ୍ଚିତ କରି ରଖିଛି ।

''ସକଳ ପ୍ରକାର ଅଜ୍ଞାନତାରୁ ଆମକୁ ମୁକ୍ତି ପ୍ରଦାନ କର, ଆମ୍ଭମାନଙ୍କୁ ଆମଠାରୁ ମୁକ୍ତ କରି ଦିଅ ଯାହାଫଳରେ ଆମ୍ଭେମାନେ ତୁମର ଗୌରବୋଜ୍ଜ୍ୱଳ ପରିପ୍ରକାଶର ଦ୍ୱାରକୁ ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ କରି ଦେଇପାରୁ ।''

ଉକ୍ତ ପ୍ରାର୍ଥନାଟିକୁ ପାଠ କଲାପରେ ଆମେ ଜାଣି ପାରୁଛୁ ଯେ ଆମେ ନିଜେ ଆମର ସବୁଠାରୁ ବଡ଼ ଶତ୍ରୁ; କାରଣ ଆମର ଅଜ୍ଞାନତା ଆମକୁ ଆମ ଆତ୍ମାର ବାସ୍ତବତାକୁ ଚିହ୍ନିବାରେ ବାଧା ସୃଷ୍ଟି କରୁଛି । ଅନେକ କାମନାବାସନାର ଯନ୍ତାରେ ପଡ଼ି ମଣିଷ ସଦାସର୍ବଦା 'ବର୍ତ୍ତମାନ ଏଇଟି ଆବଶ୍ୟକ' ପରମୁହୂର୍ତ୍ତରେ 'ଅନ୍ୟକିଛି ଆବଶ୍ୟକ' ଏହା ଚିନ୍ତା କରି କରି କ୍ଷଣସ୍ଥାୟୀ ଖୁସି ପଛରେ ଧାଉଁଛି ଏବଂ ଆତ୍ମ ସନ୍ତୋଷ ନିମନ୍ତେ କର୍ମ କରୁ କରୁ ପଙ୍କ ଭିତରେ ପଡ଼ି ଛଟପଟ ହେଉଛି; କିନ୍ତୁ ଏହି କର୍ମଧାରାକୁ ତ୍ୟାଗ କରିବାକୁ ରାଜି ହେଉ ନାହିଁ । ଏହି ଅଭ୍ୟାସଗତ କାର୍ଯ୍ୟରେ ଦୁଃଖଦ ତଥା ହାସ୍ୟାସ୍ପଦ କଥାଟି ହେଉଛି ଆମେ ନିଜ ନିଜର ଭୁଲ୍‌କୁ ସ୍ୱୀକାର କରିବାକୁ ଇଚ୍ଛା ପ୍ରକାଶ କରୁ ନାହୁଁ, ବରଂ ଆମ ଭୁଲ୍‌ଟିକୁ ସତ୍ୟ ବୋଲି ପ୍ରମାଣ କରିବା ନିମନ୍ତେ ଅବାନ୍ତର ଯୁକ୍ତିମାନ ମଧ୍ୟ ବାଢ଼ି ଦେଉଛୁ । ସେଥିରେ ବିଜୟ ଲାଭ କଲେ ଖୁସିରେ ଫାଟି ପଡୁଛୁ ଏବଂ ତାହା ଏକ ପାରିଲାପଣିଆ ବୋଲି ଭାବି ପ୍ରଚାର ପ୍ରସାର କରିବାରେ ଲାଗି ପଡୁଛୁ । ଆମ ଭିତରେ ଥିବା ଅବଚେତନାର ପ୍ରଭାବ ଏବଂ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଆସୁରିକ ଶକ୍ତିମାନେ ଆମ ପାଇଁ ଖୋଳିଥିବା ଗର୍ତ୍ତ ମଧ୍ୟରେ ଆମେ ପଡ଼ି ଯାଉଛେ । ଆମ

ଅହଂକାର ହେଉଛି ଏହି ସମସ୍ତ ଅସୁବିଧାର ଏକମାତ୍ର କାରଣ । ଅହଂକାର କମିଲେ, ଅସୁବିଧା କମିଯାଏ; ଅହଂକାର ବଢ଼ିଲେ, ଅସୁବିଧା ବଢ଼ିଯାଏ ।

ଯଦି ଆମେ ଅନ୍ୟମାନଙ୍କର ଅନ୍ତର ଖୋଲା ସ୍ମିତହାସ୍ୟକୁ ଦେଖି ଆନନ୍ଦିତ ହୋଇ ପାରିଲେ, ପୁନଶ୍ଚ ଅନ୍ୟର ଦୁଃଖରେ ସହଭାଗୀ ହୋଇ ପାରିଲେ, ତେବେ ଆମର ଅହଂକାର ତଥା ମମତ୍ୱ କ୍ରମଶଃ କ୍ଷୀଣ ହେବାକୁ ଲାଗିବ ଏବଂ ଅନ୍ୟମାନଙ୍କ ସହ ଏକାତ୍ମ ହେବାକୁ ସହଜ ହେବ । ଆମେ ଏକ ସାର୍ବଜନୀନ ସତ୍ତାରେ ପରିଣତ ହୋଇଯିବା । ଏଥିନିମନ୍ତେ ଆମେ ଆମର ଚେତନାକୁ ସଂପ୍ରସାରିତ କରି ଦିବ୍ୟ ପ୍ରେମର ବିଧାନକୁ ଅନୁସରଣ କରିବାକୁ ଲାଗିବା ।

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଦିବ୍ୟ ପ୍ରେମର ବିଧାନ ବା 'Law of divine love' ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏକଦା ଜନୈକ ସାଧକ ଭକ୍ତ ମା'ଙ୍କୁ ପ୍ରଶ୍ନଟିଏ ନିବେଦନ କରି ପଚାରିଛନ୍ତି, ''ମା, ଆପଣ ଆମଠାରୁ କ'ଣ ଚାହାଁନ୍ତି ?'' ମା'ଙ୍କ ଉତ୍ତର – ''କିଛି ନୁହେଁ ।'' ''ମା' ଆମେ ଆପଣଙ୍କଠାରୁ କ'ଣ ଚାହିଁବୁ ?'' ମା' କହିଲେ, ''ସବୁକିଛି ।'' ଏହାହିଁ ଦିବ୍ୟ ପ୍ରେମର ବିଧାନ ବା ଧାରା । ଏହା ପାଠ କରି ଆମେ ପ୍ରୟାସ କରିବା ଯେ ଆମେ କିପରି ଆମ କ୍ଷୁଦ୍ର ବ୍ୟକ୍ତିତ୍ୱର ଅହଂକାରରୁ ମୁକ୍ତ ହୋଇ ଦିବ୍ୟ-ବ୍ୟକ୍ତିତ୍ୱ ବା "Divine Self" ଆଡ଼କୁ ନିଜକୁ ଉନ୍ମୋଚନ କରିଦେଇ ପାରିବା । ଫଳରେ ଆମ ଆଚାର-ବ୍ୟବହାର, ଚାଲିଚଳନ, କଥାବାର୍ତ୍ତା, ପୋଷାକପତ୍ରରେ ପରିବର୍ତ୍ତନ ଦେଖା ଦେବ । ଆମ କାମ କରିବାର ଢଙ୍ଗ ମଧ୍ୟ ବଦଳିଯିବ । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ସାରିଲା ପରେ ଶ୍ରୀ ଶ୍ରୀ ରମଣ ମହର୍ଷିଙ୍କର ଶିଷ୍ୟ ବଶିଷ୍ଠ ଗଣପତି ମୁନିଙ୍କର କିପରି ପରିବର୍ତ୍ତନ ହୋଇ ଯାଇଥିଲା ସେହି ବିଷୟରେ ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

''ବଶିଷ୍ଠ ଗଣପତି ମୁନି'' ଯାହାଙ୍କୁ ସମସ୍ତେ 'ନୟନ' ବା 'ବାବା' ବୋଲି ଡାକୁଥିଲେ, ସେ ''ଉମାଶରଣଂ'' ନାମକ ଏକ ସଂସ୍କୃତ ଶ୍ଳୋକମାଳାର ରଚୟିତା ଏବଂ ''ଶ୍ରୀବିଦ୍ୟା''ର ଏକ ଅଦ୍ୱିତୀୟ ଅନନ୍ୟ ସାଧାରଣ ଉପାସକ । ଗଣପତି ମୁନିଙ୍କର ଗୁରୁ ହେଉଛନ୍ତି ତିରୁବନ୍ନମଲାଇର ବିଶିଷ୍ଟ ସାଧକ ଶ୍ରୀ ଶ୍ରୀ ରମଣ ମହର୍ଷି । ଟି. ଭି. କପାଳୀଶାସ୍ତ୍ରୀ ମଧ୍ୟ ଶ୍ରୀ ରମଣ ମହର୍ଷିଙ୍କ ପବିତ୍ର ପାଦ ତଳେ ବସି ଉପଦେଶ ଶ୍ରବଣ କରୁଥିଲେ ।

ଶାସ୍ତ୍ରୀ ମହୋଦୟଙ୍କର ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ସମ୍ପର୍କ କଥା ବାହାରେ ପ୍ରଚାରିତ ହେଲା ପରେ ସେହି ସମ୍ପର୍କରେ ଏକ ନୂତନ ଆଧ୍ୟାତ୍ମିକ ଅଧ୍ୟାୟ ସୃଷ୍ଟି ହେଲା, ସୁତରାଂ ଏକଥା ସ୍ୱାଭାବିକ ହୋଇଗଲା ଯେ ଗଣପତି ମୁନିଙ୍କର ମଧ୍ୟ ଶୀଘ୍ର ହେଉ ବା ବିଳମ୍ବରେ ହେଉ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ବାଟ ପରିଷ୍କାର ହୋଇଗଲା । ବଶିଷ୍ଠ ଗଣପତି ମୁନିଙ୍କ ରଚିତ ''ଉମା ଶରଣଂ'' ପୁସ୍ତିକାଟିକୁ ଦୁରାଇସ୍ୱାମୀ ଆୟାର ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଅର୍ପଣ କଲେ । ପ୍ରଭୁ ସେହି ପୁସ୍ତିକାଟି ପାଠ କରି ସେଥିରେ ଥିବା ଶବ୍ଦ ସଂଯୋଜନାର ଚମତ୍କାରିତା ଏବଂ ଦିବ୍ୟ ଦୃଷ୍ଟିର ପ୍ରାମାଣିକ ତଥ୍ୟକୁ ଦେଖି ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରୀମା ତତ୍‌କ୍ଷଣାତ୍ ଦୁରାଇସ୍ୱାମୀ ଆୟାରଙ୍କୁ ଡାକି କହିଲେ, ''ଯଦି ଗଣପତି ମୁନି ମହୋଦୟ ଅଗଷ୍ଟ ପନ୍ଦର ଦର୍ଶନକୁ ଆସନ୍ତି ତାଙ୍କୁ ସ୍ୱାଗତ କରାଯିବ ।'' ଯେତେବେଳେ ମା'ଙ୍କର ଏହି ବାର୍ତ୍ତାକୁ ଗଣପତି ମୁନିଙ୍କୁ ପ୍ରଦାନ କରାଗଲା ସେ ତାକୁ ନେଇ ତାଙ୍କ ଗୁରୁ ଶ୍ରୀ ରମଣ ମହର୍ଷିଙ୍କ ପାଖକୁ ଗଲେ ଏବଂ ତାଙ୍କ ପରାମର୍ଶ ଲୋଡ଼ିଲେ । ମହର୍ଷି କହିଲେ ''ଏହା ଏକ ଦୈବ ସଂକଳ୍ପ "Daiva Sankalpam" । ତଦନୁସାରେ ଗଣପତି ମୁନି (ନୟନ) ୧୪, ଅଗଷ୍ଟ ୧୯୨୮ରେ ପଣ୍ଡିଚେରୀରେ ପଦାର୍ପଣ କଲେ ଏବଂ ତା' ପରଦିନ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ମା'ଙ୍କ ଦର୍ଶନ ଲାଭ କଲେ । ଯଦିଓ ଗଣପତି ମୁନି ପ୍ରଥମେ ଦର୍ଶନ କରିବାକୁ କୁଣ୍ଠିତ ହେଉଥିଲେ, ଦର୍ଶନ କରି ସାରିଲା ପରେ ତାଙ୍କର ଏକ ଚମତ୍କାର ଅନୁଭୂତି ପ୍ରାପ୍ତ ହେଲା । ବାହାରକୁ ଆସି ସେ ଖୁସିରେ ଉଚ୍ଚାରଣ କଲେ, ''ଓଃ କି ଦିବ୍ୟମୂର୍ତ୍ତି !'' – ଏହା ଅବଶ୍ୟ ଏକ ଅବ୍ୟକ୍ତ ଖଣ୍ଡ ବାକ୍ୟ; କିନ୍ତୁ ଯାହା ସେ ବ୍ୟକ୍ତିଗତ ଭାବେ ପ୍ରକାଶ କଲେ ତାହା ତାଙ୍କ ଭିତରର ପରିପ୍ରକାଶ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କର ଯୁଗ୍ମ ଉପସ୍ଥିତିର ଏକ ଅତି ଚମତ୍କାର ସ୍ୱରୂପ, ପବିତ୍ର ଏବଂ ଗୌରବମୟ ଭାବ ଦର୍ଶନ କରି ଗଣପତି ମୁନିଙ୍କ ଅନ୍ତଃପ୍ରଦେଶରୁ ସ୍ୱୟଂ ଉତ୍ସାରିତ ହେଲା – "O, Divine Personalities !" ''ହେ ଦିବ୍ୟ ବ୍ୟକ୍ତିତ୍ୱ !'' ତା' ପରଦିନ ଗଣପତି ମୁନି ଦିବ୍ୟଜନନୀ ଶ୍ରୀମା'ଙ୍କୁ ଅଧଘଣ୍ଟାଏ କାଳ ଦର୍ଶନ କରିଥିଲେ ଏବଂ ମା'ଙ୍କ ସହିତ ଧ୍ୟାନ କଲା ବେଳେ ସେ ଅନୁଭବ କଲେ ଯେ ଯେପରି ତାଙ୍କ ଭିତରକୁ ଚତୁର୍ଦ୍ଦିଗରୁ ଆଧ୍ୟାତ୍ମିକ ସ୍ରୋତ ଧସେଇ ପଶି ଆସୁଛି । Sri K. S. Venkatramanଙ୍କ କହିବା ଅନୁସାରେ ଶ୍ରୀମା ତା'ପରେ

''ଦୁରାଇସ୍ୱାମୀ ଆୟାର''ଙ୍କୁ ଦେଖି କହିଲେ, "He (Nayana) is the one man who immediately entered into my Spiritual Consciousness and stuck to it to the end." । ଅର୍ଥାତ୍, ''ସେ (ନୟନ) ହେଉଛନ୍ତି, ଏକମାତ୍ର ବ୍ୟକ୍ତି ଯେ କି ତତ୍‌କ୍ଷଣାତ୍ ମୋ ଆଧ୍ୟାତ୍ମିକ ଚେତନା ଭିତରକୁ ପ୍ରବେଶ କରିଗଲେ ଏବଂ ଶେଷ ପର୍ଯ୍ୟନ୍ତ ସେହିଠାରେ ସ୍ଥିର ଭାବରେ ରହିଲେ ।''

ତା' ପରଦିନ ଗଣପତି ମୁନିଙ୍କର ଶ୍ରୀମାଙ୍କ ସହ ସାକ୍ଷାତ୍କାର ବା ଦର୍ଶନ ହେଲା; ଯାହା ଦୀର୍ଘ ପଇଁଚାଳିଶ ମିନିଟ ଧରି ଚାଲିଥିଲା । ସେ ଶ୍ରୀମାଙ୍କ ଭିତରେ 'ଦେବୀ ଶାକମ୍ଭରୀ'ଙ୍କୁ ସାକ୍ଷାତ୍ ଦର୍ଶନ କଲେ, ଯେଉଁ ଦେବୀ ହେଉଛନ୍ତି ସର୍ବୋତ୍ତମ ଶକ୍ତିଙ୍କର ଏକ ଜାଜ୍ୱଲ୍ୟମାନ ପରିପ୍ରକାଶ ଏବଂ ସେ ସ୍ୱୟଂ ହେଉଛନ୍ତି 'ଗଣପତି' ବା ଶ୍ରୀଗଣେଶ ଯେ କି ତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରୁଛନ୍ତି – ମା' ତାଙ୍କ ଦିବ୍ୟ-କାର୍ଯ୍ୟର ଯନ୍ତ୍ର ରୂପେ ତାଙ୍କୁ ବ୍ୟବହାର କରିବାକୁ ।

ଶାକମ୍ଭରୀ ଦେବୀଙ୍କୁ ସହସ୍ରାକ୍ଷୀ ମଧ୍ୟ କୁହାଯାଏ । ଦେବୀ ହେଉଛନ୍ତି ପାଳନକର୍ତ୍ତ୍ରୀ, ଅନ୍ନଦାତ୍ରୀ; ତାଙ୍କୁ 'ମହାଦେବୀ' ମଧ୍ୟ କୁହାଯାଏ । ସେ ମା ଲକ୍ଷ୍ମୀ ଓ ମା ଦୁର୍ଗାଙ୍କର ମିଶ୍ରିତ ଅବତାର – ଦେବୀ ସହସ୍ରାକ୍ଷୀ ।

ଏକଦା ପୃଥିବୀପୃଷ୍ଠରେ ବର୍ଷା ହେଲା ନାହିଁ । ଚତୁର୍ଦ୍ଦିଗରେ ଖାଦ୍ୟାଭାବ ଦେଖା ଦେଲା, ଦୁର୍ଭିକ୍ଷ ପଡ଼ିଲା । ପୃଥିବୀର ଅଧିବାସୀ ଏକତ୍ରିତ ହୋଇ ମା' ଦୁର୍ଗାଙ୍କୁ ପ୍ରାର୍ଥନା କଲେ । ସେମାନଙ୍କର ପ୍ରାର୍ଥନାର ଉତ୍ତରରେ ମହିଷମର୍ଦ୍ଦିନୀ 'ମା ଦୁର୍ଗା' ଶାକମ୍ଭରୀ ରୂପରେ ଉଭା ହେଲେ । ପୃଥିବୀର ଅବସ୍ଥା ଦେଖି ମା' ଶାକମ୍ଭରୀ କ୍ରନ୍ଦନ କରିବାକୁ ଲାଗିଲେ; ତାଙ୍କର ସହସ୍ର ଚକ୍ଷୁରୁ ଅଶ୍ରୁଧାରା ନିର୍ଗତ ହେବାକୁ ଲାଗିଲା । ସେହି ଅଶ୍ରୁଧାରାରେ ପୃଥିବୀପୃଷ୍ଠର ନଦୀ, ନାଳ, ପୁଷ୍କରିଣୀ ଜଳପୂର୍ଣ୍ଣ ହୋଇଗଲା । ଧରିତ୍ରୀ ମାତା ପୁନଶ୍ଚ ଶସ୍ୟଶ୍ୟାମଳା ହୋଇ ଉଠିଲେ । ରାଜସ୍ଥାନର ଉଦୟପୁର ନିକଟରେ ଶ୍ରୀ ଶାକମ୍ଭରୀ ମନ୍ଦିର ଅବସ୍ଥିତ । ତାହା ଶାକରାଇ ଧାମ ନାମରେ ବିଖ୍ୟାତ ।

ଯେତେବେଳେ ଗଣପତି ମୁନି ଦେବୀ ଶାକମ୍ଭରୀଙ୍କ ଉପରେ ଏକାଗ୍ର ହୋଇ ଦେବୀଙ୍କ ମହିମା ବିଷୟରେ ବିଭିନ୍ନ କଥା ଚିନ୍ତା କରୁଥିଲେ ସେତେବେଳେ ମା' ଧ୍ୟାନମଗ୍ନ ହୋଇଗଲେ ଏବଂ ଗଣପତି ମୁନି ଦେଖିଲେ ଦିବ୍ୟଜନନୀ ଶ୍ରୀମାଙ୍କ ପାଦପଦ୍ମର ବୃଦ୍ଧାଙ୍ଗୁଷ୍ଠି ଦ୍ୱୟରୁ ଉଜ୍ଜ୍ୱଳ ଜ୍ୟୋତିଃରେଖା ନିର୍ଗତ ହେଉଛି ଏବଂ ତାଙ୍କ ଦିବ୍ୟ ଶରୀରର ଚତୁଃପାର୍ଶ୍ୱକୁ ବେଢ଼ି ରହିଛି ଏକ ଶୁଭ୍ର ଆଲୋକର ବଳୟ । ତାଙ୍କ ଶରୀରର ପ୍ରତ୍ୟେକ ଅଂଶରୁ ଆଲୋକର ସ୍ରୋତ ବିଚ୍ଛୁରିତ ହେଉଥିବାର ସେ ଖୋଲା ଚକ୍ଷୁରେ ଦେଖି ପାରିଲେ ଏବଂ ସେହି ସମୟରେ ମା'ଙ୍କ ପ୍ରକୋଷ୍ଠଟି ସମ୍ପୂର୍ଣ୍ଣ ଏକ ଜ୍ୟୋତିଃ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବାର ଦେଖିଲେ ।

ବଶିଷ୍ଠ ଗଣପତି ମୁନି ଆଶ୍ରମରେ ଦୁଇ ସପ୍ତାହ ଅବସ୍ଥାନ କରିଥିଲେ । ଯଦିଓ ସେ ଆଶ୍ରମର ରହଣି କାଳରେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ତଥାପି ସେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ନିୟମିତ ଭକ୍ତ ହୋଇ ନଥିଲେ । ଆଶ୍ରମ ବାହାରେ ରହି ସାଧନାରେ ବ୍ୟାପୃତ ହୋଇ ରହିଥିବା ସାଧକମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ ।

(K. R. Srinivas Iyengarଙ୍କ ଦ୍ୱାରା ଲିଖିତ
"On The Mother" ପୁସ୍ତକର
ପୃଷ୍ଠା ୨୫୭-୨୫୮ରୁ ଗୃହୀତ ।)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

# ଶ୍ରୀଅରବିନ୍ଦଙ୍କ ଜନ୍ମବାସରରେ ଭାରତବର୍ଷର ସ୍ୱାଧୀନତା

## ରବୀନ୍ଦ୍ରନାଥ ଦାସ

କଳାପାଣି ନିର୍ବାସନରୁ ପ୍ରତ୍ୟାବର୍ତ୍ତନ କରି ପଣ୍ଡିଚେରୀ ଆଶ୍ରମବାସରେ ଅବସ୍ଥାନ କରୁଥା'ନ୍ତି ଆମର ପୂଜ୍ୟ ମୋନାଦା'ଙ୍କର ସ୍ୱାଧୀନତା ସଂଗ୍ରାମୀ ପିତା ତଥା ଶ୍ରୀଅରବିନ୍ଦଙ୍କର କାରାବାସର ସହବାସୀ ସୁଧୀର ସରକାର । କୌଣସି ଏକ ସାୟନ୍ତନରେ ସେଠାକାର ସାଗର ବେଳାଭୂମିର ପ୍ରସ୍ତର ଖଣ୍ଡ ଉପରେ ବସି ଏକ ଲୟରେ ସମୁଦ୍ର ଭିତରକୁ ଦୃଷ୍ଟି ନିକ୍ଷେପ କରି ଭାବ ରାଜ୍ୟରେ ତଲ୍ଲୀନ ହୋଇ ଯାଇଥିବା ଅବସ୍ଥାରେ ତାଙ୍କୁ ଆବିଷ୍କାର କରନ୍ତି ଶ୍ରୀଯୁକ୍ତ ମନୋଜ ଦାସ । ଔପଚାରିକ ସମ୍ଭାଷଣ ପରେ ମନୋଜ ଦାସ ତାଙ୍କ ଉତ୍ସୁକତାକୁ ଅବଦମିତ କରି ନପାରି ଶ୍ରୀଯୁକ୍ତ ସରକାରଙ୍କୁ ପଚାରି ବସନ୍ତି ତାଙ୍କର ଆଣ୍ଡାମାନ ସ୍ଥିତ ସେଲ୍ୟୁଲାର୍ ଜେଲର ଅନୁଭୂତି ବିଷୟରେ । ପ୍ରତି ବାକ୍ୟରେ ସେ କହି ପକାନ୍ତି, ''ଆଣ୍ଡାମାନର ସେଲ୍ୟୁଲାର୍ କାରାଗାର ବାସ୍ତବରେ ଥିଲା ମୋର ପ୍ରାଣପ୍ରିୟ ଘର । କାରଣ ଆଲିପୁର କାରାଗାରରେ ଶ୍ରୀଅରବିନ୍ଦଙ୍କଠାରୁ ବିଚ୍ଛିନ୍ନ ହେବା ବେଳେ ମୁଁ କାତର ହେବା ଦେଖି ସେ କହିଥିଲେ, 'ମୋତେ ସ୍ମରଣ କରିବ, ମୁଁ ସର୍ବଦା ତୁମ ସହ ରହିବି ।' ମାସ ମାସ, ବର୍ଷ ବର୍ଷ ଧରି ଦାରୁଣ ଯାତନା ଭିତରେ ମୁଁ ତାହାହିଁ କରୁଥିଲି । ତାହାହିଁ ମୋତେ ଦେଉଥିଲା ଅସାମାନ୍ୟ ଧୈର୍ଯ୍ୟ, ଅନ୍ତରରେ ଅଟଳ ନିର୍ଭୟତା । ଶ୍ରୀଅରବିନ୍ଦ ମୋ' ସହ (ସୂକ୍ଷ୍ମ ଭାବରେ) ଥିଲେ ।'' ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଏବଂ ସେଥିରେ ସ୍ୱେଚ୍ଛାକୃତ ଭାବରେ ଯୋଗ ଦେଇଥିବା ସଂଗ୍ରାମୀମାନଙ୍କୁ ସତତ ଦିଗ୍‌ଦର୍ଶନ ଦେବାରେ ଶ୍ରୀଅରବିନ୍ଦ କିପରି ନିମଗ୍ନ ହୋଇ ରହୁଥିଲେ ମନୋଜ ଦାସ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଥିବା ଏହି ଉଦ୍ଧୃତାଂଶଟି ତାହାର ଏକ ନିଦର୍ଶନ ମାତ୍ର ।

ବିଲାତରେ ଦୀର୍ଘ ଚଉଦ ବର୍ଷ ଅଧ୍ୟୟନ କାଳରେ ଏବଂ ୧୮୯୩ରେ ଭାରତବର୍ଷକୁ ପ୍ରତ୍ୟାବର୍ତ୍ତନ କରି ବରୋଦାରେ ବାର ବର୍ଷ ରହଣି କାଳରେ ଭାରତରେ ଇଂରେଜ ଶାସନର ଦୁଷ୍ପରିଣାମ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଶ୍ରୀଅରବିନ୍ଦ ସେତେବେଳର ଭାରତୀୟ ଜାତୀୟ କଂଗ୍ରେସର ନିସ୍ତେଜତା ଏବଂ ତୋଷାମଦିରେ ବ୍ୟତିବ୍ୟସ୍ତ ହୋଇ ୧୯୦୫ରେ କଲିକତା ଆସି 'ବନ୍ଦେ ମାତରମ୍' ପତ୍ରିକାର ପ୍ରକାଶନ ସମେତ ବଙ୍ଗଭଙ୍ଗ ଆନ୍ଦୋଳନରୁ ଆରମ୍ଭ କରି ସାରା ଭାରତରେ ଇଂରେଜ ବିରୋଧୀ ସଂଗ୍ରାମକୁ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଏବଂ କୁହୁଳୁଥିବା ଜନ ଅସନ୍ତୋଷରେ ଅଗ୍ନି ସଞ୍ଚାର କରି ଫିରିଙ୍ଗୀ ଶାସନର ମୂଳଦୁଆକୁ ଯେଉଁ ଭଳି ଦୋହଲାଇ ଦେଇଥିଲେ ସେହି ଅମଳିନ ଇତିହାସର ଜାଜ୍ୱଲ୍ୟମାନ ପୃଷ୍ଠାଗୁଡ଼ିକୁ ଓଲଟାଇଲେ ତାଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପରିପୂର୍ଣ୍ଣ ହୋଇଉଠେ । ଇଂରେଜ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ମକଦ୍ଦମାରେ ଜେଲଦଣ୍ଡ ଭୋଗି ୧୯୦୯ରେ ନିର୍ଦୋଷରେ ଖଲାସ ହେବା ପରେ ଆପଣାର ଅଧ୍ୟାତ୍ମ ପରାଦୃଷ୍ଟିରେ ଭାରତବର୍ଷର ସ୍ୱାଧୀନତା ଯେ ଅନିବାର୍ଯ୍ୟ ଏବଂ ସୂକ୍ଷ୍ମ ସ୍ତରରେ ତାହା ସଂଘଟିତ ହୋଇ ସାରିଥିଲେ ମଧ୍ୟ ସ୍ଥୂଳ ଭାବରେ ତାହା କାର୍ଯ୍ୟକାରୀ ହେବା ସମୟସାପେକ୍ଷ ବୋଲି ନିଶ୍ଚିତ ହୋଇ ପରବର୍ତ୍ତୀ ଆବଶ୍ୟକୀୟ ପଦକ୍ଷେପ ସ୍ୱରୂପ ପରମପ୍ରଭୁଙ୍କ ନିର୍ଦ୍ଦେଶରେ ସେ ପଣ୍ଡିଚେରୀ ଯାତ୍ରା କରିଥିଲେ । ଡଃ. କରଣ ସିଂହଙ୍କର ଗବେଷଣା ସନ୍ଦର୍ଭ ''ଭାରତୀୟ ଜାତୀୟତାବାଦର ବାର୍ତ୍ତାବହ'' ପୁସ୍ତକର ଅଗ୍ରଲେଖରେ ଭାରତବର୍ଷର ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହେରୁ ଉଲ୍ଲେଖ କରିଛନ୍ତି ''... ସେତେବେଳର ସୁପ୍ରସିଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦ ଥିଲେ ଅନନ୍ୟ । ଯୁବଗୋଷ୍ଠୀଙ୍କ ତରଫରୁ ତାଙ୍କୁ ମିଳୁଥିଲା ଉଚ୍ଛ୍ୱସିତ ପ୍ରଶଂସା ଓ ସମର୍ଥନ । ... ଭାରତ ମାଟିର ସମସ୍ତ ସମ୍ପର୍କଠାରୁ ବିଚ୍ଛିନ୍ନ ହୋଇ ନିଜ ଜୀବନର ଅତ୍ୟନ୍ତ ରଚନାତ୍ମକ ସମୟ ସାତରୁ ଏକୋଇଶ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘ ଚଉଦ ବର୍ଷ କାଳ ତତ୍‌କାଳୀନ ଇଂଲଣ୍ଡ ଆବହାୱାରେ ବଢ଼ି ୟୁରୋପୀୟ ସାହିତ୍ୟରେ ସମ୍ପୂର୍ଣ୍ଣ ସିକ୍ତ ହୋଇଥିବା ଜଣେ ବ୍ୟକ୍ତି ଜୀବନର ପରବର୍ତ୍ତୀ ସମୟରେ ଭାରତୀୟ ବିଚାରର ଦାର୍ଶନିକ ଓ ଆଧ୍ୟାତ୍ମିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଭାରତୀୟ ଜାତୀୟତାବାଦର ଅଦ୍ୱିତୀୟ ପୁରୋଧାରେ ପରିଣତ ହେବା ଥିଲା ଅବଶ୍ୟ ଏକ ଅତ୍ୟନ୍ତ ଅସାଧାରଣ ବ୍ୟାପାର । ପୁନଶ୍ଚ ୧୯୦୫ରୁ ୧୯୧୦ ମସିହାର ସଂକ୍ଷିପ୍ତ କାଳଖଣ୍ଡରେହିଁ ତାଙ୍କର ସକ୍ରିୟ ରାଜନୀତିକ ଜୀବନର ଉର୍ଜସ୍ୱଳ ବିକାଶ ଘଟିଥିଲା । ସେହି ପାଞ୍ଚ ବର୍ଷର ସମୟକାଳ ମଧ୍ୟରେ ଏକ ଭାସ୍ୱର ଉଲ୍‌କାପିଣ୍ଡ ପରି ଉଦ୍ଭାସିତ

ହୋଇ ଉଠି ସେ ଭାରତର ଯୁବ ମାନସରେ ସୃଷ୍ଟି କରିଥିଲେ ଏକ ଶକ୍ତିଶାଳୀ ଆଲୋଡ଼ନ । ... ପ୍ରଗାଢ଼ ଜାତୀୟତାବାଦ ଏବଂ ଭାରତମାତାଙ୍କର ପରିକଳ୍ପନା ଉପରେହିଁ ପର୍ଯ୍ୟବେଶିତ ହୋଇ ରହିଥିଲା ତାଙ୍କର ସକଳ ଭାବୋଦ୍ଦୀପକ ଆହ୍ୱାନ ଓ ଆବେଦନ ।'' ଗବେଷକ ଡଃ. ସିଂହ ଉଲ୍ଲେଖ କରିଛନ୍ତି : ''ବିଦେଶୀ ଶାସନ ହାତରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ସକାଶେ ଶ୍ରୀଅରବିନ୍ଦଙ୍କର ଦୃପ୍ତ ଘୋଷଣା ଏବଂ ଜାତୀୟ ଆନ୍ଦୋଳନକୁ ବୈପ୍ଲବିକ ଗତି ପ୍ରଦାନ କରିବା କ୍ଷେତ୍ରରେ ତାଙ୍କର ଅନନ୍ୟ ଭୂମିକା ଥିଲା ଜଣେ ରାଜନୀତିକ ଚିନ୍ତାନାୟକ ଭାବରେ ତାଙ୍କର ମହାନ୍ କୃତିତ୍ୱ ଓ ଅବଦାନ ।''

ଆଶ୍ରମବାସ ଅବସରରେ ଭାରତର ସ୍ୱାଧୀନତା ପ୍ରତି ଶ୍ରୀଅରବିନ୍ଦଙ୍କର ଆଗ୍ରହ ରହିଥିଲା ଅକ୍ଷୁଣ୍ଣ । ତାଙ୍କର ପଞ୍ଚସ୍ତରୀତମ ଜନ୍ମବାସରରେ ଭାରତବର୍ଷର ସ୍ୱାଧୀନତା ଲାଭ ସତେ ଯେପରି ଭାରତ ମାତାଙ୍କର ଏହି ମହାନ୍ ଯୋଦ୍ଧା ଏବଂ ସେବକଙ୍କ ଲାଗି ଏକ ଅକୂପାର ଭେଟି । ଆପଣାର କର୍ମଫଳକୁ ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରି ତ୍ରିଚିନାପଲ୍ଲୀ ରେଡ଼ିଓ ଷ୍ଟେସନ ମାଧ୍ୟମରେ ସେଦିନ ଦେଶବାସୀଙ୍କୁ ସେ ଯେଉଁ ବାର୍ତ୍ତା ଦେଇ ଥିଲେ ତାହା ଭାରତୀୟମାନଙ୍କୁ କାଳ କାଳ ଧରି ଉଦ୍‌ବୁଦ୍ଧ କରି ଆସୁଥିବ । ତାଙ୍କ ଭାଷାରେ, ''ଅଗଷ୍ଟ ପନ୍ଦର ମୋର ନିଜର ଜନ୍ମଦିନ । ସ୍ୱାଭାବିକ ଭାବରେ ମୋ' ପକ୍ଷରେ ଏହା ଏକ ଆନନ୍ଦର ଦିନ । କାରଣ ଏହି ଦିବସଟି ପଛରେ ଏକ ଗୂଢ଼ତର ତାତ୍ପର୍ଯ୍ୟ ନିହିତ ହୋଇ ରହିଅଛି । ଏହି ଯୋଗାଯୋଗକୁ ମୁଁ ଏକ କାକତାଳୀୟ ଅକସ୍ମାତ୍ ଯୋଗାଯୋଗ ବୋଲି ମନେ କରୁ ନାହିଁ । ବରଂ ମୋର ମନେ ହୁଏ ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମ ଜୀବନ ଆରମ୍ଭ ହୋଇଥିଲା ଯାହାର ପୂର୍ଣ୍ଣ ଫଳୋଦ୍‌ଗମର ସମୟ ସମାଗତ । ତାହା ଆଜି ତାଙ୍କର ସ୍ୱୀକୃତି ଓ ସମର୍ଥନ ଲାଭ କରିଛି । ବାସ୍ତବରେ ଏହି ଦିବସରେ ମୁଁ ବିଶ୍ୱର କ୍ରିୟାବଳି ଲକ୍ଷ୍ୟ କରୁଛି ଏବଂ ଯାହାସବୁ ମୋର ଜୀବନ କାଳ ମଧ୍ୟରେ ସଫଳ ହେବ ବୋଲି ବିଶ୍ୱାସ କରିଥିଲି – ସେଗୁଡ଼ିକ ଯଦିଓ ସେତେବେଳେ ଦିବାସ୍ୱପ୍ନ ବୋଲି ବୋଧ ହେଉଥିଲା, ସେସବୁ ଆଜି ସଫଳ ହେଉଥିବାର ଅଥବା ସଫଳତାର ପଥରେ ଗତି କରୁଥିବାର ମୁଁ ଲକ୍ଷ୍ୟ କରି ପାରୁଛି । ଏହିସବୁ ଯାବତୀୟ ଗତିବିଧିଗୁଡ଼ିକରେ ସ୍ୱାଧୀନ ଭାରତ ପ୍ରକୃତରେ ଏକ ବୃହତ୍ ଭୂମିକା ନିର୍ବାହ କରିପାରିବ ଏବଂ ଏକ ନେତୃସ୍ଥାନୀୟ ଦାୟିତ୍ୱ ବହନ କରି ପାରିବ ।''

ଏହା ସହିତ ଶ୍ରୀଅରବିନ୍ଦ ତାଙ୍କର ପ୍ରସିଦ୍ଧ ପାଞ୍ଚଗୋଟି ସ୍ୱପ୍ନ ମଧ୍ୟ ଉଲ୍ଲେଖ କରିଥିଲେ । ଭାରତର ଭାବୀ ମହାନତା ଲାଗି ଅଖଣ୍ଡ ଭାରତର ପ୍ରତିଷ୍ଠା, ଏସିଆବାସୀଙ୍କର ପୁନରୁତ୍ଥାନ ଓ ମୁକ୍ତି ସହିତ ମାନବ ସଭ୍ୟତାର ବିକାଶ ଦିଗରେ ତାହାର ମହତ୍ତର ଭୂମିକା ଗ୍ରହଣ, ଏକ ଆନ୍ତର୍ଜାତିକ ଭାବ ଓ ଦୃଷ୍ଟିକୋଣର ବିକାଶ ଦ୍ୱାରା ଏକ ସୁନ୍ଦରତର, ଉଜ୍ଜ୍ୱଳତର ଓ ମହତ୍ତର ଜୀବନର ବାହ୍ୟ ଭିତ୍ତି ଗଠନ ଲାଗି ବିଶ୍ୱସଂଘର ପ୍ରତିଷ୍ଠା, ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ ଏବଂ ମନୁଷ୍ୟକୁ ଯେଉଁସବୁ ସମସ୍ୟା ବ୍ୟସ୍ତ ଓ ବିଚଳିତ କରି ରଖିଛି ସେସବୁର ସମାଧାନ କରି ତା'ର ବ୍ୟକ୍ତିଗତ ଓ ସାମାଜିକ ପୂର୍ଣ୍ଣତା ଆଣିବା ଲାଗି ବିବର୍ତ୍ତନର ଏକ ଅଗ୍ର ପଦକ୍ଷେପ ସ୍ୱରୂପ ଏକ ଉଚ୍ଚତର ଓ ବିଶାଳତର ଚେତନା ମଧ୍ୟକୁ ଉତ୍‌କ୍ରମଣହିଁ ସେଥିରେ ଅନ୍ତର୍ଭୁକ୍ତ । ଶ୍ରୀଅରବିନ୍ଦଙ୍କ ସାର୍ଦ୍ଧଶତକ ଜୟନ୍ତୀ ପାଳନର ବର୍ଷପୂର୍ତ୍ତି ଅବସରରେ ଏବଂ ଭାରତବର୍ଷର ଆଜାଦୀ କି ଅମୃତ ମହୋତ୍ସବ ପାଳନର ଏହି ଶୁଭ ଲଗ୍ନରେ ଦେଶବାସୀଙ୍କୁ ତାଙ୍କର ଆହ୍ୱାନ ସକଳ ବିଷୟରେ ସଚେତନ ହୋଇ କାର୍ଯ୍ୟ କରିଯିବାହିଁ ହେବ ସମସ୍ତଙ୍କର ତାଙ୍କ ପ୍ରତି ଭକ୍ତି ଅର୍ଘ୍ୟ । ଏଥିଲାଗି ଦିବ୍ୟ ଜନନୀଙ୍କ ଆଶିଷ ଲାଭ କରି ଜାତୀୟତାର ମହାମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଦେଶ ମାତୃକାର ସେବା କରିବା ଲାଗି ଆପଣାକୁ ଯୋଗ୍ୟତମ କରି ଗଢ଼ିବା ସହିତ ଏଥିଲାଗି ଶ୍ରୀଅରବିନ୍ଦ ରଖି ଯାଇଥିବା ବାଣୀର ମର୍ମାର୍ଥକୁ ହୃଦୟଙ୍ଗମ କରି ଦୃପ୍ତ ପଦରେ ଅଗ୍ରସର ହେବାହିଁ ହେବ ଆମ ସମସ୍ତଙ୍କ ଲାଗି ପ୍ରକୃଷ୍ଟ ପନ୍ଥା । ଶ୍ରୀଅରବିନ୍ଦ କହୁଛନ୍ତି : –

''ଭାରତୀୟ ଚିନ୍ତାଧାରା, ଭାରତୀୟ ସ୍ୱଭାବ, ଭାରତୀୟ ଉପଲବ୍ଧି, ଭାରତୀୟ ଶକ୍ତି, ଭାରତୀୟ ମୁହୂର୍ତ୍ତକୁ ଜାଗ୍ରତ୍ କରିବା ଏବଂ ବର୍ତ୍ତମାନ ପୃଥିବୀକୁ ଯେଉଁସବୁ ସମସ୍ୟା ଆଲୋଡ଼ିତ କରୁଛି, ତାହାକୁ ଭାରତୀୟ ଦୃଷ୍ଟିକୋଣରୁ ସମାଧାନ କରିବା – ଆମ୍ଭମାନଙ୍କ ମତରେ ଏହାହିଁ ଆମ୍ଭମାନଙ୍କର ଜାତୀୟତାର ଲକ୍ଷ୍ୟ । ... କେବଳ ଅର୍ଥନୈତିକ ବା ରାଜନୈତିକ ବ୍ୟାପାରରେ ଅତି ମାତ୍ରାରେ ବ୍ୟସ୍ତ ରହିଲେ ଆମର ଅଭିବୃଦ୍ଧି ବ୍ୟାହତ ହୋଇପାରେ ଏବଂ ନିଜସ୍ୱ ପ୍ରତିଭା ଓ ଶକ୍ତି ବିକଶିତ ହୋଇ ନପାରେ । ଆମ୍ଭମାନଙ୍କୁ ଆମ୍ଭମାନଙ୍କର ପ୍ରାଚୀନ ଧର୍ମ, ଦର୍ଶନ, କଳା ଓ ସାହିତ୍ୟର ମୂଳ ଉତ୍ସକୁ ଫେରି ଯିବାକୁ ଏବଂ ସେହି ଶାଶ୍ୱତ ଆର୍ଯ୍ୟ ଚରିତ୍ର ଓ ଆଦର୍ଶର ସଞ୍ଜୀବନୀ ଶକ୍ତିକୁ ଆମ୍ଭମାନଙ୍କର ରାଜନୈତିକ ତଥା ଅର୍ଥନୈତିକ ଉନ୍ନୟନ ଉପରେ ଢାଳି ଦେବାକୁ ହେବ ।'' ❑

ସିନ୍ଧୁରୁ ବିନ୍ଦୁଏ :

# ଶରଣାଗତ

## ସନ୍ତୋଷ ରଥ

"When you have nothing left, everything will be given to you. Because for those who are sincere and true, from the worst always comes the best."
(CWM, Vol. 2, p. 45) – The Mother

''ଯେତେବେଳେ ତୁମ ପାଖରେ ଆଉ କିଛି ହେଲେ ରହିବ ନାହିଁ, ସେତିକିବେଳେ ହିଁ ସବୁକିଛି ମିଳିବ । କାରଣ ଯେଉଁମାନେ ନିଷ୍ଠାଯୁକ୍ତ ଏବଂ ସତ୍ୟାଶ୍ରୟୀ ହୋଇ ରହିଥା'ନ୍ତି, ସେମାନଙ୍କ ଜୀବନରେ ସବୁଠାରୁ ଅଧିକ ଖରାପ ସ୍ଥିତିରୁହିଁ ସବୁଠାରୁ ଅଧିକ ଭଲଟି ଜନ୍ମ ଲାଭ କରିଥାଏ ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଶରଣାଗତ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

କୁରୁସଭା ତଳେ ଦ୍ରୌପଦୀ ବିକଳେ
ଟେକି ଦେଇ ବେନି ହାତ
ହୋଇଲେ କାତର ମାନ ରକ୍ଷା କର
ମୁଁ ତୁମ ଶରଣାଗତ । (୧)

ପିତା ଯମ ସମ ରାଗେ ତମ ତମ
ପ୍ରହ୍ଲାଦ ହରି ଶରଣ
ଦଗ୍ଧ ହୁତାଶନ ପାଲଟେ ସୁମନ
ଫେରିଗଲା ଜନ୍ତୁରାଣ । (୨)

ହୋଇ ସହୋଦର ନ ହେଲା ନିଜର
ବଇରୀ ହେଲା ରାବଣ
ତେଜି ତରବାରି ଧରି ରାମ ତରୀ
ବିଭୂଷଣ ବିଭୀଷଣ । (୩)

ଘୋଟିଛି କରାଳ କୁରୁକ୍ଷେତ୍ର ସ୍ଥଳ
ଚଉଦିଗେ ଚିତା ଜଳେ
ହୋଇ ନିରିମାଖି ଭରତିଆ ପକ୍ଷୀ
ଜିଇ ଗଲା ଘଣ୍ଟି ତଳେ । (୪)

ନକ୍ର ଥିଲା ଛପି ଗ୍ରାସ ଭୟେ କମ୍ପି
ଗଜ ଡାକେ ତ୍ରାହି ତ୍ରାହି
ବ୍ୟାଧ ଜାଲେ ପଡ଼ି ହରିଣୀର ରଡ଼ି
କେ ଅବା ପାରିବ ସହି । (୫)

ଭାଙ୍ଗେ ଆଶ୍ରା ଡାଳ ଥିଲା ଯା' ସମ୍ବଳ
ବିଧି ହେଲେ ବିଡ଼ମ୍ବନ
ଅକାଳ ଚଡ଼କ ଭାଙ୍ଗି ଦିଏ ଡଙ୍କ
ସପନର ଅଙ୍କୁରଣ । (୬)

ଫୁଟା ଡଙ୍ଗା ଧରି ହେଲା ବେଳେ ପାରି
ରୋଧିଲେ ରୋଧୁ ଭଉଁରୀ
ତରି ଯିବ ତରୀ କାତକୁ ପାଶୋରି
ସୁଅ ନେବ ପାରି କରି । (୭)

ଅଛି ମୋ ଭରସା ଭେଟିବାକୁ ଉଷା
ପାଶେ ଥିଲେ ତୁମେ ହରି
ପଙ୍ଗୁତ୍ୱ ମୋହର ପାଲଟେ ସୋଦର
ଲଙ୍ଘିବାକୁ ହିମ ଗିରି । (୮)

❑❑❑

# ଦ୍ୱୀପାନ୍ତରର କଥା

## (ଚତୁର୍ଥ ପରିଚ୍ଛେଦ)

ବାରୀନ୍ଦ୍ର କୁମାର ଘୋଷ

### ସେଲୁ୍ୟଲାର୍‌ରେ ପ୍ରଥମ ଜୀବନ
### (୪)

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

... ପରଦିନ ସକାଳେ ପ୍ରସ୍ତୁତ ହୋଇ ମୁହଁ ହାତ ଧୋଇ ପ୍ରଥମେ ଗଞ୍ଜିର ଦର୍ଶନ ଲାଭ କଲୁ । ଗଞ୍ଜି ଅବା କାଞ୍ଜି ଅର୍ଥ ଜଳରେ ଚାଉଳ ଫୁଟାଇ ପେଜ ଭାତ – ଏହା ଏକ ପ୍ରକାରର rice porridge । ନଡ଼ିଆ ଖୋଳପାରେ ବେତର ବେଣ୍ଟ ଲଗାଇ ଯେଉଁ ହତା ତିଆରି କରନ୍ତି ତା'ର ନାମ ଡାବ୍‌ବୁ । ଏଇ ଡାବ୍‌ବୁରେ ଏକ ଡାବ୍‌ବୁ କରି ଗଞ୍ଜି ଆମ ସମସ୍ତଙ୍କୁ ଦିଆଗଲା । ସେଥିରେ ନା ଅଛି ଲୁଣ ନା କୌଣସି ସ୍ୱାଦ । ପ୍ରତ୍ୟେକ କଏଦୀ ନିମନ୍ତେ ପ୍ରତିଦିନ ଏକ ଡ୍ରାମ (ଏକ ଆଉନ୍‌ସ୍‌ର ଆଠ ଭାଗରୁ ଗୋଟିଏ ଭାଗ) ଲବଣ ଦିଆ ଯିବାର ନିୟମ; ତାହା ଡାଲି ଓ ତରକାରିରେ ଦିଆଯାଇ ଥାଏ; ଗଞ୍ଜିରେ ଲବଣ ଦେବାର ନିୟମ ନାହିଁ । ସ୍ୱାଦହୀନ ହେଲେ ବି ତାହାହିଁ ଅଗତ୍ୟା ପରମ ଧୈର୍ଯ୍ୟର ସହ ଗିଳିବାକୁ ହେଲା । ଆଲିପୁର ଜେଲରେ ଏହାର ନାମ ଥିଲା ଲଫ୍‌ସି, କିନ୍ତୁ ସେଥିରେ ସ୍ୱାଦ ଥିଲା; କାରଣ ତାହା କେତେବେଳେ ଗୁଡ଼ ଦେଇ ଏବଂ କେତେବେଳେ ଡାଲି ସହ ଖିଚୁଡ଼ି ପରି ତିଆରି କରାଯାଏ । ଆମକୁ ଏଠାରେ ସାତଦିନ କ୍ୱାରାନ୍‌ଟାଇନ୍ (Quarantine)ରେ ବନ୍ଦ କରି ରଖା ହୋଇଥିଲା । ତା'ପରେ ହସ୍‌ପିଟାଲରେ ନୂତନ ଚାଲାଣମାନଙ୍କର ଡାକ୍ତରୀ ନିୟମରେ ପରୀକ୍ଷାର ପାଳି ଆସିଲା । ଏଇଠାରେ ନବାଗତ କଏଦୀର ପ୍ରଥମ ଭାଗ୍ୟ ନିର୍ଣ୍ଣୟ । ମାରେ ସାହେବ ପରୀକ୍ଷା କରି ପ୍ରତ୍ୟେକ କଏଦୀମାନଙ୍କର ଜେଲରେ ଥିବା ପଞ୍ଜିକା (jail history sheet)ରେ ସେମାନଙ୍କର ସମସ୍ତ ତଥ୍ୟ ଲେଖି ନେଲେ; କିଏ କିଏ ସେମାନଙ୍କ ମଧ୍ୟରୁ କଠିନ ବା ହାଲୁକା କାର୍ଯ୍ୟର ଉପଯୋଗୀ । ଡାକ୍ତର ସାହେବଙ୍କର ''ସ୍ୱାସ୍ଥ୍ୟ ଭଲ, କଠୋର ପରିଶ୍ରମର ଯୋଗ୍ୟ'' ଅଥବା ''ସ୍ୱାସ୍ଥ୍ୟ ଭଲ ନୁହେଁ, ହାଲୁକା ପରିଶ୍ରମର ଯୋଗ୍ୟ'' – ଏହି ସବୁ ମନ୍ତବ୍ୟ ଦେଖି ପରେ ଜେଲର୍ ବ୍ୟାରୀ ସାହେବ କାହାର କ'ଣ କାର୍ଯ୍ୟ ତାହା ଧାର୍ଯ୍ୟ କରି ଦିଅନ୍ତି । କଏଦୀମାନଙ୍କର ପରୀକ୍ଷା ଓ କାର୍ଯ୍ୟ କ'ଣ ତାହା ଧାର୍ଯ୍ୟ ନ ହେବା ପର୍ଯ୍ୟନ୍ତ ସାତ ଆଠ ଦିନ ଧରି ଆମେ ନଡ଼ିଆକତାର ଦଉଡ଼ି ତିଆରି କରୁଥିଲୁଁ ।

ଜେଲଖାନାର ଗୋଟିଏ ଦଳ କଏଦୀ ନଡ଼ିଆକତାକୁ ଜଳରେ ଭିଜାଇ ତା'କୁ ଛେଚି ଛେଚି ସେଥିରୁ ଖଦଡ଼ା ଅଂଶ ସବୁ ବାହାର କରନ୍ତି । ଏଇ ଖଦଡ଼ା ଅଂଶକୁ ନେଇ ଅନ୍ୟ ହାଲୁକା କାର୍ଯ୍ୟ କରୁଥିବା (Light Labour) ଶ୍ରମିକ ଦଳକୁ ଦଉଡ଼ି ବଳିବାକୁ ଦିଆଯାଏ ।

ନଡ଼ିଆ କତା ଛଡ଼ାଇ ସେଥିରୁ ତିନି ପାଉଣ୍ଡ ରସି ବା ଦଉଡ଼ି କରି ଦେବାକୁ ହେବ, ଏହା ହେଲା ରସିବାଲାର କାର୍ଯ୍ୟ ।

ଦଉଡ଼ି ତିଆରି କରିବା, ନଡ଼ିଆକତାକୁ ବାଡ଼ାଇବା – ଏଇସବୁ କାର୍ଯ୍ୟ ଆମେ ତ କେବେ ହେଲେ ବି କରି ନଥିଲୁ, ଆମର ପୂର୍ବ ଚଉଦପୁରୁଷମାନଙ୍କ ମଧ୍ୟରେ କେହି କେତେବେଳେ ଏହାର ନାମ ପର୍ଯ୍ୟନ୍ତ ଶୁଣି ନାହାନ୍ତି, ସେଇ କଥାକୁ ଏକ ପ୍ରକାର ନିର୍ଭୟରେ ଛାଡିଏ ଗଙ୍ଗ। ପାଣିରେ ଠିଆ ହୋଇ ମଧ କୁହାଯାଇପାରେ । ପ୍ରଥମ ଦିନଟିରେ ସମସ୍ତଙ୍କୁ ଦଉଡ଼ି ତିଆରି କରିବାକୁ ହେଲା । ଆମ ପ୍ରତ୍ୟେକଙ୍କ କୋଠରି ସାମନାରେ ଗୋଟିଏ ଗୋଟିଏ ସେଇ ନଡ଼ିଆ ଚୋପାର ଗୋଳା ଫୋପାଡ଼ି ଦେଇ କହିଗଲେ, ''ରସ୍ସି ବାଟୋ''; ଅର୍ଥାତ୍ – 'ଯାହା ପାଇ ତାହା ଖାଇ', ସେହିପରି ଶାନ୍ତ ସୁବୋଧ ବାଳକ ପରି ଦଉଡ଼ି ତିଆରି କର । ସେଗୁଡ଼ିକ ଖୋଲି ଖାଲି ଘଣ୍ଟାଘଣ୍ଟି କରି ଯେ ଯାହାର ମୁଣ୍ଡରେ ହାତ ଦେଇ ବସିଲୁ । ଏଥିରେ ଦଉଡ଼ି ! ସେ ପୁଣି କ'ଣ ସମ୍ଭବ ? ସେଇ ଯେଉଁ ଚାରିଜଣ ୱାର୍ଡ଼ର ଥିଲେ, ସେମାନେ ପ୍ରାଇଭେଟ୍ ଟିଉଟର୍ ହୋଇ ଆସିଲେ ଏଇ କୁକାର୍ଯ୍ୟ ଶିଖାଇବାକୁ । ଅଳ୍ପ ଅଳ୍ପ ନଡ଼ିଆ କତାକୁ ନେଇ ସରୁ ସରୁ ତା'ର ପରି କରି ସେଇ ରସି ବା ତାରକୁ ଦୁଇ ହାତରେ ମାଟିରେ ଘସି ଘସି ବଳିତା କରିବାକୁ ଦେଖାଇ ଦେଇଗଲେ । ଯେତେବେଳେ ବଳିତା ସବୁ ସ୍ତୂପାକାରରେ ଜମା ହୋଇଗଲା, ସେତେବେଳେ ସେଇ ସ୍ତୂପକୁ ପାଖରେ ରଖି ଦୁଇ ହାତରେ ଦୁଇଖଣ୍ଡ ବଳିତା ଧରି ତା'ର ଏକ କୋଣକୁ ପାଦର ବୁଢ଼ା

ଆଙ୍ଗୁଠିରେ ମାଟିରେ ଚାପି ରୂପ ଦିଆ ହୁଏ ହାତରେ ଘଷି । ବଳିତା ମୋଡ଼ି ହୋଇ ହୋଇ ଦଉଡ଼ି ହୋଇଗଲେ ପୁଣି ନୂଆ ବଳିତା ତା' ମୁହଁରେ ଯୋଡ଼ି, — ଦେ ମୋଡ଼ି, ଦେ ମୋଡ଼ି ! ଯେତେ ଯେତେ ଦଉଡ଼ି ଲମ୍ବା ହୋଇ ଚାଲେ, ତାକୁ ପଛକୁ ଟାଣି ଶେଷ ମୁଣ୍ଡକୁ ପାଦ ତଳେ ରଖି ପୁଣି ବଳିତା ଯୋଡ଼ି ମୋଡ଼ିବାକୁ ହୁଏ, ଏହା ହେଉଛି ଘଟଣା । ଏ କଥାକୁ ତ' ଏକ ରକମ କହି ବୁଝାଇଲି । ଏହା କରିବା ଯେ ପ୍ରଥମେ ପ୍ରଥମେ କି ପ୍ରକାର ଅସାଧ ସାଧନ ତାହା କେବଳ ଭୁକ୍ତଭୋଗୀହିଁ ଜାଣେ । ଅଭ୍ୟାସ ନଥିଲେ କପାଳରେ ଲଗାଇଥିବା ଟିକା ବା ତିଳକ ବି ଅସ୍ୱସ୍ତିକର ଲାଗେ, ଆମର ବି ସେଇ ଦଶା । ଭଡ଼ାରେ ଲାଗିଥିବା ଘୋଡ଼ା ଗାଡ଼ିରେ ଯୋଚା ଯାଇଥିବା ରୁଗ୍‌ଣ ବାତୁଆ ଘୋଡ଼ାର ଗୋଡ଼ ପରି ଦଉଡ଼ି କେଉଁଠି ମୋଟା, କେଉଁଠି ସରୁ ଏବଂ ସର୍ବାଙ୍ଗରେ ସାଁବାଳୁଆ ପରି ଲୋମଶ ଏକ ଅଦ୍ଭୁତ ଶ୍ରୀ ଧାରଣ କଲା । ସେ ଦଉଡ଼ି ଦେଖି ସରକାର ବାହାଦୁରଙ୍କ କଥା ତ ଦୂରେ ଥାଉ, ଆମେ ନିଜେ ହସି ହସି ବେଦମ୍ ।

ପରେ ଦେଖିଛି ଥରେ ଅଭ୍ୟାସ ହୋଇଗଲେ ହାତ କଳ ପରି ଚାଲେ ଏବଂ ସର୍, ସର୍, ସର୍, ସର୍ କରି ପତଳା ମୋଲାଏମ ଦଉଡ଼ି ବାହାର ହୋଇ ପଛରେ ଗଦା ହୋଇଯାଏ । ଅଭ୍ୟାସ ହୋଇଗଲେ ଯେଉଁ କାର୍ଯ୍ୟ ବଡ଼ ସୁଖକର ଓ ସହଜ, ଅଭ୍ୟାସ ନଥିଲେ ସେସବୁ କରିବା ଯେ କି ପ୍ରକାରର କଷ୍ଟ ଓ ବିରକ୍ତିକର ଭାବ ଆଣେ ତାହା କହି ବୁଝାଇବା ଦୁଷ୍କର । ସେଦିନ କାହାର ବା ଦଉଡ଼ି ହେଲା ଦଶ ହାତ, କାହାର ପାଞ୍ଚ ହାତ, କାହାର ଅଧ ପାଆ,— କେବଳ ଉପେନ୍ ଗୃହିଣୀମାନଙ୍କର ବେଣୀ ପରି ଗୋଟିଏ ଦେଢ଼ ଦୁଇ ହାତର ମୋଟା ବେଣୀ ତିଆରି କରିଥିଲା । ସେଦିନ ଉପେନ୍ ଠାରୁ ଆଉ କେହି ବେଶୀ ଦୂର ଯାଇ ନାହିଁ । କାରିଗରିର ଏପରି ସହଜାତ ଜ୍ଞାନ ସଚରାଚର ଦେଖା ଯାଏନା । ମୁଁ ସର୍ବାପେକ୍ଷା ବେଶୀ ଦଉଡ଼ି ବଳିଥିଲି ବୋଲି ଉପେନ୍ କହିଲା, ''ତେବେ ତୁମେ ଘରେ ଲୁଚି ଲୁଚି ଏଇ କାର୍ଯ୍ୟ କରୁଥିଲ ।'' ଯେମିତି କି ମୁଁ ଘୋଷ ମହାବଂଶର ଏକ ଡମ ବା ପାଣଜାତି ! କଥାଟାର ଭଙ୍ଗୀ ଦେଖି ଖୁବ୍ ରାଗି ଯାଇଥିଲି । କ'ଣ କରିବି ଉପାୟ ନାସ୍ତି ! ଦାନ୍ତ ଦେଖାଇ ସେ ଅପମାନର ଢୋକ ଗିଳିବାକୁ ପଡ଼ିଥିଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

*ପ୍ରଶ୍ନ : 'ସମର୍ପଣ' ଓ 'ଚେତନାର ପ୍ରତ୍ୟେକ ସ୍ତର'ର ଅର୍ଥ କ'ଣ ?*

**ଶ୍ରୀମା** : ଏହାର ଅର୍ଥ ହେଉଛି ଦେହର ସମର୍ପଣ, ପ୍ରାଣର ସମର୍ପଣ, ମନର ସମର୍ପଣ, ଚୈତ୍ୟସତ୍ତାର ସମର୍ପଣ । ଏବଂ ତୁମେ ଯଦି ତୁମ ସତ୍ତାର ଅନ୍ୟାନ୍ୟ ଅଂଶଗୁଡ଼ିକ ସଂପର୍କରେ ସଚେତ ଥାଅ ... ତୁମକୁ ପ୍ରଥମେ ତୁମ ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ଭିତରେ ଥିବା ପାର୍ଥକ୍ୟ ଜାଣିବାକୁ ହେବ, ଏବଂ ଯେତେବେଳେ ତୁମେ ସ୍ପଷ୍ଟ ଭାବରେ ସେଗୁଡ଼ିକୁ ପରସ୍ପରଠାରୁ ପୃଥକ୍ କରି ପାରିବ ସେତେବେଳେ ଗୋଟିକ ପରେ ଗୋଟିକୁ ଭଗବାନଙ୍କ ପାଖରେ ନିବେଦନ କରିବାକୁ ହେବ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା - ୧୩୩)

# ସନାତନ ଧର୍ମ
## (୯)
## କୁମାର ଚନ୍ଦ୍ର ମିଶ୍ର

ଆସ୍ତିକ ଓ ନାସ୍ତିକ ଭେଦରେ ଭାରତୀୟ ଦର୍ଶନକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଈଶ୍ୱର ଭକ୍ତି ଓ ବେଦମୂଳକ ଦର୍ଶନ ହେଲା ଆସ୍ତିକ । ଚାର୍ବାକ୍, ଜୈନ ଓ ବୌଦ୍ଧ ଦର୍ଶନ ବ୍ରହ୍ମ ବା ଈଶ୍ୱରଙ୍କ ସ୍ଥିତିକୁ ବିଶ୍ୱାସ କରେ ନାହିଁ । ତେଣୁ ସେଗୁଡ଼ିକ ନାସ୍ତିକ ଦର୍ଶନର ଅନ୍ତର୍ଭୁକ୍ତ । ଷଡ଼ଦର୍ଶନ ଆସ୍ତିକ ବର୍ଗର ଅନ୍ତର୍ଭୁକ୍ତ । ସନାତନ ଧର୍ମରେ ଅନେକ ଦର୍ଶନ ରହିଛି । ସେଥିମଧ୍ୟରୁ ଯାହାକୁ ଷଡ଼ଦର୍ଶନ ବୋଲି କୁହାଗଲା ସେ ତାଲିକାରେ ଥିବା ପ୍ରତ୍ୟେକ ତତ୍ତ୍ୱ ଅନେକ ଉପତତ୍ତ୍ୱକୁ ଜନ୍ମ ଦେଇଛି । ଷଡ଼ଦର୍ଶନ ଓ ତତ୍ ସଂପୃକ୍ତ ଉପତତ୍ତ୍ୱ ବ୍ୟତୀତ ଆଉ ବିଭିନ୍ନ ଦାର୍ଶନିକ ମତବାଦ ମଧ୍ୟ ରହିଛି । ଭାରତୀୟ ପରମ୍ପରାରେ ସବୁ ଦର୍ଶନ ଉପଲବ୍ଧିରୁ ଉଦ୍ଭୂତ । ଅର୍ଥାତ୍, ଏସବୁ ଦର୍ଶନ ସମୂହ ଯୁକ୍ତିଯୁକ୍ତ ଚିନ୍ତାର ପ୍ରବାହ ମାତ୍ର ନୁହେଁ, ତନ୍ନିହିତ ସତ୍ୟ ଦୃଷ୍ଟି ହୋଇପାରେ ବା ଅଙ୍ଗେ ନିଭାଇଥିବା ଅନୁଭୂତି-ପ୍ରସୂତ ହୋଇଥାଏ । ୟୁରୋପୀୟ ଦର୍ଶନ ପରି ଏସବୁ କେବଳ ମାନସିକ ଚିନ୍ତା ବା ଯୁକ୍ତି ପ୍ରସୂତ ନୁହେଁ ।

ନିମ୍ନରେ ଆସ୍ତିକ ବର୍ଗର ଛଅଟି ଦର୍ଶନର ସମ୍ୟକ୍ ପରିଚୟ ଦିଆଗଲା ।

**୧. ଯୋଗଦର୍ଶନ** : ମହର୍ଷି ପତଞ୍ଜଳି ହେଲେ ଏହାର ପ୍ରଣେତା । ୧୯୬ଟି ଶ୍ଳୋକ ସନ୍ନିବେଶିତ ଏହି ଯୋଗଦର୍ଶନ ସଂସ୍କୃତରେ ଲେଖାଯାଇ ପରବର୍ତ୍ତୀ କାଳରେ ଅନେକ ବୈଦେଶିକ ଭାଷାରେ ଅନୁବାଦ କରାଯାଇଛି ଓ ଭାଷ୍ୟ ରଚନା ମଧ୍ୟ କରାଯାଇଛି । ଏସବୁ ସମ୍ପର୍କରେ ଅନେକ ବ୍ୟାଖ୍ୟା, ପର୍ବ, ଟୀକା, ଟିପ୍ପଣୀ ବିଭିନ୍ନ ଭାଷାରେ ରଚନା କରାଯାଇଛି । ଏହି ଗ୍ରନ୍ଥର ବହୁ ପରିଚିତ ଦ୍ୱିତୀୟ ଶ୍ଳୋକଟି ହେଲା – ''ଯୋଗଃ ଚିତ୍ତବୃତ୍ତି ନିରୋଧଃ'' । ଅର୍ଥାତ୍, ଯୋଗର ଲକ୍ଷ୍ୟ ହେଲା ସଦା ଚଞ୍ଚଳ ମନର ଗତିବୃତ୍ତିକୁ ସଂଯତ କରିବା । ଧ୍ୟାନ ଓ ଏକାଗ୍ରତା ଅଭ୍ୟାସ କରି ସମାଧିସ୍ଥ ହେବା ହେଲା ଏ ଯୋଗର ଅନ୍ତିମ ଲକ୍ଷ୍ୟ । ଏହି ଯୋଗକୁ ଅଷ୍ଟାଙ୍ଗ ଯୋଗ ବୋଲି କୁହାଯାଏ । କାରଣ ଏଥିରେ ରହିଛି ଆଠଗୋଟି ପ୍ରଣାଳୀ ବା ମାର୍ଗ । ସେଥିମଧ୍ୟରୁ ୪ଟି ପ୍ରଣାଳୀ ହେଲା ଶରୀର ସମ୍ପର୍କିତ ଓ ଅନ୍ୟ ୪ଟି ହେଲା ମନସ୍ତାତ୍ତ୍ୱିକ । ସେହି ୮ଟି ମାର୍ଗ ହେଲା – ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ, ପ୍ରତ୍ୟାହାର, ଧାରଣା ଓ ସମାଧି ।

**ଯମ ଓ ନିୟମ** : (Restraints and observations. External and internal disciplines) ଯମର ଅର୍ଥ ହେଲା ଶୃଙ୍ଖଳା । ଏଥିରେ ରହିଛି ଆଚରଣଯୋଗ୍ୟ ୫ଟି ଉପାଦାନ, ଯଥା – ଅହିଂସା (କାୟମନୋବାକ୍ୟରେ), ସତ୍ୟ, ଆସ୍ତେୟ (ବା ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ (ଯେଉଁ ବସ୍ତୁରେ ଅଧିକାର ନାହିଁ ବା ଯାହା ଗ୍ରହଣଯୋଗ୍ୟ ନୁହେଁ ତାହା ନ ନେବା) । ନିୟମର ଅର୍ଥ ହେଲା ନୀତି ବା ନିୟନ୍ତ୍ରଣ । ଏଥିରେ ରହିଛି ୫ଟି ଉପାଦାନ ଯାହା ନିତାନ୍ତ ଅଭ୍ୟାସ ଯୋଗ୍ୟ । ସେହି ୫ଟି ନିତ୍ୟ କରଣୀୟ ବିଷୟ ହେଲା –

୧. ଶୌଚ ବା ବାହ୍ୟ ଓ ଆନ୍ତର ଶୁଦ୍ଧିକରଣ (External and Internal Purifications)
୨. ସନ୍ତୋଷ (Contentment)
୩. ତପସ୍ ବା ଇନ୍ଦ୍ରିୟ ନିଗ୍ରହ (Control of Senses)
୪. ସ୍ୱାଧ୍ୟାୟ (Self-study of Scriptures)
୫. ଈଶ୍ୱର ପ୍ରଣିଧାନ (Worship of God)

**୨. ଆସନ ଓ ପ୍ରାଣାୟାମ :** ଶରୀରରେ ବଳ ଓ ସ୍ଥିରତା ପ୍ରତିଷ୍ଠା କରିବା ଲାଗି, ନମନୀୟ କରିବା ଲାଗି ଆସନ ଅଭ୍ୟାସ କରିବା ଅପରିହାର୍ଯ୍ୟ । ପ୍ରାଣାୟାମ ଦ୍ୱାରା ପ୍ରାଣଶକ୍ତି ନିୟନ୍ତ୍ରିତ ହୁଏ ଓ ମନର ଏକାଗ୍ରତା ବୃଦ୍ଧି ହୁଏ, ନାଡ଼ି ଶୁଦ୍ଧ ହୁଏ; ଯଦ୍ଦ୍ୱାରା ଜ୍ଞାନେନ୍ଦ୍ରିୟଗୁଡ଼ିକ ନିର୍ଭୁଲ ଭାବେ କାର୍ଯ୍ୟ କରିପାରନ୍ତି ।

**୩. ପ୍ରତ୍ୟାହାର ଓ ଧାରଣା :** ଜ୍ଞାନେନ୍ଦ୍ରିୟଗୁଡ଼ିକ ସର୍ବଦା ଭୋଗ୍ୟ ବିଷୟବସ୍ତୁଗୁଡ଼ିକୁ ଅନୁଧାବନ କରୁଥା'ନ୍ତି । ସେସବୁଥିରୁ ସେଗୁଡ଼ିକୁ ଓହରାଇ ଆଣିବାକୁ ପ୍ରତ୍ୟାହାର କୁହାଯାଏ । ଏକ ନିର୍ଦ୍ଦିଷ୍ଟ ସକାରାତ୍ମକ ଲକ୍ଷ୍ୟରେ ମନକୁ ସ୍ଥିର ରଖିବା ପ୍ରକ୍ରିୟାକୁ ଧାରଣା କୁହାଯାଏ ।

**୪. ଧ୍ୟାନ ଓ ସମାଧି :** ଆରାଧ୍ୟ ବସ୍ତୁରେ ମନକୁ ଏକାଗ୍ର କରି ରଖିବା ହେଲା ଧ୍ୟାନ । ଏପରି ଧ୍ୟାନ କରୁଥିବା

ବସ୍ତୁରେ ଅନ୍ତରାତ୍ମା ଲୀନ ହୋଇଯିବା ପ୍ରକ୍ରିୟାକୁ ସମାଧି କୁହାଯାଏ । ସମାଧି ଦୁଇପ୍ରକାର – ସବିକଳ୍ପ ଓ ନିର୍ବିକଳ୍ପ ।

Dharana : Holding of the one object of concentration to the exclusion of other ideas and mental activities.

(Kireet Joshi, Synthesis of yoga and allied themes)

Samadhi : When the chitta is concentrated on and is in communion with the Self that is Samadhi.

[ବି:ଦ୍ର: – ଉପରୋକ୍ତ ବିଷୟଗୁଡ଼ିକର ପ୍ରସଙ୍ଗରେ ଯୋଗ ଶାସ୍ତ୍ରମାନଙ୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଯାହା ଏହି ସୀମିତ ପରିସର ମଧ୍ୟରେ ଉପସ୍ଥାପନ କରିବା ସମ୍ଭବ ଓ ସମୀଚୀନ ନୁହେଁ । ଏଠାରେ କେବଳ ସମ୍ୟକ୍ ଧାରଣା ଦେବା ଲାଗି ପ୍ରୟାସ କରାଯାଇଛି ।]

ନିଷ୍ଠାର ସହ ଅଷ୍ଟାଙ୍ଗଯୋଗ ସାଧନ କଲେ ଅଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ । ଏହି ସିଦ୍ଧିଗୁଡ଼ିକ ହେଲା ଗୂଢ଼ ଅତିଭୌତିକ ଶକ୍ତି ସମୂହ ଯାହା ଯୋଗ ପଥରେ ଉପଲବ୍ଧ ହୁଏ । ସେସବୁ ହେଲା – ଅଣିମା (ଅଣୁ ସଦୃଶ୍ୟ କ୍ଷୁଦ୍ର ହୋଇଯିବା), ଗରିମା (ସଂକଳ୍ପ କରି ଆପଣା ଓଜନକୁ ଅତ୍ୟଧିକ ବୃଦ୍ଧି କରି ଦେବା), ଲଘିମା (ତୁଳା ପରି ହାଲୁକା ହୋଇଯିବା), ମହିମା (ଆପଣାର ଆକାରକୁ ଅଧିକରୁ ଅଧିକ ବୃଦ୍ଧି କରି ପାରିବା), ପ୍ରାପ୍ତି (ବହୁ ଦୂରରେ ଥିବା ବସ୍ତୁକୁ ସ୍ପର୍ଶ କରି ପାରିବା), ପ୍ରକାମ୍ୟ (କେବଳ ସଂକଳ୍ପ ଦ୍ୱାରା କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରି ନେବା), ଈଶିତ୍ୱ (ସଭିଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରି ପାରିବା), ବଶିତ୍ୱ (ସମସ୍ତଙ୍କୁ ନିୟନ୍ତ୍ରଣ କରି ପାରିବା) । ଏପରି କୌଣସି ସିଦ୍ଧିରେ ଅଟକିଯିବା କିଂବା କୌଣସି ସିଦ୍ଧି ପ୍ରତି ଲକ୍ଷ୍ୟ କରି ସାଧନା କରିବା କିଂବା ଅହଂ ପ୍ରଣୋଦିତ ହୋଇ କୌଣସି ସିଦ୍ଧିକୁ ପ୍ରଦର୍ଶନ କରିବା ଦ୍ୱାରା ତାହା ବିପଦକୁ ଡାକି ଆଣେ ଓ ଯୋଗପଥରୁ ବିଚ୍ୟୁତ କରି ଦିଏ । ସିଦ୍ଧି ପ୍ରାପ୍ତ ସାଧକଗଣ ଦିବ୍ୟ ସଂକଳ୍ପକୁ ଅନୁସରଣ କରି ଆବଶ୍ୟକ ସ୍ଥଳେ ଆପଣା ସିଦ୍ଧିକୁ କ୍ୱଚିତ୍ ପ୍ରୟୋଗ କରିଥା'ନ୍ତି । ଯୁଗାନ୍ତରେ ଅନେକ ପ୍ରକାର ଯୋଗର ଅଭ୍ୟୁଦୟ ହୋଇଛି, ଯେପରି – ହଠଯୋଗ, ରାଜଯୋଗ, କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ମନ୍ତ୍ରଯୋଗ, ତନ୍ତ୍ରଯୋଗ, ଲୟଯୋଗ, ଶିବଯୋଗ, କ୍ରିୟାଯୋଗ, ତ୍ରିମାର୍ଗଯୋଗ, ଅଧ୍ୟାତ୍ମ ଯୋଗ, କୁଣ୍ଡଳିନୀ ଯୋଗ ଇତ୍ୟାଦି । ବିଭିନ୍ନ ପ୍ରଣାଳୀ, ବିଭିନ୍ନ ଲକ୍ଷ୍ୟକୁ ନେଇ ବିଭିନ୍ନ ଯୋଗର ଉଦ୍ଭବ ହୋଇଛି । ମହର୍ଷି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସନାତନ ଧର୍ମର ଯୋଗ ଦର୍ଶନର ଅତ୍ୟାଧୁନିକ ଅପୂର୍ବ ଓ ଅମୂଲ୍ୟ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ପ୍ରଣୟନ କରିଥିବା ଅନନ୍ତ, ଅସୀମ, ଅତଳ ମହାସାଗର ତୁଲ୍ୟ ପୂର୍ଣ୍ଣଯୋଗ ସମ୍ପର୍କରେ କହନ୍ତି :

"Yoga means union and the whole object of Yoga is the union of the human soul with the supreme Being and of the present nature of humanity with the eternal, supreme or divine Nature.

The greater the union, the greater the Yoga, the more complete the union, the more complete the Yoga."

(C.W.S.A. Vol. 12, pp. 334-335)

ଏହାର ଭାବାନୁବାଦ ହେଲା –

''ଯୋଗ କହିଲେ ଯୋଡ଼ିବା ଓ ସମସ୍ତ ଯୋଗର ଲକ୍ଷ୍ୟ ହେଲା ମାନୁଷୀ ଆତ୍ମାଟିକୁ ପରମ ଦିବ୍ୟସତ୍ତାଙ୍କ ସହ ଯୁକ୍ତ କରିବା ଓ ବର୍ତ୍ତମାନ ମାନବସମାଜର ପ୍ରକୃତି ବା ସ୍ୱଭାବକୁ ଶାଶ୍ୱତ, ପରମ ବା ଦିବ୍ୟ ବିଶ୍ୱପ୍ରକୃତି ସହ ସମ୍ମିଳିତ କରିବା ।

ଏହି ମିଳନ ଯେତେ ଅଧିକ ନିବିଡ଼ ହେବ, ଯୋଗ ସେତେ ଅଧିକ ମହାନ୍ ହୋଇ ପାରିବ, ଏହି ମିଳନ ଯେତେ ପୂର୍ଣ୍ଣାଙ୍ଗ ହେବ ଯୋଗ ସେତିକି ଅଧିକ ପୂର୍ଣ୍ଣାଙ୍ଗ ହୋଇପାରିବ ।''

ପୁନଶ୍ଚ ସେ କହନ୍ତି : "A change of consciousness is the whole meaning of the process of Yoga."

(C.W.S.A. Vol. 12, p. 327)

ଅର୍ଥାତ୍, ''ଚେତନାର ପରିବର୍ତ୍ତନହିଁ ସମଗ୍ର ଯୋଗର ଲକ୍ଷ୍ୟ ବା ପ୍ରଣାଳୀ ବା ତାତ୍ପର୍ଯ୍ୟ'' ।

ପୁନଶ୍ଚ, "Yoga is a passage from ignorance to self-knowledge, from our apparent to our true being, from an outer phenomenal mental vital material life-existence to an inner spiritual existence and a spiritualised nature."

(C.W.S.A. Vol. 12, p : 330)

ଅର୍ଥାତ୍, ''ଯୋଗ ହେଲା ଅଜ୍ଞାନତାରୁ ଆତ୍ମ-ଜ୍ଞାନ

ଦିଗରେ ଏକ ଅଭିଯାତ୍ରା, ଏକ ଯଥାର୍ଥ ସତ୍ତାର ମନସର୍ବସ୍ୱ, ପ୍ରାଣ ଓ ଜଡ଼ ସର୍ବସ୍ୱ ଜୀବନରୁ ଆନ୍ତର ଆଧ୍ୟାତ୍ମିକ ସ୍ଥିତି ଓ ଆଧ୍ୟାତ୍ମିକ ପ୍ରକୃତି ଦିଗରେ ଏକ ଅଭିଯାନ ।'' ସଂସାରରେ ରହି ଓ ସମସ୍ତଙ୍କୁ ସଙ୍ଗରେ ନେଇ ଏହି ଯେଉଁ ଦୁରୂହ ଯାତ୍ରା, ତାହା ସମଗ୍ର ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେଥିଲାଗି ବିନିଯୋଗ କରିବାକୁ ଓ ତଦନୁପୋଯୋଗୀ କରିବାକୁ ହୁଏ । ଅତିମାନସ ସିଦ୍ଧି ଓ ସମଗ୍ର ବିଶ୍ୱପ୍ରକୃତିର ରୂପାନ୍ତର ହେଲା ଏହି ପୂର୍ଣ୍ଣଯୋଗର ଲକ୍ଷ୍ୟ ।

**୨. ସାଂଖ୍ୟ ଦର୍ଶନ :** ଏ ଦର୍ଶନର ପ୍ରଥମ ପ୍ରଣେତା ହେଲେ କପିଳମୁନି । କିନ୍ତୁ ତାଙ୍କ ପ୍ରବର୍ତ୍ତିତ ତତ୍ତ୍ୱ ପ୍ରାୟ ଅଲଭ୍ୟ । ବର୍ତ୍ତମାନ ଯାହା ସାଂଖ୍ୟ ଦର୍ଶନ ରୂପେ ବିଦିତ ତାହା ତୃତୀୟ ଶତାବ୍ଦୀର 350 CE ଜଣେ ମନୀଷୀ ଈଶ୍ୱର କୃଷ୍ଣଙ୍କ ଦ୍ୱାରା ଲିପିବଦ୍ଧ । ତାଙ୍କ ଗ୍ରନ୍ଥର ନାମ ହେଲା 'ସାଂଖ୍ୟ କାରିକା' । ସାଂଖ୍ୟର ବକ୍ତବ୍ୟ ହେଲା ଯେ ଦୁଇଟି ମୁଖ୍ୟ ତତ୍ତ୍ୱ ଏ ସୃଷ୍ଟିକୁ ପରିଚାଳନା କରୁଛନ୍ତି – ପ୍ରକୃତି ଓ ପୁରୁଷ । ପୁରୁଷ ହେଲା ଆତ୍ମାର ସମତୁଲ ଏକ ଅଭିବ୍ୟକ୍ତି । ସେ ସଦା ଅବିଚଳିତ, ଦ୍ରଷ୍ଟା ବା ସାକ୍ଷୀପୁରୁଷ । ପ୍ରକୃତିର ବ୍ୟାପକତା ଉପରେ ପୁରୁଷର ପ୍ରତିଫଳନ ଯୋଗୁଁ ଅସଂଖ୍ୟ ସତ୍ତା ସୃଷ୍ଟି ହୁଅନ୍ତି । ନିଷ୍କ୍ରିୟ ପୁରୁଷ ଓ ସକ୍ରିୟ ପ୍ରକୃତିର ସଂଯୋଗରେହିଁ ବିଶ୍ୱ ସୃଷ୍ଟିର କାରଣ ହୋଇଛି ।

ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ – ଏହି ତିନିଗୁଣ ଭିତରେ ଜଗତକୁ ଆବଦ୍ଧ କରି ରଖିଥାଏ । କିନ୍ତୁ ପ୍ରତ୍ୟେକ ଜୀବନିହିତ ପୁରୁଷ ଜ୍ଞାନାଲୋକ ଦ୍ୱାରା ପ୍ରକୃତିର ଆୟତ୍ତରୁ ମୁକ୍ତିଲାଭ କରିପାରେ । ସେହି ମୁକ୍ତିଲାଭ କରିବା ହେଲା ସାଂଖ୍ୟର ଆଭିମୁଖ୍ୟ ।

ଶ୍ରୀମଦ୍ ଭଗବଦ୍ ଗୀତା କହେ –

ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ୟୋଗୈରପି ଗମ୍ୟତେ ।
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ।।୫/୫।।

ଅର୍ଥାତ୍, ''ଜ୍ଞାନଯୋଗୀମାନଙ୍କ ଦ୍ୱାରା ଯେଉଁ ପରମଧାମ ପ୍ରାପ୍ତ କରାଯାଏ, କର୍ମଯୋଗୀମାନଙ୍କ ଦ୍ୱାରା ମଧ୍ୟ ସେହି ପରମଧାମ ପ୍ରାପ୍ତ କରାଯାଏ । ତେଣୁ ଯେଉଁ ପୁରୁଷ ଜ୍ଞାନଯୋଗ ଓ କର୍ମଯୋଗକୁ ଫଳ ରୂପରେ ଏକ ବୋଲି ଦେଖନ୍ତି, ସେହିଁ ଯଥାର୍ଥ ଦେଖନ୍ତି ।'' ଏହି ଶ୍ଳୋକ ସମ୍ପର୍କିତ ଶ୍ରୀଅରବିନ୍ଦଙ୍କ ଭାଷ୍ୟ ହେଲା –

''ସାଂଖ୍ୟ ଓ ଯୋଗ ଦୁଇଟି ସମ୍ପୂର୍ଣ୍ଣ ପୃଥକ୍, ସାମଞ୍ଜସ୍ୟହୀନ ଓ ପରସ୍ପର ବିରୋଧୀ ମତବାଦ ନୁହେଁ । ବରଂ ଉଭୟର ମୂଳନୀତି ଓ ଲକ୍ଷ୍ୟ ଏକ । କେବଳ ପଦ୍ଧତି ଓ ପ୍ରାରମ୍ଭରେ ସେମାନଙ୍କ ଭିତରେ ଯାହାକିଛି ଭିନ୍ନତା ରହିଛି । ସାଂଖ୍ୟ ମଧ୍ୟ ଏକ ଯୋଗ, କିନ୍ତୁ ଏହା କେବଳ ଜ୍ଞାନ ଭିତର ଦେଇ ଅଗ୍ରସର ହୁଏ, ଆମ ସତ୍ତାର ତତ୍ତ୍ୱସମୂହ ସମ୍ପର୍କରେ ବୁଦ୍ଧିଗତ ବିଚାର ଓ ବିଶ୍ଳେଷଣରେ ଏହାର ଆରମ୍ଭ ଏବଂ ଶେଷରେ ସତ୍ୟର ଦର୍ଶନ ଓ ସତ୍ୟ ଲାଭରେ ଏହା ନିଜ ଲକ୍ଷ୍ୟରେ ପହଞ୍ଚେ । ଅନ୍ୟ ପକ୍ଷରେ ଯୋଗ ଅଗ୍ରସର ହୁଏ କର୍ମ ଭିତର ଦେଇ, ଏହା ମୂଳତଃ କର୍ମଯୋଗ । କିନ୍ତୁ ଗୀତାରେ ସମଗ୍ର ଶିକ୍ଷାରେ ଓ ପରେ କର୍ମ ଶବ୍ଦର ଯେଉଁ ସଂଜ୍ଞା ଦିଆଯାଇଛି ସେଥିରୁ ଏହା ସ୍ପଷ୍ଟ ହୁଏ ଯେ କର୍ମ ଶବ୍ଦଟି ଖୁବ୍ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଇଛି । ଯୋଗ ଶବ୍ଦ ଯେଉଁ ଅର୍ଥରେ ବ୍ୟବହୃତ ହୋଇଛି ତା'ହେଲା ଆମ ଭିତର ଓ ବାହାରର ସମସ୍ତ କର୍ମକୁ ସର୍ବ କର୍ମର ତପସ୍ୟା ଓ ଶକ୍ତିର ଯେ ପ୍ରଭୁ ତାଙ୍କ ନିକଟରେ ଯଜ୍ଞ ରୂପେ ନିଃସ୍ୱାର୍ଥପର ଭାବରେ ଶାଶ୍ୱତଙ୍କୁ ଅର୍ପଣ କରିବା । ଯୋଗ ହେଉଛି ସେହି ସତ୍ୟର ସାଧନା ଯାହା ଆମେ ଜ୍ଞାନ ଦ୍ୱାରା ଦର୍ଶନ କରୁ ଏବଂ ଏହି ସାଧନାର ଚାଳକ ଶକ୍ତି ହେଉଛି ଏକ ଜ୍ଞାନଦୀପ୍ତ ଭକ୍ତି ଓ ଶାନ୍ତ, ଆବେଗମୟ ଆତ୍ମ ସମର୍ପଣର ଭାବ, ସେହି ପରମଙ୍କ ଉଦ୍ଦେଶ୍ୟରେ ଯାହାଙ୍କୁ ଜ୍ଞାନ ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ବୋଲି ଜାଣିଥାଏ ।''

(ଗୀତା ନିବନ୍ଧମାଳା, ପୃ. ୮୪, ୧୯୯୯ ସଂସ୍କରଣ)

କିନ୍ତୁ ସାଂଖ୍ୟର ସତ୍ୟ କ'ଣ ? ଏହି ଦର୍ଶନର ନାମ ସାଂଖ୍ୟ ହୋଇଛି, କାରଣ ଏହା ତତ୍ତ୍ୱ ସମୂହର ବିଶ୍ଳେଷଣ ଓ ସଂଖ୍ୟାକରଣ କରିଛି ବୋଲି । ଚେତନ ଜୀବାତ୍ମା ୨୫ଟି ତତ୍ତ୍ୱ ନେଇ ଉଦ୍ଭୂତ । ସେହି ତତ୍ତ୍ୱଗୁଡ଼ିକ ହେଲା ପଞ୍ଚଭୂତ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ପଞ୍ଚ ତନ୍ମାତ୍ର; ଏଥିସହ ମନ, ବୁଦ୍ଧି, ଚିତ୍ତ, ଅହଂକାର ଓ ପ୍ରକୃତି ଏହିପରି ୨୫ ଗୋଟି ଉପାଦାନକୁ ନେଇ ଜୀବ ଜଗତର ସୃଷ୍ଟି । ପ୍ରକୃତି ତ୍ରିଗୁଣମୟୀ – ଶକ୍ତିର ତିନୋଟି ରୂପ ନେଇ ଗଠିତ – ସତ୍ତ୍ୱ, ରଜଃ ଓ ତମଃ । ସାଂଖ୍ୟଦର୍ଶନ ଅନୁଯାୟୀ ପ୍ରକୃତି ଓ ପୁରୁଷର ସତ୍ତ୍ୱ ଗୁଣ ବିବେକ ଜାଣି ନାହିଁ । ବିବେକ ପ୍ରାପ୍ତି ମୋକ୍ଷର ସୋପାନ ଅଟେ । କପିଳମୁନି ବେଦକୁ ସ୍ୱତଃ ପ୍ରମାଣ ଓ ଅପୌରୁଷେୟ ବୋଲି ମାନି ନେଇଛନ୍ତି । ସାଂଖ୍ୟ ଦର୍ଶନର ଶ୍ଳୋକ ସଂଖ୍ୟା ହେଲା ୫୨୭ ।

**୩. ନ୍ୟାୟ ଦର୍ଶନ :** ରାମାୟଣ ଯୁଗର ମହର୍ଷି ଗୌତମ ଏହାର ପ୍ରବର୍ତ୍ତକ । ସମ୍ଭବତଃ ଏହା ପୃଥିବୀର ପ୍ରଥମ ଯୁକ୍ତିବିଜ୍ଞାନ (Logic) । ଯୁକ୍ତି ଓ ହେତୁ ଜରିଆରେ ମନ ହୁଏତ ଯଥାର୍ଥ ସିଦ୍ଧାନ୍ତରେ ପହଞ୍ଚିପାରେ, ଆକ୍ଷରିକ ଅର୍ଥରେ ତାହାହିଁ ନ୍ୟାୟ । ଯୁକ୍ତି ଠିକ୍ ହୋଇପାରେ, ଭୁଲ୍ ବି ହୋଇପାରେ । ନ୍ୟାୟର ସାଧାରଣ ଅର୍ଥ ତାହାହିଁ ଠିକ୍ ଯାହା ନ୍ୟାୟ ସଙ୍ଗତ । ଅତଏବ ନ୍ୟାୟ ହେଲା କ'ଣ ଠିକ୍ ତାହା ନିର୍ଣ୍ଣୟ କରିବା ଲାଗି ଯୁକ୍ତି ବିଜ୍ଞାନ ପ୍ରୟୋଗ କରିବା ।

ନ୍ୟାୟ ଦର୍ଶନ ଅନୁଯାୟୀ ଜ୍ଞାନ ଆହରଣର ଚାରୋଟି ମୁଖ୍ୟ ଉପାୟ ରହିଛି, ଯଥା –

୧. ପ୍ରତ୍ୟକ୍ଷ ଦର୍ଶନ (Direct perception)
୨. ଅନୁମାନ (Inference)
୩. ଉପମାନ (Comparison)
୪. ଶବ୍ଦ (Testimony : ଲିଖିତ ବା କଥିତ ସାକ୍ଷ୍ୟ)

ସ୍ମୃତି, ସନ୍ଦେହ, ଭ୍ରାନ୍ତି, ପରିକଳ୍ପିତ ଯୁକ୍ତି ଉପରେ ଆଧାରିତ ଜ୍ଞାନ ଅସିଦ୍ଧ । ନ୍ୟାୟଦର୍ଶନ ମତରେ କାର୍ଯ୍ୟ ପୂର୍ବରୁ ପରିଣତି ନିର୍ଦ୍ଧାରିତ ହୋଇ ରହି ନଥାଏ । ମିଥ୍ୟା ଜ୍ଞାନର ଲୋପ, ରାଗଦ୍ୱେଷାଦି ଦୋଷର କ୍ଷୟ ଓ ପରିଶେଷରେ ଜନ୍ମଦୁଃଖରୁ ନିବୃତ୍ତି ହେଉଛି ମୋକ୍ଷର ଉପାୟ । ବେଦାଦି ଶାସ୍ତ୍ରକୁ ଓ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ସ୍ୱୀକାର କରୁ ନଥିବା ବ୍ୟକ୍ତିମାନଙ୍କୁ ଯୁକ୍ତି ତର୍କ ଦ୍ୱାରା କିପରି ପରାଜିତ କରାଯାଇପାରେ ତାହାର ପ୍ରଣାଳୀ ଉଲ୍ଲେଖ କରାଯାଇଛି । ନ୍ୟାୟଦର୍ଶନ ସୃଷ୍ଟିକର୍ତ୍ତାଙ୍କୁ ପରମେଶ୍ୱର, ସର୍ବବ୍ୟାପକ ଓ ସର୍ବଜ୍ଞ (Omnipresent and Omniscient) ରୂପେ ଗ୍ରହଣ କରିଥାଏ । ଅଳ୍ପଜ୍ଞ ଜୀବକୁ ଶରୀରାଦିରୁ ଭିନ୍ନ, ଆତ୍ମା ଓ ଜଡ଼ ପ୍ରକୃତିକୁ ଅଚେତନ ଓ ସୃଷ୍ଟିର ଉପାଦାନ ରୂପେ ସ୍ୱୀକାର କରିଥାଏ । ନ୍ୟାୟ ଦର୍ଶନର ସୂତ୍ର ସଂଖ୍ୟା ୫୨୨ ।

ମହର୍ଷି ବାତ୍ସାୟନଙ୍କ ନ୍ୟାୟଭାଷ୍ୟ ପ୍ରସିଦ୍ଧ ଅଟେ ।

**୪. ଚତୁର୍ଥ ଦର୍ଶନ ବୈଶେଷିକ ନାମରେ ବିଦିତ ।** ବିଶେଷପଦରୁ ବୈଶେଷିକ ପଦଟି ନିଷ୍ପନ୍ନ ହୋଇଛି । ପ୍ରତ୍ୟେକ ଜୀବ ଏକ ବିଶେଷ ସତ୍ତା । ପ୍ରତ୍ୟେକ ସତ୍ତା ଆପଣାର କର୍ମ ଓ କର୍ମଫଳ ଦ୍ୱାରା ଭାରାକ୍ରାନ୍ତ । ଏ ଦର୍ଶନର ପ୍ରବର୍ତ୍ତକ ହେଲେ କଣାଦ । ଏ ଦର୍ଶନ ଶାସ୍ତ୍ରର ଏକ ମୁଖ୍ୟ ଆଲୋଚ୍ୟ ବିଷୟ ହେଲା 'କଣା' ବା 'ଅଣୁ' (Atom) । ଅଣୁର ରହିଛି ଚାରି ଅଭିବ୍ୟକ୍ତି, ଯଥା – ଭୂମି, ଜଳ, ଆଲୋକ ଏବଂ ବାୟୁ । ଅଦୃଶ୍ୟ ତଥା ଶକ୍ତିମାନ୍ କଣା (Atom) କେବଳ ସବୁର ମୂଳଭିତ୍ତି ନୁହେଁ, ପ୍ରତ୍ୟେକ କଣା ଅବିଭାଜ୍ୟ ମଧ୍ୟ । ଏହାର ନିଜସ୍ୱ ତତ୍ତ୍ୱାବଳୀ, ଜ୍ଞାନତତ୍ତ୍ୱ, ତର୍କଶାସ୍ତ୍ର, ନୀତିଶାସ୍ତ୍ର, ମୁକ୍ତିଶାସ୍ତ୍ର ରହିଛି ।

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ପରବର୍ତ୍ତୀ କାଳରେ କଶ୍ୟପ ଓ କଣାଦଙ୍କ ଦ୍ୱାରା ଏହି ଦର୍ଶନ ପ୍ରବର୍ତ୍ତିତ ହୋଇଥିଲା । ଧର୍ମ ସାଂସାରିକ ଉନ୍ନତି ଓ ମୋକ୍ଷ ପ୍ରାପ୍ତିର ସାଧନ । ଧର୍ମ, ଅର୍ଥ, କାମ ଓ ମୋକ୍ଷ – ପୁରୁଷାର୍ଥ ଚତୁଷ୍ଟୟ ଲାଗି ଧର୍ମାନୁଷ୍ଠାନ ଅପରିହାର୍ଯ୍ୟ ।

ଆତ୍ମା ସମ୍ପର୍କରେ ବୈଶେଷିକ ଦର୍ଶନର ବକ୍ତବ୍ୟ ହେଲା, ଦେହ କିଂବା ଇନ୍ଦ୍ରିୟମାନେ କିଂବା ଚିନ୍ତାପଦ୍ଧତି ଚେତନାକୁ ଆୟତ୍ତ କରି ପାରନ୍ତି ନାହିଁ । ଆତ୍ମାହିଁ ଚେତନାର ପ୍ରତ୍ୟକ୍ଷ ପ୍ରତିଭା; ତେଣୁ ଆତ୍ମାର ସ୍ଥିତି ଏମାନଙ୍କଠାରୁ ସ୍ୱତନ୍ତ୍ର । ବ୍ରହ୍ମ ଓ ଜୀବ ଉଭୟେ ସଚେତନ । ପରନ୍ତୁ ଜୀବର ବିଶେଷ ଧର୍ମ ହେଲା ସେ ଭୋକ୍ତା, ଅଳ୍ପଜ୍ଞ, ସୀମିତ ଓ ପରିଚ୍ଛିନ୍ନ ବା ପରିମିତ । ପ୍ରତ୍ୟେକ କାରଣର ଗୁଣାବଳୀ କାର୍ଯ୍ୟରେ ପରିଦୃଷ୍ଟ ହୁଏ । ବେଦ ଈଶ୍ୱରୋକ୍ତ ହୋଇଥିବାରୁ ତାହା ପ୍ରମାଣ ସିଦ୍ଧ । ଏହି ଦର୍ଶନର ସୂତ୍ର ସଂଖ୍ୟା ୩୧୭ ।

**୫. ପୂର୍ବ ମୀମାଂସା :** ଏହାର ପ୍ରବକ୍ତା ହେଲେ ଜୈମିନି ଋଷି । ମୀମାଂସା ଶବ୍ଦର ଅର୍ଥ ହେଲା ସିଦ୍ଧାନ୍ତ ବା ସମାଧାନ (Solution) । ତେବେ ଶବ୍ଦଟି ମନନରୁ ଆହୃତ ହୋଇଥାଇ ପାରେ । ମୀମାଂସା ସୂତ୍ର କୁହେ ମୁକ୍ତିହିଁ ଜୀବନର ଆଭିମୁଖ୍ୟ । ଜୈମିନିଙ୍କ ମତରେ ଚିତ୍ତ ବ୍ରହ୍ମଲୋକରେ ରହିବାହିଁ ସେହି ମୁକ୍ତିର ରୂପାୟନ । ସେଦିଗରେ ରହିଛି ବେଦ ପ୍ରଦର୍ଶିତ ମାର୍ଗ । ବେଦର ସତ୍ୟ ସ୍ୱୟଂ-ପ୍ରତିଷ୍ଠ ଓ ଚିରନ୍ତନ । ଜୈମିନିଙ୍କ ପ୍ରଦର୍ଶିତ ଆଲୋକରେ ବେଦର ବିଧିବିଧାନ, କର୍ମକାଣ୍ଡ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରେ ସୃଷ୍ଟି ପ୍ରକ୍ରିୟାକୁ ଯଜ୍ଞ ରୂପରେ ବୁଝାଇବାକୁ ଚେଷ୍ଟା କରାଯାଇଛି । କର୍ମକାଣ୍ଡଗୁଡ଼ିକ ବେଦମନ୍ତ୍ରର ବିନିଯୋଗ ଉପରେ ଆଶ୍ରିତ । ଏଥିରେ ଯଜ୍ଞର ବୈଜ୍ଞାନିକ ବ୍ୟାଖ୍ୟା, ମନ୍ତ୍ରର ଲକ୍ଷଣ, ବେଦ ଓ ବ୍ରାହ୍ମଣ ଗ୍ରନ୍ଥ ମଧ୍ୟରେ ଭେଦ, ସସ୍ୱର ବେଦପାଠ, ନାରୀର ବେଦାଧିକାର ଇତ୍ୟାଦି ବିଷୟ ବ୍ୟାଖ୍ୟା କରାଯାଇଛି । ଏହାର ସୂତ୍ରସଂଖ୍ୟା ୨୭୨ ।

**୬. ଉତ୍ତର ମୀମାଂସା ବା ବେଦାନ୍ତ :**

ବେଦାନ୍ତ ଦର୍ଶନ ସବୁଠୁ ଅଧିକ ପ୍ରଭାବଶାଳୀ ।

ବଦରାୟଣଙ୍କ ପ୍ରଣୀତ 'ବେଦାନ୍ତ ସୂତ୍ର' ଏହାର ଭିତ୍ତି । 'ସର୍ବଂ ଖଳୁ ଇଦଂ ବ୍ରହ୍ମ'– ଏହାହିଁ ବେଦାନ୍ତ ସୂତ୍ରର ମୂଳତତ୍ତ୍ୱ । ତତ୍ତ୍ୱଟି ଖୁବ୍ ସରଳ ଓ ସ୍ୱଷ୍ଟ ମନେ ହୋଇପାରେ, କିନ୍ତୁ ଏହାର ବ୍ୟାଖ୍ୟା ଓ ଉପସ୍ଥାପନାରେ ମନୀଷୀମାନଙ୍କର ଭିନ୍ନ ଭିନ୍ନ ମତ ଦେଖାଯାଏ ।

ବେଦାନ୍ତ ତତ୍ତ୍ୱର ମହାନ୍ ବ୍ୟାଖ୍ୟାକାରମାନଙ୍କ ମଧ୍ୟରେ ଅଛନ୍ତି ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ଓ ମାଧ୍ୱାଚାର୍ଯ୍ୟ । ଶ୍ରୀଶଙ୍କରଙ୍କ ମତ ଅଦ୍ୱୈତ ଭାବରେ ଖ୍ୟାତ, ରାମାନୁଜାଚାର୍ଯ୍ୟଙ୍କର ବିଶିଷ୍ଟ ଦ୍ୱୈତ, ମାଧ୍ୱାଚାର୍ଯ୍ୟ ବା ପୂର୍ଣ୍ଣପ୍ରଜ୍ଞାଙ୍କ ମତ ଦ୍ୱୈତ । ଶଙ୍କରାଚାର୍ଯ୍ୟ କହନ୍ତି ମଣିଷର ସବୁ ଅଭିଜ୍ଞତା ମାୟାମୟ, ଅସମ୍ପୂର୍ଣ୍ଣ ଓ ଅସ୍ଥାୟୀ, ତେଣୁ ସେସବୁକୁ ବାସ୍ତବ ବା ସତ୍ୟ ବୋଲି ଗ୍ରହଣ କରାଯାଇ ପାରେନା । ଏହାର ଅର୍ଥ ଏହା ନୁହେଁ ଯେ ଏସବୁ ଅଭିଜ୍ଞତା ଲାଭ କରୁଥିବା ସତ୍ତା ଅବାସ୍ତବ ବା ଅସତ୍ୟ । ସେ ସତ୍ତା ବା ଆତ୍ମା ଚିରନ୍ତନ । ଜଗତ୍ ମିଥ୍ୟା, କିନ୍ତୁ ବ୍ରହ୍ମସତ୍ୟ ।

ରାମାନୁଜାଚାର୍ଯ୍ୟଙ୍କର ମତରେ ବ୍ରହ୍ମ ସଗୁଣ । ଏ ସୃଷ୍ଟି ବ୍ରହ୍ମଙ୍କ ଗୁଣ ବିଶେଷ । ତେଣୁ ସୃଷ୍ଟି ମିଥ୍ୟା ହୋଇ ନପାରେ । ଆତ୍ମା ବ୍ରହ୍ମସହ ସମ୍ପର୍କିତ ହେବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ମଧ୍ୟ ।

ମାଧ୍ୱାଚାର୍ଯ୍ୟଙ୍କ ଦ୍ୱୈତବାଦ ବ୍ରହ୍ମଙ୍କୁ ସତ୍ୟ ବୋଲି ଗ୍ରହଣ କରେ, କିନ୍ତୁ ବ୍ୟକ୍ତିସତ୍ତା ଠାରୁ ସେ ସ୍ୱତନ୍ତ୍ର । ଏ ଉଭୟର ଭିନ୍ନତା ଚିରନ୍ତନ ।

ଆଧୁନିକ ଯୁଗରେ ବେଦାନ୍ତର ସତ୍ୟ ନୂତନ ଭାବରେ ଜୀବନ୍ୟାସ ପାଇଛି । ଈଶୋପନିଷଦ୍‌ର ଗୋଟିଏ ଶ୍ଳୋକକୁ ଶ୍ରୀଅରବିନ୍ଦ ବୁଝାଇ କହିଛନ୍ତି : ''ଈଶ୍ୱର ଓ ପୃଥିବୀ ଯେତେ ଭିନ୍ନ ଦେଖାଦେଲେ ବି ପ୍ରକୃତରେ ଅଭିନ୍ନ । – ସେମାନେ ଏକହିଁ ବ୍ରହ୍ମ ।''

ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟିରୁ ଅଭିବ୍ୟକ୍ତ ଚମତ୍କାର ଭାଷା ଓ ଶାଣିତ ଯୁକ୍ତି ଦ୍ୱାରା ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କର ଯେଉଁ ଦର୍ଶନ ଉପସ୍ଥାପନ କରିଛନ୍ତି ତାହାକୁ 'ମୂଳବେଦାନ୍ତ' ବୋଲି ଅଭିହିତ କଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ସମନ୍ୱୟଧର୍ମୀ ତତ୍ତ୍ୱ ଅନୁସାରେ ବସ୍ତୁ ପର୍ଯ୍ୟାୟରୁ ଚୂଡ଼ାନ୍ତ ଜଗତ୍ ପର୍ଯ୍ୟାୟ ଯାଏ ବ୍ରହ୍ମ (Absolute) ବହୁ ସ୍ତରରେ ଅଭିବ୍ୟକ୍ତ, ବହୁ ସ୍ତର ଦେଇ ସୃଷ୍ଟିର ବିକାଶ । ଜ୍ଞାନ, କର୍ମ ଓ ଉପାସନା – ଏହି ତିନିଟି ପରସ୍ପରର ପରିପୂରକ । ଏହି ଦର୍ଶନର ସୂତ୍ର ସଂଖ୍ୟା ୫୫୫ ।

ଦକ୍ଷିଣ ଭାରତରେ ବହୁଳ ଭାବେ ପ୍ରଚଳିତ ''ଶୈବ ସିଦ୍ଧାନ୍ତ'' ଷଡ଼୍‌ଦର୍ଶନର ଅନ୍ତର୍ଭୁକ୍ତ ନହେଲେ ବି ଏହାକୁ ସପ୍ତମ ଦର୍ଶନ ବୋଲି କୁହାଯାଏ । ଏହା ଏକ ପ୍ରଭାବଶାଳୀ ତତ୍ତ୍ୱ ରୂପେ ତାମିଲନାଡୁରେ ବହୁଳ ଭାବେ ପ୍ରସାରିତ ।

ଷଡ଼୍‌ଦର୍ଶନର ମୂଳସ୍ରୋତ ହେଲା ବେଦ । ପ୍ରତ୍ୟେକ ଦର୍ଶନ ବେଦକୁ ଅପୌରୁଷେୟ ଓ ସ୍ୱତଃ ପ୍ରମାଣ ବୋଲି ଘୋଷଣା କରିଛନ୍ତି । ସବୁ ଭାରତୀୟ ଦର୍ଶନରେ ବେଦର ବିଚାର ପ୍ରତିଧ୍ୱନିତ ହୁଏ । ଷଡ୍‌ଦର୍ଶନ ପରସ୍ପର ବିରୋଧୀ ନୁହନ୍ତି । ଅନେକେ ମତ ଦେଇଥା'ନ୍ତି ଯେ ଛଅଟି ଦର୍ଶନ ମଧ୍ୟରେ ବିବାଦ ରହିଛି । ଏପରି ମତ ଦେବା ଯାହା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଆଦି ଶାସ୍ତ୍ରଗୁଡ଼ିକୁ ପରସ୍ପର ବିରୋଧୀ ବୋଲି କୁହାଯିବ କି ? ଭିନ୍ନ ଭିନ୍ନ ବିଷୟରେ ଅଥବା ସମାନ ବିଷୟରେ ଭିନ୍ନ ଭିନ୍ନ ପ୍ରକାର ବର୍ଣ୍ଣନାକୁ ମତଭେଦ ବୋଲି କୁହାଯାଇ ନପାରେ । ବିଭିନ୍ନ ଦର୍ଶନର ବର୍ଣ୍ଣନା-ପ୍ରକ୍ରିୟାରେ ଭେଦ ରହିବା ସ୍ୱାଭାବିକ । ଜଣେ ଦାର୍ଶନିକ ଅନ୍ୟର ସିଦ୍ଧାନ୍ତକୁ ଖଣ୍ଡନ କଲେ ତାହାକୁ ଆମେ ମତଭେଦ ବୋଲି କହିବା । ଷଡ଼୍‌ଦର୍ଶନରେ ଏପରି ଉଦାହରଣ ଦେଖାଯାଇ ନଥାଏ । କେତେକ ସ୍ଥାନରେ ବିରୋଧାଭାସ ଦେଖାଯାଏ – ବିରୋଧ ନୁହେଁ ।

ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଲେଖିଛନ୍ତି : ''ଛଅ ଆସ୍ତିକ ଦର୍ଶନ ମୌଳିକ ବିଷୟଗୁଡ଼ିକରେ ପରସ୍ପରର ସହମତି ପ୍ରକାଶ କରିଛନ୍ତି । ସମସ୍ତେ ବେଦର ପ୍ରାମାଣିକତା ସ୍ୱୀକାର ପୂର୍ବକ ଭିନ୍ନ ଭିନ୍ନ ପରିଭାଷାରେ ଅବିଦ୍ୟା, ପ୍ରକୃତି, ପୁରୁଷ, ଆଦି ତତ୍ତ୍ୱର ବ୍ୟାଖ୍ୟାନ କରିଛନ୍ତି । ଜ୍ଞାନର ପ୍ରାମାଣିକତା ଓ ସାଧନ ପ୍ରତ୍ୟେକ ଦର୍ଶନର ମହତ୍ତ୍ୱପୂର୍ଣ୍ଣ ପ୍ରକରଣ ବା ପ୍ରସ୍ତାବ ଓ ଭୂମିକା । ବେଦ, ତର୍କ ଓ ଅନ୍ତଃପ୍ରେରଣା ପ୍ରତ୍ୟେକ ଶାସ୍ତ୍ରର ଭିତ୍ତି । ପ୍ରତ୍ୟେକ ଦର୍ଶନ ସଂଶୟବାଦର ବିରୋଧୀ ।''

ଅଧ୍ୟାପକ ମାକ୍ସମୁଲାର ମଧ୍ୟ ତଦନୁରୂପ ମନ୍ତବ୍ୟ ଦେଇ କହିଛନ୍ତି : ''ମୁଁ ଯେତେ ଅଧିକ ଭାରତୀୟ ଦର୍ଶନ ଅଧ୍ୟୟନ କରୁଛି, ସେତେ ନିଶ୍ଚିତ ରୂପେ ଅନୁଭବ କରୁଛି ଯେ ଷଡ଼୍‌ଦର୍ଶନ ଭିନ୍ନ ଭିନ୍ନ ପୃଷ୍ଠଭୂମିରେ ସଂରଚିତ ହୋଇ ମଧ୍ୟ ସାମାନ୍ୟ ବିଧି, ଭାଷା ଓ ବିଚାରର ଏକ ବିସ୍ତୃତ ମାନସ ସରୋବର ।''

ଛଅଟି ଦର୍ଶନ ନିମ୍ନୋକ୍ତ ବାରଟି ବିଷୟରେ ସହମତି ବ୍ୟକ୍ତ କରିଛନ୍ତି –

୧. ଅଭାବ ବା ଅସତ୍‌ରୁ କଦାପି ଭାବ ବା ସତ୍ ଉତ୍ପନ୍ନ ହୁଏ ନାହିଁ ଏବଂ ଭାବ (ବା ସତ୍) କଦାପି ଅଭାବ (ଅସତ୍) ହୁଏ ନାହିଁ ।

୨. ଜଗତ୍ ରଚନାର ତିନି ମୂଳକାରଣ – ପ୍ରକୃତି, ଜୀବାତ୍ମା, ପରମାତ୍ମା । ଏହି ତିନି ତତ୍ତ୍ୱ (ତ୍ରୈତବାଦ) ଅନାଦି ।
୩. ସୃଷ୍ଟିରେ ଏକତା, ସାମଞ୍ଜସ୍ୟ ଓ ପ୍ରୟୋଜନ ପରିଦୃଷ୍ଟ ହୁଏ । ସୃଷ୍ଟିର ରଚନା, ସ୍ଥିତି ଓ ବିନାଶର ପ୍ରକ୍ରିୟା ଜ୍ଞାନପୂର୍ବକ ସଂଘଟିତ ହୁଏ ।
୪. ଜୀବ କର୍ତ୍ତା ଓ ଭୋକ୍ତା ଅଟେ । ସେ କର୍ମାନୁସାରେ ଭିନ୍ନ ଭିନ୍ନ ଶରୀର ପ୍ରାପ୍ତ କରେ ।
୫. ଜୀବ ଅସଂଖ୍ୟ । ସେମାନେ ଶରୀର, ଇନ୍ଦ୍ରିୟ ଇତ୍ୟାଦି ପ୍ରାକୃତିକ ସଂଘାତ ଯୋଗୁଁ ପୃଥକ୍, ସଚେତନ ଓ ନିତ୍ୟ ।
୬. ବେଦ ସ୍ୱତଃ-ପ୍ରମାଣ ।
୭. ଜୀବନର ଉଦ୍ଦେଶ୍ୟ ମୋକ୍ଷ ।
୮. ଜଗତ୍ ପ୍ରବାହ ଦୃଷ୍ଟିରୁ ଅନାଦି ।
୯. ମିଥ୍ୟାଜ୍ଞାନ ବନ୍ଧନର କାରଣ ।
୧୦. ସଂଶୟବାଦ ଯଥାର୍ଥ ବା ସମର୍ଥନ-ଯୋଗ୍ୟ ନୁହେଁ ।
୧୧. ଜୀବନରେ ନୀତି, ନିୟମ ଓ ନୈତିକତାର ସ୍ଥାନ ଅତ୍ୟୁଚ୍ଚ ।
୧୨. ତ୍ରିବିଧ ଦୁଃଖ (ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ)ରୁ ନିବୃତ୍ତି ମୁକ୍ତି ବା ମୋକ୍ଷ । ଇତ୍ୟାଦି ...

(କ୍ରମଶଃ) ❑

# ଏକ ଆହ୍ୱାନ

## ଦୀପ୍ତି ମିଶ୍ର

ଆସ ଆମେ ନୂଆ ଏକ ପୃଥିବୀ ଗଢ଼ିବା
ପ୍ରଭୁଙ୍କର ସପନକୁ ସାକାର କରିବା,
ସୁଖ, ଶାନ୍ତି, ପ୍ରେମ, ମୈତ୍ରୀ ଯହିଁ ଭରା ଥିବ
ଏକ ପରିବାର ବୋଲି ପରିଚିତ ହେବା । ।୧।

ଅଜ୍ଞାନତା ଫିଙ୍ଗି ଦେବା ବାତାୟନ ଫାଙ୍କେ
ଅନ୍ଧକାର ଦୂରେ ଯିବ ପରାଣ ଆତଙ୍କେ,
ସୁଡ଼ଙ୍ଗ ସେପାରେ ଦିଶେ ଆଲୋକର ରେଖା
ଭିଜାଇବା ନିଜକୁ ସେ ପରମ ଆଲୋକେ । ।୨।

ଅସୀମିତ ଭାବଟିଏ ରୂପରେ ଛାପିବା
ଅନନ୍ତଙ୍କ ଅନୁଭବ ହୃଦୟେ ଆପିବା,
ସ୍ନେହ, ମମତା ମଣ୍ଡିତ ଇଟା, ବାଲି ଦେଇ
ନୂଆ ଏକ ପୃଥିବୀଟେ ନିର୍ମାଣ କରିବା । ।୩।

ଆତ୍ମ ଉନ୍ମୀଳନ ଗୁହାଟିକୁ ଖୋଲି ଦେଇ
ସୀମାବଦ୍ଧତା ପାଚେରି ଦେବା ଯେ ଲିଭେଇ,
ମନ ଖୋଲି ହସୁଥିବା ପ୍ରୀତି ପାଖୁଡ଼ାରେ
ଏକାତ୍ମ ସୂତ୍ରରେ ପରସ୍ପର ଯୋଡ଼ି ହୋଇ । ।୪।

ଆବିଳତା ଆବର୍ଜନା ରଖିବାନି ପାଶେ
ସୂର୍ଯ୍ୟଙ୍କୁ ଚାହିଁ ଯେମିତି ସୂର୍ଯ୍ୟମୁଖୀ ହସେ,
ଆନନ୍ଦ ଆଲୋକ ସ୍ରୋତେ ମିଶାଇ ନିଜକୁ
ବରିନେବା ତାଙ୍କୁ ପ୍ରାପ୍ତ କରିବା ସକାଶେ । ।୫।

ବୀର ସୈନିକ ସାଜିବା କରିଯିବା ଯୁଦ୍ଧ
ଦେବତାର ଗୁଣେ ହୃଦ କରିବା ବିଶୁଦ୍ଧ,
ତଡ଼ି ଦେବା ଶରୀରର ଅନ୍ତଃଶତ୍ରୁ ଯେତେ
ପରମଙ୍କ ଶକତିକୁ କରିଣ ଆୟୁଧ । ।୬।

ଆସ ଆମେ ନୂଆ ଏକ ପୃଥିବୀ ଗଢ଼ିବା
ଦିବ୍ୟ ଜନନୀଙ୍କ ସ୍ୱପ୍ନ ସାକାର କରିବା । ।୭। ❑



# ସଙ୍ଗତିର ସ୍ୱାଦ

## ପ୍ରସାଦ ତ୍ରିପାଠୀ

ପ୍ରଥମ କରି ଏକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲାଯିବାର ପ୍ରସ୍ତାବ ନେଇ ଯେଉଁଦିନ ମୋ' ପାଖକୁ ସେମାନେ ଆସିଲେ, ମୁଁ ପଚାରିଥିଲି, ଆଜି ପର୍ଯ୍ୟନ୍ତ ପାଠଚକ୍ର ଆରମ୍ଭ କରି ନାହାନ୍ତି କିନ୍ତୁ ଶିକ୍ଷାକେନ୍ଦ୍ର ପାଇଁ ଆଗ୍ରହ କାହିଁକି କରୁଛନ୍ତି ? ଉତ୍ତର ଦେଲେ – ଆମେ ଅନେକ ମାତୃଭକ୍ତ ଭିନ୍ନ ଭିନ୍ନ ସ୍ଥାନରେ ପାଠଚକ୍ରରେ ଯୋଗଦେଉ; ମାତ୍ର ନିଜେ ଆଜି ପର୍ଯ୍ୟନ୍ତ ପାଠଚକ୍ର ଆରମ୍ଭ କରି ନାହୁଁ । କିନ୍ତୁ ଆମ ଗାଁରେ ଅନ୍ୟ ଏକ ପାଠଚକ୍ର ଅଛି । ଏଠାରେ ଗୋଟିଏ ସରକାରୀ ଘର ବିନା ବ୍ୟବହାରରେ ଅନେକ ଦିନ ହେଲା ଖାଲି ପଡ଼ିଛି । ଆମେ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଛୁ । ବର୍ତ୍ତମାନ ସ୍କୁଲ ଆରମ୍ଭ କରିବା ପାଇଁ ସେମାନେ ଆପତ୍ତି କରୁ ନାହାନ୍ତି; ମାତ୍ର ପରେ ଦରକାର ପଡ଼ିଲେ ଘର ଛାଡ଼ିବା ପାଇଁ କହିବେ । ଅବଶ୍ୟ ସେଥିପାଇଁ ଆମକୁ ଜାଗା, ଘର ଦେବେ । ପାଠଚକ୍ର ତ' ଆରମ୍ଭ କରି ନଥିଲୁ । ଯେହେତୁ ପାଠଚକ୍ର ଆରମ୍ଭ ନକଲେ ଶିକ୍ଷାକେନ୍ଦ୍ର ହୋଇ ପାରିବ ନାହିଁ ତେଣୁ ପାଠଚକ୍ରଟିଏ ଆରମ୍ଭ କରିଛୁ । ସେହି ଘରେ ହିଁ କରୁଛୁ । ଏବେ ଆପଣ ଯଦି ଆପତ୍ତି ନ କରନ୍ତି ତେବେ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ କରିବୁ ।

ଏ ହେଲା କଟକ ଭୁବନେଶ୍ୱର ରାସ୍ତାର ଠିକ୍ ମଝିରେ ଥିବା ଫୁଲନଖରାର OMFED Buildingରେ ଆରମ୍ଭ ହୋଇଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଇତିହାସ । ପ୍ରଥମ ଦିନ ହିଁ କାର୍ତ୍ତିକ ଭାଇ ଅନ୍ୟ ଭାଇମାନଙ୍କ ସହିତ ଆସିଥିଲେ । ତା'ପରେ ଅନେକ ଥର ଯିବାକୁ ହେଲା । ଓମ୍‌ଫେଡ୍ ସଂସ୍ଥାଟି ସେଠାରେ ଚାଲିଥିବା ସମୟରେ ହୁଏତ ଅଫିସ କିଂବା ଷ୍ଟାଫ୍ ରହିବା ପାଇଁ କ୍ୱାଟର ତିଆରି ହୋଇଥିଲା । ଏକ ବିରାଟ ହତା । ଚାରିଦିଗରୁ ପାଚେରି ଘେରା ହୋଇଛି । ତା'ରି ଭିତରେ ବାମ ପାଖରେ ଜାତୀୟ ରାଜପଥ ନିକଟକୁ ଦୁଇଟି କ୍ୱାଟର ନେଇ ସ୍କୁଲ ଆରମ୍ଭ ହେଲା । ଅବଶ୍ୟ ଅନତି ଦୂରରେ ଥିବା ଷ୍ଟାଫ୍ କ୍ୱାଟରରୁ କେତୋଟି ଭବିଷ୍ୟତରେ ପୂରାପୂରି ମିଳିବା ପାଇଁ ପ୍ରତିଶ୍ରୁତି ମଧ୍ୟ ମିଳିଲା । ଯେଉଁ ଦିନ ସ୍କୁଲ ଆରମ୍ଭ ସେଦିନ ମୁଁ ଯାଇଥିଲି ।

ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଦେଖିଲି ସ୍କୁଲ ପ୍ୟାଡ୍, ଫର୍ମ ପ୍ରଭୃତି ଛପା ସରିଛି; ମାତ୍ର ସେଥିରେ ଛପା ହୋଇଛି – 'ଲକ୍ଷେଶ୍ୱର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର' । ମୁଁ ବୁଝି ପାରିଲି ନାହିଁ ଏପରି କାହିଁକି ନାମକରଣ କରାଗଲା । ମୋତେ ବୁଝାଇ ଦିଆଗଲା – ଫୁଲନଖରା ଛକ ନିକଟରେ ଶ୍ରୀ ଲକ୍ଷେଶ୍ୱର ମହାଦେବ ମନ୍ଦିର । ଏଠାରେ ସମସ୍ତ କାମ ଆରମ୍ଭ ପୂର୍ବରୁ ଲକ୍ଷେଶ୍ୱରଙ୍କ ନାମ ରଖାଯିବା ଏକ ବିଧି ଅଛି । ତେଣୁ ଆମେ ଏପରି କରିଛୁ । ମୁଁ କହିଲି – ''ଏ ପ୍ରକାରର ବିଧି ଏଠାରେ ଥାଇପାରେ; ମାତ୍ର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଶ୍ରୀଅରବିନ୍ଦଙ୍କ ନାମରେ ହୋଇଛି । ତା' ବ୍ୟତୀତ ସମଗ୍ର ଓଡ଼ିଶାର ସବୁ ଶିକ୍ଷାକେନ୍ଦ୍ରକୁ ଗୋଟିଏ ପ୍ରକାର ନାମକରଣ କରାଯାଇଛି । ଆଉ ବି ଲକ୍ଷେଶ୍ୱର ମହାଦେବ ତ' ନିକଟରେ ଅଛନ୍ତି – ତାଙ୍କ ନାମ ନଲେଖି ଅନୁଷ୍ଠାନଟିଏ ଆରମ୍ଭ କଲେ ମଧ୍ୟ ତାଙ୍କ କୃପା, କରୁଣାରୁ କିଛି ବି ତ ଊଣା ହେବ ନାହିଁ ।'' କର୍ତ୍ତୃପକ୍ଷମାନେ ବୁଝିଗଲେ ଏବଂ ପୁଣି ଥରେ ପ୍ୟାଡ୍, ଫର୍ମ ଇତ୍ୟାଦି ଛପା ହେଲା । ଶିକ୍ଷାକେନ୍ଦ୍ର ଆରମ୍ଭ ପରେ ସମସ୍ତ କର୍ମୀମାନଙ୍କର ଉତ୍ସାହ, ଆଗ୍ରହ ଅନେକ ବଢ଼ିଗଲା । ପ୍ରତ୍ୟେକ ବର୍ଷ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକ ସମ୍ମିଳନୀ ଅକ୍‌ଟୋବର ଦୁଇ ତାରିଖ ଦିନ ଅତି ଜାକଜକମରେ କରନ୍ତି । ଅନେକ ବ୍ୟକ୍ତି ଯୋଗ ଦିଅନ୍ତି । ମୁଁ ମଧ୍ୟ କେତେଥର ଯାଇଛି । ସବୁ ଭଲ ଚାଲିଥିବା ବେଳେ ବିରୋଧୀ ଶକ୍ତି ଆମର ଦୁର୍ବଳତା ଦେଖି ଆମ ମଧ୍ୟରେ ପ୍ରବେଶ କରେ । ଠିକ୍ ସେମିତି ଏଠାରେ ମଧ୍ୟ ସବୁ ଚାଲୁ ଚାଲୁ ହଠାତ୍ କୌଣସି କାରଣରୁ ନିଜ ନିଜ ମଧ୍ୟରେ ମନ ଫଟାଫଟି ହୋଇଗଲେ । ମୁଁ ଜାଣିବା ବେଳକୁ କଥା ବହୁତ ଆଗେଇ ସାରିଛି । ଆଉ ମିଳାଇବା ସମ୍ଭବ ନୁହେଁ । କାର୍ତ୍ତିକ ଭାଇ ସମ୍ପାଦକ ପଦରୁ ଇସ୍ତଫା ଦେଇ ଦେଇଛନ୍ତି । ଅନ୍ୟମାନେ କୌଣସି ମତାମତ ଦେଉ ନାହାନ୍ତି । କୌଣସି ଅବସ୍ଥାରେ ମଧ୍ୟ ଆଉ ମିଳାମିଶା ସମ୍ଭବ ନୁହେଁ ।

ବାବାଜୀ ମହାରାଜ ସବୁବେଳେ କୁହନ୍ତି – କାମ ଏବଂ ସଙ୍ଗତି ମଧ୍ୟରୁ ସଙ୍ଗତି ଅଧିକ ଗୁରୁତ୍ୱପୂର୍ଣ୍ଣ । କାମ ତ' ବିଳମ୍ବ ହେଲେ ଚଳିବ; ମାତ୍ର ସଙ୍ଗତି ଥରେ ଭାଙ୍ଗିଗଲେ ଆଉ ଆଣିବା ସମ୍ଭବ ନୁହେଁ । ଏ ସ୍ଥାନରେ ମଧ୍ୟ ସେଇଆ ଘଟିଲା । ଏତେ

ସାଙ୍ଗ ହୋଇ ସମସ୍ତେ ଚଳୁଥିଲେ; ମାତ୍ର ହଠାତ୍ ମନ ଫଟାଫଟି ହୋଇଗଲେ । କାର୍ତ୍ତିକ ଭାଇ ପଳାଇ ଆସିବାରୁ ବେଶ୍ କେତେଜଣ ଅପା, ଭାଇ ମଧ୍ୟ ସ୍କୁଲ ଛାଡ଼ି ଚାଲି ଆସିଲେ । ସେମାନେ ମନ ଦୁଃଖରେ ଆସିଥିବେ; ମାତ୍ର ସେପଟେ ସ୍କୁଲର ମଧ୍ୟ ସମସ୍ୟା ଛିଡ଼ା ହୋଇଗଲା । ତେବେ ଯାହା ହେଉ ସେମାନେ ପୁଣି ନୂଆ ଅପା, ଭାଇ ରଖି ସ୍କୁଲ ଚଳାଇଲେ ।

କିଛି ଦିନ ପରେ କାର୍ତ୍ତିକ ଭାଇ ମୋ ପାଖରେ ହଠାତ୍ ଦିନେ ସନ୍ଧ୍ୟାବେଳେ ପହଞ୍ଚି କହିଲେ, ''ଭାଇ ଆମେ ତେଲେଙ୍ଗା ପେଣ୍ଠଠାରେ ଗୋଟିଏ ସ୍କୁଲ ଆରମ୍ଭ କରିବୁ ।'' ମୁଁ ପଚାରିଲି, ''ପିଲା ? ପିଲା କେଉଁଠୁ ପାଇବ ? ତୁମେ ତ' ମୋର ସମ୍ପୂର୍ଣ୍ଣ ଅନିଚ୍ଛାରେ ସେ ସ୍ଥାନ ଛାଡ଼ି କରି ଆସିଛ । ମାତ୍ର, ଏବେ ଯଦି ସେ ସ୍କୁଲର ପିଲାମାନଙ୍କୁ ରଖିନିଅ ତେବେ ସ୍କୁଲର ସିଧାସଳଖ କ୍ଷତି ହେବ । ଏ କଥାରେ କେହି କେବେ ବି ରାଜି ହେବେ ନାହିଁ । ମୁଁ ଆଦୌ ରାଜି ନୁହେଁ ।'' କାର୍ତ୍ତିକ ଭାଇ ମୋତେ ବୁଝାଇଲେ ଏବଂ ପ୍ରତିଶ୍ରୁତି ଦେଲେ ଯେ ଫୁଲନଖରା ସ୍କୁଲର ଗୋଟିଏ ବି ପିଲା ଆମେ ନେବୁ ନାହିଁ । ସମସ୍ତ ଅନିଚ୍ଛା ସତ୍ତ୍ୱେ ମୁଁ ରାଜି ହେଲି । ମାତ୍ର ଗୋଟିଏ କଥା ତାଙ୍କୁ କହିଲି – ''ଦୁଇଟି ସ୍କୁଲ ହେବାରେ କୌଣସି ଅସୁବିଧା ନାହିଁ । ତେବେ ଉଭୟଙ୍କ ମଧ୍ୟରେ ଆତ୍ମୀୟତା ଥାଇ କ'ଣ ଦୁଇଟି ସ୍କୁଲ ଆରମ୍ଭ କରାଯାଇ ପାରିବ ନାହିଁ ?'' ସମସ୍ତେ ରାଜି ହେଲେ । ମୁଁ କହିଲି, ''ନିଜ ନିଜ ମଧ୍ୟରେ ସମ୍ପର୍କ ଭଲ ରଖି ଆମେ ଯେତେ ଯାହା କଲେ ମଧ୍ୟ କିଛି ଅସୁବିଧା ଲାଗିବନି ।'' ସମସ୍ତେ ବୁଝିଲେ – ଗଲେ ।

ଦିନେ ଫୁଲନଖରା ସ୍କୁଲର କର୍ତ୍ତୃପକ୍ଷ କେତେ ଜଣ ଅପାଭାଇଙ୍କ ସହିତ ଆସି ହାଜର । ଭାଇ, ତେଲେଙ୍ଗାପେଣ୍ଠରେ ସ୍କୁଲ ହେଲା – ଜାଣିଛନ୍ତି ? ମୁଁ କହିଲି, ''ମୁଁ ଖାଲି ଜାଣିନି – ବରଂ ସେମାନଙ୍କୁ କହିଚି ତୁମ ସହିତ ଭଲ ସମ୍ପର୍କ ରଖି କାମ କରିବେ – ସେ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ତୁମ ସ୍କୁଲର ଗୋଟିଏ ବି ପିଲା ନେବେ ନାହିଁ ।'' ସେମାନେ କହି ଉଠିଲେ – ଭାଇ, ଆମେ ସେଇଥି ପାଇଁ ତ ଆସିଥିଲୁ – ଆମ ସ୍କୁଲର କେତୋଟି ପିଲାଙ୍କୁ ସେଠାରେ ନାମ ଲେଖାଇ ଦେଇଛନ୍ତି ।

ଏମିତି ପରସ୍ପରର ଦୋଷାରୋପ ଶୁଣିବା ପରେ ମୁଁ ଭାବିଲି ଏମାନେ ତ' କଥା ନମାନି ଅଲଗା ହେଲେ । ଯଦି ଅନ୍ତତଃ ପରସ୍ପର ବିରୋଧରେ ଗପିବା ବନ୍ଦ ନ କରିବେ ତେବେ ମୁଁ ଆଉ ସେଠାକୁ ଯିବି ନାହିଁ । ତେଣିକି ଯିଏ ଡାକିବାକୁ ଆସେ ତାଙ୍କୁ ମୁଁ ପ୍ରଥମେ ପଚାରେ ଅନ୍ୟ ସ୍କୁଲକୁ ଡାକିଚ କି ନାହିଁ ? ସମସ୍ତେ କୁହନ୍ତି – ହଁ ଭାଇ, ତାଙ୍କୁ ଡାକିଚୁ, ମାତ୍ର ସେମାନେ ତ ଆସୁ ନାହାନ୍ତି । ତା'ପରେ ମୁଁ ଯେତେଥର ଉଭୟ ସ୍କୁଲକୁ ଯାଇଛି ସବୁବେଳେ ଅନ୍ୟ ସ୍କୁଲର ଅପାଭାଇମାନଙ୍କୁ ଖୋଜେ । ପ୍ରାୟତଃ କେବେହେଲେ ମୁଁ ଅନ୍ୟ ସ୍କୁଲର କୌଣସି ଅପା, ଭାଇଙ୍କୁ ଦେଖିବାକୁ ପାଏ ନାହିଁ । ସେମାନେ ମଧ୍ୟ ଜଣେ ଅନ୍ୟ ଜଣକ ବିରୋଧରେ ଆଉ ଗପିଲେ ନାହିଁ । ତେଣୁ ମୁଁ ଏସବୁ କଥା ଭୁଲିଗଲି । ମାତ୍ର ଉଭୟ ସ୍କୁଲର ବାର୍ଷିକୋତ୍ସବରେ ମୁଁ ପ୍ରାୟ ଯୋଗ ଦିଏ ।

ସେଦିନ ତେଲେଙ୍ଗାପେଣ୍ଠର ଅଧ୍ୟକ୍ଷା ପ୍ରତିମା ମୋ ପାଖରେ ହାଜର । ମୁଁ ତା' ମୁହଁକୁ ଚାହୁଁ ଚାହୁଁ ସେ କାନ୍ଦି ଉଠିଲା । କ'ଣ ହେଲା ବୋଲି ପଚାରିବାରୁ କହିଲା – ''ଭାଇ, କାର୍ତ୍ତିକ ଭାଇଙ୍କ ସ୍ୱାସ୍ଥ୍ୟ ଖୁବ୍ ଖରାପ – ମୁମ୍ବାଇରେ ଚିକିତ୍ସା ହେଉଛନ୍ତି । ଆସନ୍ତା ଫେବ୍ରୁଆରୀ ୧୨ ତାରିଖ ଆମ ଶ୍ରୀଅରବିନ୍ଦ ସାଧନା ପୀଠର ବାର୍ଷିକୋତ୍ସବ । ଆପଣଙ୍କୁ ଡାକିବାକୁ ଆସିଛି । ଆପଣ ନିଶ୍ଚୟ ଯିବେ ।'' ମୁଁ ତ ଏମିତି ଯାଏ । ସେଦିନ ତା' ଅବସ୍ଥା ଦେଖି ଆଉ ନା କହିବା ପ୍ରଶ୍ନ ନାହିଁ । ତା' ବ୍ୟତୀତ ମୋର ଶନିବାର ଛୁଟି । ମୁଁ କହିଲି ନିଶ୍ଚୟ ଯିବି – ତୁ ବ୍ୟସ୍ତ ହଅନି ।

୧୨ ତାରିଖ ଶନିବାର ଠିକ୍ ସମୟଠାରୁ ଅଳ୍ପ ବିଳମ୍ବରେ ମୁଁ ଯାଇ ପହଞ୍ଚିଲି । ସାଙ୍ଗରେ ଥାଏ ଅରୁଣ । ପ୍ରତିମା ତା'ର ସାଙ୍ଗମାନଙ୍କ ସହିତ ପାଖକୁ ଧାଇଁ ଆସିଲା । ମୁଁ କହିଲି – ''ଟିକେ ଡେରି ହୋଇଗଲା – ମାତ୍ର ଲୋକ ତ କେହି ଆସି ନାହାନ୍ତି – କ'ଣ କରିବା ?'' ସେ କହିଲା – ''ଭାଇ ପିଲାଙ୍କର ପ୍ରଦର୍ଶନୀ ଟିକେ ଦେଖି ଆସିବେ । ମୁଁ ତୁରନ୍ତ ସ୍କୁଲ ଭିତରକୁ ପଶିଗଲି । ଅତି ସରଳ, ନିରାଡ଼ମ୍ବର ମାତ୍ର ନିଷ୍ଠାପର ଉଦ୍ୟମରେ କରାଯାଇଥିବା ପ୍ରଦର୍ଶନୀ, ମଝିରେ ଗୋଟିଏ ଟି. ଭି.ରେ ଆଶ୍ରମର ସିନେମା ପ୍ରଦର୍ଶନ ଇତ୍ୟାଦି ଦେଖି ଧ୍ୟାନଗୃହରେ ପ୍ରଣାମ କରି ସଭାକୁ ଫେରି ଆସିଲି । ନନ୍ଦଶର୍ମା ଭାଇନା ଏବଂ ରବି ଭାଇ ମଞ୍ଚରେ ବସି ଥାଆନ୍ତି । ଆଗରେ ଦଶ, ବାର ଜଣ ଶ୍ରୋତା । ମୁଁ ଯାଇ ମଞ୍ଚରେ ଆସନ ଗ୍ରହଣ କରି ନେଲି । ସେଇଠାରେ ବସି ମୁଁ ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରୁଥାଏ । ଲୋକ ଆସିଲେ ସଭା ଆରମ୍ଭ ହେବ ବୋଲି ଟିକେ ବିଳମ୍ବ ହେଉଥାଏ । ଏତିକି ବେଳେ ପ୍ରତିମାର କାର୍ଯ୍ୟ ଦୂରରୁ ସ୍ପଷ୍ଟ ଦିଶୁଥାଏ । କାର୍ତ୍ତିକ ଭାଇ ଅସୁସ୍ଥ ଅଛନ୍ତି ବୋଲି କେହି ଅନୁଭବ କରିବାକୁ ସୁଯୋଗ ନଦେଇ ସବୁ କିଛି ନିଜେ କରି ପକାଉଥାଏ । ଖରାରେ ବିଜୁଳି ଭଳି ଏପଟ ସେପଟ ଦଉଡୁ ଥାଏ । କେହି ଅଭିଭାବକ ଅପାଟିଏ

ପହଞ୍ଚି ଗଲେ ନିଜେ ଦଉଡ଼ି ଯାଇ ତା'ର ହାତ ଧରି ଆଣି ବସାଇ ଦେଉଥାଏ । ସବୁ ଅପାଭାଇଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟରେ ଲଗାଇ ଦୂରରୁ ଖାଲି ଲକ୍ଷ୍ୟ କରୁଥାଏ । କାହାରି କାର୍ଯ୍ୟରେ ହସ୍ତକ୍ଷେପ କରୁ ନଥାଏ । ପ୍ରତ୍ୟେକ ଘଟଣାରେ ନିଜେ ସମ୍ପୃକ୍ତ ହୋଇ ପଳାଇ ଆସୁଥାଏ ।

ଏହାରି ମଧ୍ୟରେ ସଭା ଆରମ୍ଭ ହେଲା । ପ୍ରଥମେ କୈବଲ୍ୟ ଭାଇ କହିଲେ । ସେ କହୁଥିବା ସମୟରେ ମୁଁ ଶ୍ରୋତା ମଣ୍ଡଳୀଙ୍କୁ ଚାହିଁଥାଏ । ମୋର ହଠାତ୍ ପୁଣି ପୁରୁଣା କଥା ମନେ ପଡ଼ିଗଲା – ଭିତରେ ଇଚ୍ଛା ହେଲା – ଫୁଲନଖରା ସ୍କୁଲର ଅପାଭାଇମାନେ ଆସିଥିଲେ କେତେ ଭଲ ହୋଇଥା'ନ୍ତା ! କୈବଲ୍ୟ ଭାଇ କହି ସାରିବା ପରେ ମୋତେ କହିବାକୁ ପଡ଼ିଲା – ଠିକ୍ ସେତିକି ବେଳକୁ ମାଇକ୍ ଖରାପ ହୋଇଗଲା । ବିନା ମାଇକ୍‌ରେ କହି ମୋ କଥା ସାରିଦେଲି । ମୋର ତ' ପାଟି ବଡ଼ । ତେଣୁ ଲୋକଙ୍କୁ ଶୁଣିବାକୁ ବିଶେଷ ଅସୁବିଧା ହେଲା ନାହିଁ । ମାତୃଭବନରେ କାମ ଥିବା ହେତୁ ମୁଁ ଶୀଘ୍ର ଫେରିବା ପାଇଁ ଅନୁମତି ନେଇ ମଞ୍ଚରୁ ଓହ୍ଲାଇଲି । ମୁଁ ଓହ୍ଲାଉ ଓହ୍ଲାଉ ପ୍ରତିମା ମୋ ପାଖରେ ହାଜର – ଭାଇ ଖାଇ କରି ଯିବେ । ପ୍ରସାଦ ରନ୍ଧା ସରିଲାଣି । ମୁଁ ତୁରନ୍ତ ରାଜି ହୋଇଗଲି । ତା' ସହିତ ମୁଁ ଖାଇବାକୁ ଯାଉଛି – ହଠାତ୍ ଦୂରରୁ ଦେଖିଲି ଫୁଲନଖରା ସ୍କୁଲର ଜଣେ ଅପା । ମୋ ମନ ଖୁବ୍ ଖୁସି ହୋଇଗଲା । ତାକୁ ଟିକେ ଖବର କ'ଣ ପଚାରି ଖାଇବାକୁ ବସିଛି, ସେଠାରେ ଦେଖିଲି – ଆଉ ଜଣେ ଫୁଲନଖରା ସ୍କୁଲର ଅପା । ସେ ମଧ୍ୟ ପ୍ରଣାମ କଲେ । ମୋ ପେଟ ଅଧେ ପୂରିଗଲା । ମୋ ପତ୍ରରେ ଭାତ, ଡାଲମା, ଖଟା ବାଢ଼ି ଦେଲେ । ଅଳ୍ପ ଖାଇଛି, ଡାଲମାର ସ୍ୱାଦ ମତେ ଅପୂର୍ବ ଲାଗିଲା । ମୁଁ ପ୍ରତିମାକୁ ଡାକି କହିଲି – ଛୋଟ ଟିଫିନ୍ ବାଟିଟିଏ ମିଳିବ ? ମାମୁ ଡାଲମା ଭଲ ପାଆନ୍ତି । ଟିକେ ମାମୁଙ୍କ ପାଇଁ ନେଇ ଯାଆନ୍ତି । ସେ ଲାଗି ପଡ଼ିଲା ଟିଫିନ୍ ବାଟି ସଂଗ୍ରହ କରିବାରେ । ମୁଁ ପୁଣି ପଚାରିଲି, ''କିଛି ଖରାପ ଭାବିଲୁ କି ?'' ପ୍ରତିମା ସାଙ୍ଗେ ସାଙ୍ଗେ କହି ଉଠିଲା, ''ନା, ଭାଇ – ଖରାପ ଭାବିବୁ କାହିଁକି – ଇଏ ତ ଆମ ଭାଗ୍ୟ !'' ସାଙ୍ଗେ ସାଙ୍ଗେ ଫୁଲନଖରାର ଦୁଇ ଜଣ ଅପାଙ୍କୁ ଡାକି କହିଲା, ''ଅପା, ଭାଇଙ୍କ ଖାଇବା ଟିକେ ବୁଝୁଥାଅ । ମୁଁ ଟିଫିନ୍ ବାଟି ନେଇ ଆସେ ।'' ଫୁଲନଖରା ଅପା ଦୁଇ ଜଣ ମଧ୍ୟ ନିଜ ଘରେ ଖୁଆଇଲା ଭଳି ଆମକୁ ଜବରଦସ୍ତି ଖୁଆଉ ଥା'ନ୍ତି । ପ୍ରତିମା ଗୋଟିଏ ଚାରିଥାକିଆ ଟିଫିନ୍ କ୍ୟାରିୟର୍ ଧରି ଆସି ପହଞ୍ଚିଲା । ସେତେବେଳକୁ ମୋର ପେଟ, ହୃଦୟ, ମନ ସବୁ ପୂରି ସାରିଥାଏ । ଗାଡ଼ିରେ ଚଢ଼ିଲା ବେଳକୁ ସବୁ ଅପାମାନେ ଘେରି ଯାଇଥା'ନ୍ତି । କିଏ ଫୁଲନଖରା, କିଏ ତେଲେଙ୍ଗାପେଣ୍ଠ ଚିହ୍ନି ହେଲା ନାହିଁ । ଜଣେ ଫୁଲନଖରାର ଅପା କହି ଉଠିଲେ, ''ଭାଇ ଆମ ସ୍କୁଲକୁ କେବେ ଯିବେ ?'' ମୁଁ ସାଙ୍ଗେ ସାଙ୍ଗେ କହିଲି, ''ଆମ ସ୍କୁଲ କୁହନି, କୁହ ଫୁଲନଖରା ସ୍କୁଲକୁ ।'' ସେ ସାଙ୍ଗେ ସାଙ୍ଗେ ବୁଝିପାରି କହିଦେଲା, ''ହଁ, ଭାଇ ଫୁଲନଖରା ସ୍କୁଲକୁ କେବେ ଯିବେ ?'' ମୁଁ କହିଲି, ''ଯେତେ ଶୀଘ୍ର ସମ୍ଭବ ଯିବି ।''

ମନେ ପଡ଼ିଲା, ପ୍ରଭୁ ସାବିତ୍ରୀରେ ଲେଖିଛନ୍ତି –

'All contraries prepare her harmony;'

(Savitri, P. 314)

ବାଟରେ ଆସୁ ଆସୁ ସ୍କୁଟର ପଛରୁ ଅରୁଣ ପଚାରିଲା, ''ଭାଇ, ଡାଲମାର ସ୍ୱାଦ କ'ଣ ସତରେ ଏତେ ବଢ଼ିଆ ହୋଇଥିଲା ?'' ମୁଁ କହିଲି, ''ସେ କ'ଣ ଖାଲି ଡାଲମାର ସ୍ୱାଦ, ତା' ସଙ୍ଗେ ପରା ମିଶିଥିଲା ସଙ୍ଗତିର ସ୍ୱାଦ ।''

('ଏବେ ବି ମନେପଡ଼େ', ପ୍ରଥମ ଭାଗ, ପୃ. ୨୪୧-୨୪୫)

❑❑❑

Good will for all and good will from all is the basis of peace and harmony.

14 August, 1969 – The Mother

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

– ଶ୍ରୀମା

# ମା' ଓ ସନ୍ତାନ

## (୫)

## ଗୟାଧର ଦାଶ

ଏକଥା ଆମେ ଭୁଲିଯିବା ନାହିଁ ଯେ ବହୁ ଜନ୍ମର ତପସ୍ୟାର ଫଳସ୍ୱରୂପ ଆମେ ଏହି ଜନ୍ମରେ ଦିବ୍ୟଜନନୀଙ୍କୁ ଜାଣିବାରେ ସକ୍ଷମ ହୋଇଛନ୍ତି । ଅଜ୍ଞାନତାର ଖୋଳପାଟି ଖସି ପଡ଼ିଲେ ଆମେ ମା'ଙ୍କୁ ଚିହ୍ନି ପାରିବା । ଆମର ହୃଦୟ, ଆମର ଅନ୍ତରାତ୍ମା ଏବେ ବି ବ୍ୟାକୁଳ ହେଉଛି ମା'ର କୋଳାଶ୍ରିତ ହେବା ପାଇଁ, ତା'ର ପଣତକାନି ତଳେ ଆଶ୍ରୟ ନେବା ପାଇଁ । ଆମେ ସେହି ଆକୂତିକୁ ଜାଣି ପାରୁନା, ଅନ୍ତରାତ୍ମାର ଡାକ ଶୁଣି ପାରୁନା; କେବଳ ଆବେଗରେ, ବାହ୍ୟ ମନରେ କିଂବା କୌଣସି ସ୍ୱାର୍ଥସିଦ୍ଧି ସକାଶେ ମା'ର ପୂଜା ଆରାଧନା କରିଥାଉ ।

ମା'ହିଁ କ୍ଷମାର ଅବତାର, କରୁଣା ସାଗର । ସନ୍ତାନର ଭୁଲ୍-ଭ୍ରାନ୍ତି, ଦୋଷ-ତ୍ରୁଟି ପ୍ରତି ସେ କେବେ ବି ଦୃଷ୍ଟିପାତ କରନ୍ତି ନାହିଁ । ସେ କହନ୍ତି – ''ସନ୍ତାନ ଯେଉଁ ଧରଣର ଭୁଲ୍ କରି ଥାଉନା କାହିଁକି ଜନନୀ ସର୍ବଦା ତାକୁ ଗଭୀର ପ୍ରେମ ଓ କରୁଣାର ସହ ସ୍ୱାଗତ କରି ନେବା ପାଇଁ ପ୍ରସ୍ତୁତ ।'' ପୁନଶ୍ଚ ସେ କହନ୍ତି – ''ମୁଁ କେବେ ବି ଭୁଲ୍‌ଭ୍ରାନ୍ତି ଉପରେ ଦୃଷ୍ଟିପାତ କରେ ନାହିଁ, ମୁଁ ଆତ୍ମାକୁ, ଚୈତ୍ୟସତ୍ତାକୁ ଦେଖେ, କାରଣ ତାହା ସମ୍ମୁଖକୁ ଆସି ସମଗ୍ର ସତ୍ତାର ନେତୃତ୍ୱ ନେଉ । ପ୍ରକୃତରେ କେବଳ ମା'ହିଁ ସନ୍ତାନର ପ୍ରତିଟି ତ୍ରୁଟିକୁ କ୍ଷମା କରି ତା' ସଙ୍ଗେ ରହି ଥାଆନ୍ତି ଏବଂ କେବେ ବି ତା'ଠାରୁ ଅପସରି ଯାଆନ୍ତି ନାହିଁ । ସେ ଯଦି ଆମର ଭୁଲ୍ ତ୍ରୁଟିକୁ ଦେଖୁଥା'ନ୍ତେ ତେବେ ଜଗତରେ ମଣିଷ ବୋଲି ଗୋଟିଏ ପ୍ରାଣୀର ଅସ୍ତିତ୍ୱ ରହି ନ ଥାଆନ୍ତା ।'' ଶ୍ରୀଅରବିନ୍ଦ ଆମକୁ ନିଶ୍ଚିତ କରି ଦେଇ କହିଛନ୍ତି – ''ତୁମେ ମା'ଙ୍କର ସନ୍ତାନ ଏବଂ ମା'ଙ୍କର ପ୍ରତ୍ୟେକ ସନ୍ତାନ ପ୍ରତି ସ୍ନେହ ଅସୀମ । ସେ ସେମାନଙ୍କ ସ୍ୱଭାବର ଦୋଷତ୍ରୁଟି ଧୀର ଭାବରେ ସହ୍ୟ କରନ୍ତି ।'' କିନ୍ତୁ ଆମେ ସର୍ବଦା ଧୈର୍ଯ୍ୟହରା ହୋଇ ମା'ଙ୍କଠାରୁ ମୁଖ ଫେରାଇ ନେଉ ।

ଦିବ୍ୟଜନନୀ ଶ୍ରୀମା ସଦାସର୍ବଦା ବହୁ କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ସେଥି ମଧ୍ୟରୁ ରାତ୍ରି ଆଠଟା ବେଳେ ସେ ଦଶବାରଟି ବାଳିକାଙ୍କ ସହ ସାକ୍ଷାତ୍ କରନ୍ତି । ବେଳେ ବେଳେ ବାଳିକାମାନେ ନିଦ୍ରା ଓ କ୍ଷୁଧା ସତ୍ତ୍ୱେ ବି ରାତ୍ରି ଦଶଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ଦିନେ ଜଣେ ବାଳିକା ଧୈର୍ଯ୍ୟ ହରାଇ ମା'ଙ୍କ ପାଇଁ ଆଣିଥିବା ତା'ର ଫୁଲ ଥାଳିଆଟି ଛାଡ଼ି ଚାଲିଗଲା । ପର ମୁହୂର୍ତ୍ତରେ ମା' ଆସିଲେ । ମା' ସଙ୍ଗେ ସଙ୍ଗେ ପଚାରିଲେ, ''କିଏ ଏଇ ଫୁଲ ଥାଳିଆଟି ଏଠାରେ ଛାଡ଼ି ଯାଇଛି ? ଓଃ, 'କ' ଛାଡ଼ିଛି ?'' ପରେ ମା' 'କ'ଙ୍କୁ କହିଲେ, ''ମୋ ପାଇଁ ସାମାନ୍ୟ ବି ଅପେକ୍ଷା କଲ ନାହିଁ, ଏତେ ଧୈର୍ଯ୍ୟହରା ହୋଇ ପଡ଼ିଲ ? ଜାଣିଛ, ଦେବଦେବୀମାନେ ମୋ'ର ଦର୍ଶନ ପାଇଁ କିପରି ବ୍ୟାକୁଳ, ଆଉ ସାଧୁସନ୍ଥମାନେ ତାଙ୍କ ଧ୍ୟାନ କାଳରେ ମୋତେ ମୁହୂର୍ତ୍ତିଏ ଦେଖିଲେ ନିଜକୁ ସବୁଠୁଁ ବେଶୀ ଭାଗ୍ୟବାନ୍ ବୋଲି ମଣନ୍ତି !'' ବାଳିକାଟିଏ ଅତି ସରଳ ଓ ନିଷ୍କପଟ ଭାବେ ଉତ୍ତର ଦେଲା, ''କିନ୍ତୁ ମା', ଆମେ ତ ତୁମକୁ ବନ୍ଧୁ ଭଳି ଦେଖୁ । ଆମେ ଯେତେବେଳେ ଏକ ବୃକ୍ଷର ଛାୟାରେ ଛିଡ଼ା ହେଉ, ସେଇ ବୃକ୍ଷଟି ଯେ ଶୀତଳ ଛାୟା ପ୍ରଦାନ କରୁଛି ସେ କଥା କ'ଣ ଆମେ ଭାବୁ କି ?'' କି ଚମତ୍କାର ସନ୍ତାନ ସେ । ସେହି ମଧୁର ଉତ୍ତରଟି ମା'ଙ୍କୁ ମୁଗ୍ଧ କଲା ଓ ସେ ବାଳିକାଟିକୁ କୋଳେଇ ନେଲେ ।

ଏଇ ହେଉଛନ୍ତି ଆମରି ମା' । ଆମେ ମା'ଙ୍କୁ କଷ୍ଟ ଦେଉ, ଆଘାତ ଦେଉ, କିନ୍ତୁ ସେ କିଛି ବି କହନ୍ତି ନାହିଁ । ଏପରିକି ଶ୍ରୀଅରବିନ୍ଦ କହନ୍ତି – ''ମା'ଙ୍କ ଉପରେ ଖରାପ ବିଚାର ଅଥବା ମଇଳା ପକାଇ ଦେଲେ ତାଙ୍କ ଶରୀର ଅସୁସ୍ଥ ହୋଇପାରେ, କାରଣ ସାଧକମାନଙ୍କୁ ସେ ନିଜ ଚେତନା ମଧ୍ୟରେ ଗ୍ରହଣ କରିଛନ୍ତି । ସେ ସେହି ମଇଳାଗୁଡ଼ିକୁ ଫେରାଇ ଦିଅନ୍ତି ନାହିଁ, କାରଣ ସାଧକମାନଙ୍କର ଅନିଷ୍ଟ ହୋଇପାରେ ।'' ଏପରିକି ସ୍ୱୟଂ ଶ୍ରୀମା ୧୯୭୨ ମସିହା ଜୁଲାଇ ୧୬ ତାରିଖରେ ଏକ ବାଣୀରେ କହିଛନ୍ତି – ''ମୋର ପ୍ରତିଟି ସନ୍ତାନ ଯେତେବେଳେ ମିଥ୍ୟାର ପ୍ରଣୋଦନାରେ କିଛି ଭାବନ୍ତି, କହନ୍ତି ବା କରନ୍ତି ତାହା ମୋ ଶରୀରରେ ବିରାଟ ଆଘାତ ଦେଲା ଭଳି କାର୍ଯ୍ୟ କରେ ।'' ପ୍ରକୃତରେ ମିଥ୍ୟାଚାର ବା ଆସୁରିକ ପ୍ରକୃତିକୁ ପ୍ରଶ୍ରୟ ଦେବା ଦ୍ୱାରା ଆମେ ଦିବ୍ୟଜନନୀଙ୍କୁ ବହୁତ କଷ୍ଟ ଦେଇଥାଉ । ମା' ଯେ ଆମର ଅଲକ୍ଷ୍ୟରେ ସବୁ ଦେଖୁଛନ୍ତି, ତାହା ଆମେ ଭୁଲିଯାଉ । ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି –

“Always behave as if the Mother was looking at you; because she is indeed always present.” ‘‘ସର୍ବଦା ଏପରି ଆଚରଣ କର ଯେପରି ମା’ ତୁମକୁ ଚାହିଁ ରହିଛନ୍ତି; କାରଣ ସେ ବାସ୍ତବିକ ସର୍ବଦା ଉପସ୍ଥିତ ରହି ଥାଆନ୍ତି ।’’

ଜଣେ ସାଧକ ମା’ଙ୍କୁ ପଚାରିଲେ, ‘‘ମାଆ ! ମୋ ଭିତରେ ଏତେ ଅଜ୍ଞାନତା ଓ ମଳିନତା ଅଛି ଯେ ମୁଁ ତୁମକୁ ଭଲ ଭାବେ ଜାଣିପାରୁ ନାହିଁ, ବୁଝି ପାରୁ ନାହିଁ, ଅବିଶ୍ୱାସ ଜାଗି ଉଠୁଛି, ସନ୍ଦେହ ଆସୁଛି । ଏପରିକି ନାନା ଖରାପ ଚିନ୍ତା ମଧ୍ୟ ଆସୁଛି । ତୁମଠାରୁ ମୁଁ ଦୂରେଇ ଯାଉଛି; କିନ୍ତୁ ତୁମେ ତୁମର ଅପାର ପ୍ରେମ ଓ କରୁଣା ସଦାସର୍ବଦା ମୋ ଉପରେ କାହିଁକି ବର୍ଷଣ କରି ଚାଲିଛ ?’’ ମା’ କହିଲେ, ‘‘ତୁମେ ମୋର ସନ୍ତାନ । ସନ୍ତାନ ପ୍ରତି ମା’ର ପ୍ରେମ ଓ ଆଶୀର୍ବାଦ ସର୍ବଦା ରହିଥାଏ । ମା’ ଓ ସନ୍ତାନର ସମ୍ପର୍କ ହେଉଛି ପ୍ରେମର ସମ୍ପର୍କ ।’’

ପୁନଶ୍ଚ ସେହି ସାଧକ ପଚାରିଲେ, ‘‘ମାଆ ! ମୁଁ ଜାଣେ ଯେ ସନ୍ତାନ କୁସନ୍ତାନ ହୋଇପାରେ, କିନ୍ତୁ ମା’ କେବେ ବି କୁମାତା ହୋଇ ନପାରେ ।’’ ମା’ କହିଲେ, ‘‘ଯଦି ସନ୍ତାନ ଓ ମା’ ଉଭୟ ଭଲ ହୁଅନ୍ତେ ତେବେ କେଡ଼େ ଚମତ୍କାର ନ ହୁଅନ୍ତା !’’

ଆଉ ଥରେ ସେହି ସାଧକ ପଚାରିଲେ, ‘‘ତେବେ ମାଆ ! ମୋ’ ପରି କୁସନ୍ତାନ ପାଇଁ ତୁମ ଦ୍ୱାର କ’ଣ ଉନ୍ମୁକ୍ତ ?’’ ମା’ କହିଲେ, ‘‘ମୋର ସନ୍ତାନ ପାଇଁ ମୋ ଦ୍ୱାର ସର୍ବଦା ଉନ୍ମୁକ୍ତ । ମୋର ବାହୁଯୁଗଳ ତୁମକୁ କୋଳାଗ୍ରତ କରିବା ପାଇଁ ସର୍ବଦା ପ୍ରସାରିତ । କେବଳ ତୁମେ ତୁମର ବିଶ୍ୱାସକୁ ଅତୁଟ ରଖ । ତୁମର ବିଶ୍ୱାସହିଁ ମୋର କରୁଣା ଓ ପ୍ରେମର ଧାରାକୁ ଜୀବନ୍ତ ଓ କ୍ରିୟାଶୀଳ କରେ ।’’

ସିଏ ହେଉଛନ୍ତି ସେହି ମାଆ ଯାହାର ପ୍ରେମ ସର୍ବଦାହିଁ ଫଳପ୍ରସୂ ହେବାରେ ଲାଗିଥାଏ, ଆମକୁ ନିରନ୍ତର ବିକଶିତ କରି ନେଉଥାଏ । ସିଏ ଆମ ଜୀବନର ସତତ ପ୍ରହରୀ ହୋଇ ରହି ଥାଆନ୍ତି ଏବଂ ଆମର ସକଳ ସୁରକ୍ଷାହିଁ ସେ କରନ୍ତି । ଆମକୁ ଉଚିତ ପଥରେ ପରାମର୍ଶ ଦିଅନ୍ତି, ଆମକୁ ସାନ୍ତ୍ୱନା ବି ଦିଅନ୍ତି । କାରଣ, ସିଏତ ସବୁକିଛି ବୁଝି ପାରୁଥା’ନ୍ତି, ତେଣୁ ସବୁକିଛି ସହି ପାରନ୍ତି, ସବୁକିଛି ମାର୍ଜନା କରନ୍ତି, କ୍ଷମା କରନ୍ତି । କଦାପି କୌଣସି କ୍ଷେତ୍ରରେ ଆମ ବିଷୟରେ ଆଶା ହରାନ୍ତି ନାହିଁ । ଆମ ଭିତରେ ସବୁକିଛି ପ୍ରସ୍ତୁତ କରି ନେଉ ଥାଆନ୍ତି । ନିଜ ଭିତରେ ସିଏ ସବୁକିଛି ବହନ କରି ରହିଥା’ନ୍ତି ଏବଂ ତାଙ୍କର ପ୍ରକୃତରେ ନିଜର ବୋଲି କିଛି ନଥାଏ । ସେ ସବୁକିଛିର ଧାତ୍ରୀ, ସୃଷ୍ଟିକର୍ତ୍ତ୍ରୀ ଓ ପାଳନ କର୍ତ୍ତ୍ରୀ । ସେହିଁ ସୃଷ୍ଟିକୁ ସର୍ଜନା କରନ୍ତି ଏବଂ ବିଶ୍ୱଶକ୍ତିର ସକଳଧାରାକୁ ସଜାଡ଼ି ରଖନ୍ତି । ସେସବୁକୁ ବଳ ଓ ବେଗ ପ୍ରଦାନ କରନ୍ତି, ସେ ସବୁରେ ଛନ୍ଦ ଓ ସଂଗତି ଭରି ଦିଅନ୍ତି, ପୁନଶ୍ଚ ସବୁକିଛିକୁ ସେ ପୂର୍ଣ୍ଣତା ଦିଗରେ ଆଗେଇ ନିଅନ୍ତି । ସେ ଊର୍ଦ୍ଧ୍ୱରେ, ଅଧଃରେ, ଏପାଖ, ସେପାଖ, ଚାରିପାଖରେ, ବାହାରେ ଓ ଭିତରେ । ସେ ଆମର ପାଶେ ପାଶେ ରହି ଆମ ସାଥୀରେ ଚାଲୁଛନ୍ତି, ନିର୍ଦ୍ଦେଶ ଦେଉଛନ୍ତି ଓ ପ୍ରେରଣା ବି ଦେଉଛନ୍ତି । ଆମର ହସ-କାନ୍ଦ, ଭଲ-ମନ୍ଦ, ଦୁଃଖ-ସୁଖ, ବିପଦ-ସମ୍ପଦ, ହାନି-ଲାଭ, ମାନ-ଅପମାନ, ଜୟ-ପରାଜୟ, ଉତ୍‌ଥାନ-ପତନ ସବୁକ୍ଷେତ୍ରରେ ଆମ ସହିତ ରହି ଆମକୁ ବାଟ ଦେଖାଉଛନ୍ତି । ଭୋକ ହେଲେ ସିଏହିଁ ଆମକୁ ଖାଇବାକୁ ଦିଅନ୍ତି । କାନ୍ଦିଲେ ସେହିଁ ଆଶ୍ୱାସନା ଦିଅନ୍ତି । ଆଶୁ ବିପଦରୁ ସେହିଁ ରକ୍ଷା କରନ୍ତି । ବାଟ ଚାଲି ଚାଲି ଆମେ ଥକିଯାଉ, ଭୁଲିଯାଉ; କିନ୍ତୁ ମାଆ କେବେ ଥକି ପଡ଼ନ୍ତି ନାହିଁ । ସେ ଦିନରାତି ଆମ ସହିତ ରହି ଆମକୁ ଉଠାଇ ନିଅନ୍ତି, ଆମ ପାଇଁ ପ୍ରାର୍ଥନା କରୁଥା’ନ୍ତି ଏବଂ ଆମର ଅନ୍ତରାତ୍ମାକୁ ଜାଗ୍ରତ୍ କରୁଥା’ନ୍ତି । ଆମେ ଶୋଇ ପଡୁ; କିନ୍ତୁ ମାଆ କେବେ ବି ଶୋଇ ପଡ଼ନ୍ତି ନାହିଁ, ଆମକୁ ସଦାଜାଗ୍ରତ୍ ରହିବାକୁ ପ୍ରେରଣା ଦିଅନ୍ତି, ଆଗକୁ ଚାଲିବାରେ ଉତ୍ସାହିତ କରନ୍ତି । ସନ୍ତାନର କିଛି କ୍ଷତି ନହେଉ ସେଥିପାଇଁ ମା’ ସର୍ବଦା ଜଗି ବସିଥା’ନ୍ତି । ମା’ ସର୍ବଦା ଦିଅନ୍ତି; କିନ୍ତୁ ପ୍ରତିଦାନରେ କିଛି ଚାହାଁନ୍ତି ନାହିଁ ।

ଜଣେ ସାଧକ ମାଆଙ୍କୁ ପଚାରିଲେ, ‘‘ମାଆ ! ଆମ ମଣିଷମାନଙ୍କର ପ୍ରକୃତି ହେଉଛି ଖାଲି ନେବା; କିନ୍ତୁ ଦେବା ପାଇଁ ଆମେ କୁଣ୍ଠିତ ହୋଇଥାଉ । ମାଆ ତୁମେ ସବୁବେଳେ ଆମକୁ ଦେଇ ଚାଲିଛ । ଆମଠାରୁ କିଛି ନେବା ପାଇଁ କାହିଁକି ଚାହୁଁ ନାହଁ ?’’ ମା’ କହିଲେ – ‘‘ଏହା ହେଉଛି ପ୍ରତ୍ୟେକ ମାଆର ହୃଦୟ । ମାତୃହୃଦୟ ଦେଇ ଶିଖିଛି । ଦେବାରେ ଆନନ୍ଦ ଥାଏ, ନେବାରେ ନୁହେଁ । ଦେବାରେ ଅଗ୍ରଗତି, ନେବାରେ ନୁହେଁ । ମାଆ ପରମ ପ୍ରେମସ୍ୱରୂପା, ପ୍ରେମର ଅବତାର । ମାଆର ପ୍ରେମ ଆଉ କାହା ଠାରୁ ମିଳେନା । ଏପରି ପ୍ରେମ ଅମିଶ୍ରିତ, କପଟ ଶୂନ୍ୟ, ଶୁଦ୍ଧ, ଶାଶ୍ୱତ ଏବଂ ସତତ ତା’ର ସନ୍ତାନ ପାଇଁ କ୍ରିୟାଶୀଳ । ପ୍ରେମରେ କେବେ ଦେବା ନେବାର ସମ୍ପର୍କ ନଥାଏ । ମୁଁ ଗୁରୁ ରୂପେ ତୁମକୁ ଆଶୀର୍ବାଦ କରେନା ! ସର୍ବଦା ମାଆ ରୂପରେ ଆଶୀର୍ବାଦ କରେ ।’’

(କ୍ରମଶଃ) ❑

# ସୁନିଲ-ଦା’
## (୩)

ସୁନିଲଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ‘‘ମୋତେ ଯେତେବେଳେ ଆଠ ବର୍ଷ ବୟସ, ମୋ ମାଆ ମୋତେ କହିଲେ, ‘ଏବେ ତୁ ସ୍କୁଲରେ ଭର୍ତ୍ତି ହୋଇପାରିବୁ ।’ – ଏକଥା ଶୁଣି ମୋତେ ଭାରି ଆନନ୍ଦ ଲାଗିଲା । ମୋ ବ୍ୟତୀତ ଘରର ଅନ୍ୟ ସମସ୍ତ ପିଲା ସ୍କୁଲକୁ ନିୟମିତ ଯାଉଥିଲେ । ମୁଁ ମାଆକୁ ପଚାରିଲି, ‘ମୋତେ କିଏ ସାଥିରେ ନେଇ ସ୍କୁଲରେ ନାମ ଲେଖାଇବ ?’ ମାଆ କହିଲେ, ‘ତୁ ତୋ (କକାଙ୍କ ପୁଅ) ଭାଇ ପାଣୁ ସହିତ ନିତି ସ୍କୁଲକୁ ଯାଇ ତା’ ସାଥିରେ କିଛି ଦିନ ତା’ରି ଶ୍ରେଣୀରେ ବସ । ସେଠାରେ ତୋର ଏକ ଧାରଣା ହୋଇଯିବ କିପରି ସ୍କୁଲରେ ଅନ୍ୟମାନଙ୍କ ସହିତ ଉଚିତ ବ୍ୟବହାର କରିବାକୁ ହେବ ।’ ମାଆର ନିର୍ଦ୍ଦେଶ ମୁତାବକ ମୁଁ ପାଣୁ ଭାଇ ସାଥିରେ ତା’ ଶ୍ରେଣୀରେ ଦୁଇ ଦିନ ବସିବା ପରେ ତୃତୀୟ ଦିନ ଭାଇକୁ ଶ୍ରେଣୀ ଶିକ୍ଷକ ପଚାରିଲେ, ‘ସେ ପିଲାଟି କିଏ ? ସେ କ’ଣ ସ୍କୁଲରେ ଭର୍ତ୍ତି ହେବାକୁ ଚାହୁଁଛି ?’ – ‘ହଁ’ । ଏକଥା ଶୁଣି ଶିକ୍ଷକ କହିଲେ, ‘ତାକୁ ନେଇ ତା’ର ସମବୟସୀ ତଳ ଶ୍ରେଣୀରେ ଶିକ୍ଷକଙ୍କ ସହିତ ପରିଚୟ କରିଦେଇ ଆସ ।’ ତେଣୁ ଭାଇ ମୋତେ ସାଥିରେ ନେଇ ସେଇ ନିର୍ଦ୍ଦିଷ୍ଟ ଶ୍ରେଣୀ ଗୃହର ଦରଜା ନିକଟରେ ଛାଡ଼ି ଦେଇ ଆସିଲା । ସେତେବେଳେ ସେଇ ଶ୍ରେଣୀରେ ଗଣିତ ପଢ଼ା ଯାଉଥିଲା । ଦେଖିଲି କଳାପଟା ପାଖରେ ଗୋଟିଏ ବାଳକ ଛିଡ଼ା ହୋଇ ଉଚ୍ଚ ସ୍ୱରରେ କହୁଛି : ‘ଏକ-ଏକ : ଏଗାର’ – ଶ୍ରେଣୀର ଅନ୍ୟ ପିଲାମାନେ ଏକା-ସାଥିରେ ଆବୃତ୍ତି କରୁଛନ୍ତି : ‘ଏକ-ଏକ : ଏଗାର’ । – ‘ଏକ-ଦୁଇ : ବାର’ । – ସମସ୍ୱରରେ ଅନ୍ୟମାନେ : ‘ଏକ-ଦୁଇ : ବାର’ । ... ପାଖରେ ଟେବୁଲ-ଚେୟାର ନିକଟରେ ବସିଥା’ନ୍ତି ଶିକ୍ଷକ ମହାଶୟ । ମୁଁ ସସମ୍ଭ୍ରମରେ ଶ୍ରେଣୀ ଗୃହ ଭିତରେ ପ୍ରବେଶ କରି ନମ୍ର ସ୍ୱରରେ ଶିକ୍ଷକଙ୍କୁ କହିଲି, ‘ମୁଁ ଶ୍ରେଣୀରେ ଯୋଗ ଦେଇ ପାରେ କି ?’ ସମସ୍ତ ଶ୍ରେଣୀଟି ମୁହୂର୍ତ୍ତକ ସକାଶେ ଏକେବାରେ ନୀରବ ହୋଇଉଠିଲା । ଶିକ୍ଷକ ଅତ୍ୟନ୍ତ ପ୍ରୀତ ହୋଇ ମୋତେ ସ୍ନେହରେ କହିଲେ, ‘ଆସ, ଭିତରକୁ ଆସ !’ ଏବଂ ସେଇ ଏକା ସମୟରେ କଳାପଟା ପାଖରେ ଛିଡ଼ା ହୋଇଥିବା ପିଲାଟିକୁ କହିଲେ, ‘ତୁମେ ଯାଇ ନିଜ ଜାଗାରେ ବସ ।’ ଠିକ୍ ସେହି ମୁହୂର୍ତ୍ତରେ ସେଇ ପିଲା ଓ ମୋ ମଧ୍ୟରେ ହସ ହସ ମୁହଁରେ ଚାରି ଚକ୍ଷୁର ମିଳନ ହେଲା, ପିଲାଟି ଯାଇ ନିଜ ଜାଗାରେ ବସିଲା । ଶିକ୍ଷକ ମୋତେ କହିଲେ, ତୁମେ ବି ଶ୍ରେଣୀରେ ଯାଇ ବସ । ସେଇ ପିଲାଟି ହାତ ଠାରି ମୋତେ ତା’ ପାଖରେ ବସିବାକୁ ଇଙ୍ଗିତ ଦେଲା । ମୁଁ ଯାଇ ତା’ ପାଖରେ ବସିଲି । ସେଇ ମୁହୂର୍ତ୍ତରୁହିଁ ଆମ ଦୁଇ ଜଣଙ୍କ ଭିତରେ ଏକ ଅନାବିଳ ନିବିଡ଼ ଅନ୍ତରଙ୍ଗତା ଗଢ଼ି ଉଠିଲା । (ପରେ ମୁଁ ଜାଣିଲି ସିଏ ଶ୍ରେଣୀର ସର୍ବୋତ୍ତମ ମେଧାବୀ ଛାତ୍ର ଓ ଶ୍ରେଣୀର ମନିଟର ଏବଂ ତା’ର ନାମ ସୁହୃଦ୍ । ଆମ ଦୁହିଁଙ୍କ ଭିତରେ ଗଢ଼ି ଉଠିଥିବା ମଧୁର ସମ୍ପର୍କ ଅନେକ ବର୍ଷ ଧରି ଅତୁଟ ରହିଥିଲା ।) ଠିକ୍ ପରମୁହୂର୍ତ୍ତରେ ଶିକ୍ଷକ ଶ୍ରେଣୀର ଆଉ ଜଣେ ପିଲାକୁ ଡାକି କଳାପଟାରେ ସଂଖ୍ୟାରେ ଏକ କୋଟି ତିନି ହଜାର ଚାଳିଶ ଲେଖିବାକୁ କହିଲେ । ପିଲାଟି ଲେଖି ପାରିଲା ନାହିଁ । ଶିକ୍ଷକ ମହାଶୟ ତାକୁ ତା’ ଜାଗାରେ ବସିବାକୁ କହି ମୋତେ ଅନାଇ କହିଲେ, ‘ତୁମେ ଲେଖି ପାରିବ ?’ ମୁଁ କଳାପଟା ପାଖକୁ ଯାଇ ଲେଖିଦେଲି – ୧୦୦୦୩୦୪୦ । ମୋ ସକାଶେ ଏଇଟି ଥିଲା ଖୁବ୍ ସହଜ; କାରଣ ମୋ ବାପା ମୋତେ ଘରେ ଗଣିତ ପଢ଼ାଉଥିବା ବେଳେ ଅନ୍ୟ ପାଠ ସାଙ୍ଗକୁ ଅନେକ କଷ୍ଟକର ଗଣିତ ବିଦ୍ୟା ଶିଖାଇ ଦେଇଥିଲେ । ଶିକ୍ଷକ ମହାଶୟ ମୋ ଉପରେ ଖୁସୀ ହୋଇଗଲେ । ଧୀରେ ଧୀରେ ଗଣିତ ବିଷୟରେ ମୁଁ ଆମ ଶ୍ରେଣୀର ଅଗ୍ରଣୀ ଛାତ୍ର ହୋଇ ଉଠିଲି । ଦିନେ ଶିକ୍ଷକ ମହାଶୟ ମୋତେ କହିଲେ, ‘ତୁମେ ଉପର ଶ୍ରେଣୀରେ ଯାଇ ପଢ଼ିପାର ।’ ମୁଁ ତାଙ୍କୁ କହିଲି, ‘ମୁଁ ଏହି ଶ୍ରେଣୀରେ ପଢ଼ିବାକୁ ଚାହେଁ ।’ ଶିକ୍ଷକଙ୍କୁ ମୋର ଏପରି ଉତ୍ତର ଦେବାର ଅସଲ କାରଣ ଥିଲା ସୁହୃଦ୍ ସହିତ ମୋର ନିବିଡ଼ ସମ୍ପର୍କ । ...

‘‘ସ୍କୁଲର ଛୁଟି ଦିନମାନଙ୍କରେ ମୁଁ ବାପାଙ୍କ ସହିତ ସମୟ କଟାଉଥିଲି । କେବେ କେବେ ସକାଳଓଳି ମୁଁ ତାଙ୍କ ସହିତ ତାଙ୍କର ଘରୋଇ ଚିକିତ୍ସାଳୟକୁ ଯାଉଥିଲି । ...

‘‘ଏହି ସମୟକାଳ ମଧ୍ୟରେ ମୋ ବାପାଙ୍କର କନିଷ୍ଠ ଭାଇ ପ୍ରତି ଦୁଇ ବର୍ଷକୁ ଥରେ ସପରିବାରରେ ଦକ୍ଷିଣେଶ୍ୱର ପରିଦର୍ଶନରେ ଆସୁଥିଲେ ଏବଂ ସେଠାରେ ପ୍ରାୟ ପନ୍ଦର ଦିନ

କଟାଉ ଥିଲେ । ମୋ ବାପାଙ୍କର ଦକ୍ଷିଣେଶ୍ୱର ମନ୍ଦିରର ଟ୍ରଷ୍ଟିମାନଙ୍କ ସହିତ ଭଲ ସମ୍ପର୍କ ଥିଲା । ତେଣୁ ସ୍ୱାଭାବିକ ରୂପେ ସେ ମୋ କକା ତଥା ତାଙ୍କ ପରିବାରବର୍ଗଙ୍କ ସକାଶେ ସ୍ୱର୍ଗତଃ ମାଥୁରବାବୁଙ୍କ ବାସଭବନର ଉପର ମହଲାରେ ରହିବାର ସୁବନ୍ଦୋବସ୍ତ କରି ଦେଉଥିଲେ ଏବଂ ମୋ ବାପା ନିଜେ ସେଠାକୁ ଯାଇ ସେମାନଙ୍କୁ ଦୁଇଦିନରେ ଥରେ ନିଶ୍ଚିତ ରୂପେ ସାକ୍ଷାତ୍ କରୁଥିଲେ । କହିବା ବାହୁଲ୍ୟ, ପ୍ରତିଥର ବାପା ମୋତେ ତାଙ୍କ ସହିତ ଦକ୍ଷିଣେଶ୍ୱର ନେଇଯିବାକୁ କସ୍ମିନ୍‌କାଳେ ଭୁଲୁ ନଥିଲେ ।

''ମାଥୁରବାବୁଙ୍କ ବାସଭବନରେ ପହଞ୍ଚି ବାପା ତାଙ୍କର ପୋଷାକ ବଦଳାଇ ଧୋତିଟିଏ ପିନ୍ଧି ଗଙ୍ଗା ସ୍ନାନ କରିବାକୁ ବାହାରୁ ଥିଲେ । ମୁଁ ବି ବାପାଙ୍କ ଧାରା ଅନୁସରଣ କରି ଗଙ୍ଗାସ୍ନାନ କରୁଥିଲି । ତା'ପରେ ବାପାଙ୍କ ସାଥିରେ ମୁଁ ଶ୍ରୀରାମକୃଷ୍ଣଙ୍କ ନିବାସ କକ୍ଷକୁ ଯାଉଥିଲି । କକ୍ଷ ଭିତରେ ପ୍ରବେଶ କରି ଏକ ନିର୍ଦ୍ଦିଷ୍ଟ କୋଣରେ ଶ୍ରୀରାମକୃଷ୍ଣଙ୍କର ବ୍ୟବହୃତ କଠଉ ସ୍ଥାପିତ ଥିବା ସ୍ଥାନକୁ ଯାଇ ଭକ୍ତିଭରେ ପ୍ରଣାମ ଅର୍ପଣ କରୁଥିଲୁ । କିଛି ସମୟ ନୀରବରେ ସେଇ କକ୍ଷରେ ରହି ବାହାରି ଆସୁଥିଲୁ । ବାହାରେ ଜଣେ ପୂଜକ ଆମ ସକାଶେ ଅପେକ୍ଷା କରି ଛିଡ଼ା ହୋଇଥା'ନ୍ତି; ସେ ଆମକୁ କାଳୀ ମନ୍ଦିରକୁ ନେଇ ଯାଉଥିଲେ । ସେ ପ୍ରଥମେ ମନ୍ଦିରର ଦ୍ୱାର ଖୋଲି ଆମକୁ ଭିତରେ ପ୍ରବେଶ କରାଇ ପଛପଟରୁ ଦ୍ୱାରଟିକୁ ବନ୍ଦ କରି ଦେଉଥିଲେ । ତା'ପରେ ଆମେ ଏକତ୍ର କାଳୀମୂର୍ତ୍ତିଙ୍କ ସମୀପରେ ବସୁଥିଲୁ । ବାପା ଆଖି ବନ୍ଦ କରି ଧ୍ୟାନସ୍ଥ ହୋଇ ଯାଉଥିଲେ । ମୁଁ କିନ୍ତୁ ଖୋଲା ଆଖିରେ, କହିବାକୁ ଗଲେ ଅପଲକ ନୟନରେ ମୂର୍ତ୍ତିଙ୍କୁ ଦେଖୁଥିଲି । ମୁଁ ଇତିପୂର୍ବରୁ ବିଭିନ୍ନ ସ୍ଥାନରେ କାଳୀମୂର୍ତ୍ତି ଦେଖିଥିଲି; କିନ୍ତୁ ଏହି ମନ୍ଦିରର ମୂର୍ତ୍ତି ସ୍ୱତନ୍ତ୍ର ଦେଖା ଯାଉଥିଲେ — ଅନ୍ତରରେ ଅଧିକ ଶ୍ରଦ୍ଧା-ଭକ୍ତି ଉଦ୍ଦୀପିତ ହେଉଥିଲା । ପରବର୍ତ୍ତୀ କାଳରେ ମୋ ବାପା ବୁଝାଇ ଦେଇଥିଲେ ଯେ ଦକ୍ଷିଣେଶ୍ୱରର କାଳୀ ହେଉଛନ୍ତି ମା'ଙ୍କର 'ଭବତାରିଣୀ' ବିଗ୍ରହ । ମା' ଭବତାରିଣୀ ପୃଥିବୀପୃଷ୍ଠକୁ ଅବତରି ଆସିଥା'ନ୍ତି ମର୍ତ୍ତ୍ୟବାସୀଙ୍କର ଦୁଃଖ ଦୁର୍ଦ୍ଦଶା ମୋଚନ କରିବା ନିମିତ୍ତ । ...

''ମୋ ବାପା ମନ୍ଦିର ଭିତରେ ପ୍ରାୟ ପନ୍ଦର ମିନିଟ ଧ୍ୟାନସ୍ଥ ହେଉଥିଲେ । ତାଙ୍କର ଧ୍ୟାନଭଗ୍ନ ହେବା ପରେ ପୂଜକ ମନ୍ଦିର ଦରଜା ଖୋଲି ଆମକୁ ବିଦାୟ ଦେଉଥିଲେ । ଆମେ ଘରକୁ ଆସିବା ପରେ ଖୁଡ଼ୀମା' ଆମ ଦୁହିଁଙ୍କୁ ମଧ୍ୟାହ୍ନ ଭୋଜନ ପରଶୁ ଥିଲେ । ...

''ଉପରଓଳି ମୋ ବାପା ଉପସ୍ଥିତ ଆତ୍ମୀୟମାନଙ୍କ ସହିତ ବେଶ୍ କିଛି ସମୟ ଆଳାପ ଆଲୋଚନାରେ ବ୍ୟସ୍ତ ଥିବା ବେଳେ ମୁଁ ସାଧାରଣତଃ ତଳକୁ ଓହ୍ଲାଇ ଆସି ମନ୍ଦିର ପ୍ରାଙ୍ଗଣର ବଗିଚାରେ ବୁଲୁଥିଲି । କିଛି ସମୟ 'ପଞ୍ଚବଟୀ' ପାର୍ଶ୍ୱରେ ଛିଡ଼ା ହୋଇ ବୃକ୍ଷାଦିର ଅପରୂପ ଶୋଭା ଦେଖୁଥିଲି । ବୃକ୍ଷମୂଳକୁ ଘେରି ସିମେଣ୍ଟ ପିଣ୍ଡିକୁ ଦେଖୁଥିଲି । ମନେ ମନେ କଳ୍ପନାରେ ଆଣୁଥିଲି ଚଉପାଢ଼ି ଉପରେ ଶ୍ରୀରାମକୃଷ୍ଣ ବସିଛନ୍ତି ଆଉ ସମ୍ମୁଖରେ ତଳେ ତାଙ୍କର ଶିଷ୍ୟବର୍ଗ ଗୁରୁଙ୍କ ଶ୍ରୀତୁଣ୍ଡରୁ ଉଚ୍ଚାରିତ ବାଣୀ ଏକାଗ୍ରେ ଶ୍ରବଣ କରୁଛନ୍ତି । ତା'ପରେ ଅନତି ଦୂରରେ ବିଲ୍ୱ ବୃକ୍ଷ ଆଡ଼କୁ ଲମ୍ୱି ଯାଇଥିବା ପାଦଚଲା ରାସ୍ତାରେ ଯାଇ ସେହି ବୃକ୍ଷ ମୂଳରେ ଛିଡ଼ା ହୋଇ ଭାବୁଥିଲି — ଏଇ ବୃକ୍ଷ ମୂଳରେ ଶ୍ରୀରାମକୃଷ୍ଣ ସର୍ବୋଚ୍ଚ ତାନ୍ତ୍ରିକ ଚେତନାର ସିଦ୍ଧି ଲାଭ କରିଥିଲେ । ... ଥରେ ଏହି ବୃକ୍ଷ ଆଡ଼କୁ ଯାଉଥିବା ବେଳେ ଅଳ୍ପ ଦୂରରୁ ଦେଖିଲି ସେଠାରେ ଜଣେ ସନ୍ନ୍ୟାସୀ ଦଣ୍ଡାୟମାନ ହୋଇ ମୋତେ ସ୍ଥିର ଦୃଷ୍ଟିରେ ଅନାଇ ରହିଛନ୍ତି । ତାଙ୍କୁ ସେଠାରେ ଦେଖି ମୁଁ ଭୟଭୀତ ହୋଇ ତରବରରେ ସିଧା ମନ୍ଦିର ଆଡ଼କୁ ଦୌଡ଼ି ଗଲି । ସେଠାରେ ଲୋକମାନେ ଚଲାବୁଲା କରୁଥିବାର ଦେଖି ମୋର ଭୟ ଦୂର ହୋଇଗଲା ।''

[Clifford Gibson : SUNIL
(The Mother's Musician) ରୁ ସଂଗୃହୀତ]

କେତେ ଦଶନ୍ଧି ପରେ ସୁନିଲ ତାଙ୍କର ଜନୈକ ବନ୍ଧୁଙ୍କଠାରୁ ଏକ ପତ୍ର ପାଇଥିଲେ, ଯିଏକି ଅଳ୍ପଦିନ ପୂର୍ବରୁହିଁ ଦକ୍ଷିଣେଶ୍ୱର ପରିଦର୍ଶନ କରି ଫେରିଥିଲେ । ସିଏ ସୁନିଲଙ୍କୁ ତାଙ୍କର ଅଭିଜ୍ଞତା କଥା ପତ୍ରରେ ଉଲ୍ଲେଖ କରିଥିଲେ । ସୁନିଲ ତାଙ୍କୁ ନିମ୍ନ ମର୍ମରେ ଉତ୍ତର ଲେଖିଥିଲେ :

''ମୁଁ ଏକଥା ଜାଣି ଖୁବ୍ ଆନନ୍ଦିତ ହେଲି ଯେ ତୁମେ ସେଇ ପବିତ୍ର ପୀଠକୁ ପରିଭ୍ରମଣରେ ଯାଇଥିଲ ଯେଉଁଠି ଶହେ ବର୍ଷ ପୂର୍ବରୁ ସେଇ ଅତ୍ୟାଶ୍ଚର୍ଯ୍ୟ ବ୍ୟକ୍ତି (ଶ୍ରୀରାମକୃଷ୍ଣ) ବାସ କରୁଥିଲେ ଏବଂ ଶ୍ରୀଅରବିନ୍ଦ ଯାହାଙ୍କୁ କହୁଥିଲେ, '..take the kingdom of heaven by storm.'

''ତୁମେ ସେଠାକାର ଯେଉଁସବୁ ଫଟୋଗ୍ରାଫ୍ ମୋ ପାଖକୁ ପଠାଇଛ ସେସବୁ ମୋ ମଧ୍ୟରେ କେବେ ବି ପ୍ରକୃତରେ ମ୍ଳାନ ହୋଇ ନଥିବା ସ୍ମୃତିସବୁକୁ ପୁନରୁଜ୍ଜୀବିତ କରିବସିଲା । ସେଇ ପବିତ୍ର ମନ୍ଦିର ପ୍ରାଙ୍ଗଣରେ ମନ୍ଥର ଗତିରେ ପରିଭ୍ରମଣ କରିବା ଥିଲା ମୋ (ବାର ବର୍ଷର ବାଳକ) ସକାଶେ ଗଭୀର

ଆନନ୍ଦ ଉଦ୍ଦୀପକ ଏକ ଅସାଧାରଣ ଅନୁଭୂତି । ପୁନଶ୍ଚ ମନ୍ଦିରର ଗର୍ଭଗୃହରେ ବିରାଜିତା ଦିବ୍ୟଜନନୀଙ୍କର ଭୁବନମୋହିନୀ ରୂପ, ଏକେବାରେ ସାଦାସିଧା ଏବଂ ଶ୍ରୀରାମକୃଷ୍ଣଙ୍କର ନିରାଡ଼ମ୍ବର ନିବାସସ୍ଥଳୀ ଓ ପଞ୍ଚବଟୀର ଚତୁଃପାର୍ଶ୍ୱସ୍ଥ ନିସ୍ତବ୍ଧ ନୀରବତାର ହୃଦୟଗ୍ରାହୀ ଉପଲବ୍ଧି – ଏହିସବୁ ଦୃଶ୍ୟ ଓ ଅନୁଭୂତି ମୋ ହୃଦୟର ନିଭୃତରେ ନିତ୍ୟ ସାଇତା ରହିଛି ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ସ୍ୱପ୍ନ ଯଦି ସତ୍ୟ ହେଉଥା'ନ୍ତା !

ଗୋଟିଏ ମେଷପାଳକ ବାଳକ ଥିଲା । ଥରେ ସେ ଗୋଟିଏ ସ୍ୱପ୍ନ ଦେଖି ତାକୁ ସଦାବେଳେ ଲାଗୁଥିଲା ଯେ ଦିନେ ତାକୁ ମିଳିବ ଅମାପ ଗୁପ୍ତଧନ । ଏଇ ଧାରଣା ତା' ଭିତରେ ଏମିତି ବଳବତ୍ତର ହୋଇ ଉଠିଲା ଯେ ସେ ମେଷ ପାଳିବା ଛାଡ଼ି ଗୁପ୍ତଧନର ସନ୍ଧାନରେ ବାହାରି ଗଲା । ଗଲାବେଳେ ବାପାଙ୍କ ଅନୁମତି ମାଗିଲା । ପ୍ରଥମେ ପ୍ରଥମେ ବାରଣ କରୁଥିବା ବାପା ଯେତେବେଳେ ଦେଖିଲେ ଯେ ପିଲାଟି ତା'ର ସଂକଳ୍ପରେ ଅଟଳ, ସେ ତାକୁ ଛାଡ଼ି ଦେଲେ । ପିଲାଟିକୁ ଲାଗୁଥିଲା ଇଜିପ୍ଟର ପିରାମିଡ଼ ପାଖାପାଖି ନିଶ୍ଚୟ କେଉଁଠି ନା କେଉଁଠି ଗୁପ୍ତଧନ ରହିଛି । ବାପାଙ୍କଠାରୁ ମେଲାଣି ନେଇ ଏକ ଭଙ୍ଗା ଚର୍ଚ୍ଚରେ ସେ ରାତି କାଟିଲା ଏବଂ ସେଇ ଚର୍ଚ୍ଚର ପ୍ରାଙ୍ଗଣରେ ଥିବା ସାଇକାମୋର୍ ଗଛର ଫାଙ୍କରେ ଅନେକ ରାତି ଯାଏଁ ଜହ୍ନକୁ ଦେଖି ପଡ଼ି ରହିଲା । ପରଦିନ ସେ ଇଜିପ୍ଟ ଅଭିମୁଖେ ଯାତ୍ରା ଆରମ୍ଭ କଲା । ଏଣୁ ତେଣୁ କାମ କରି କିଛି ପଇସା ସଞ୍ଚି ସେ ବାହାରିଲା ଗୁପ୍ତଧନର ସନ୍ଧାନରେ । ବାଟରେ ଆସିଲା ଅନେକ ପ୍ରଲୋଭନ, ଅନେକ ଦୁଃଖ, ଅନେକ ଝଡ଼ଝଞ୍ଜା, ଅନେକ ଯୁଦ୍ଧ । ପ୍ରଲୋଭନ ବା ଯୁଦ୍ଧ ବା ହତାଶା – କୌଣସି କଥା ତାକୁ ତା'ର ଲକ୍ଷ୍ୟରୁ ବିଚ୍ୟୁତ କରି ପାରୁ ନ ଥିଲା । ବାଟରେ ବିଭିନ୍ନ ବ୍ୟକ୍ତି ଏବଂ ବିଭିନ୍ନ ବିରଳ ଘଟଣାର ସଂସ୍ପର୍ଶରେ ଆସି ଅଭିଜ୍ଞତାସ୍ୱରୂପ ଜୀବନ ବିଦ୍ୟାଳୟରୁ ସେ ଅନେକ କଥା ଶିଖୁଥିଲା । ସେଇ ଶିକ୍ଷା ଭିତରୁ ଗୋଟିଏ ଥିଲା ଏୟା – ଯାହା ତୁମେ ଖୁବ୍ ଅନ୍ତରଙ୍ଗ ଭାବେ ଏବଂ ନିଷ୍ଠାର ସହିତ ଚାହିଁବ, ତାହା ତୁମେ ପାଇବ । ତୁମକୁ ତାହା ଦେବାର ବାଟ ପ୍ରସ୍ତୁତ କରିବା ପାଇଁ ସବୁ ଦୈବୀଶକ୍ତି ଏକତ୍ର ହେବେ । ଏଇ କଥାଟିକୁ ଗଣ୍ଠିଧନ କରି ସେ ସବୁ କଷଣ ସହୁଥିଲା । ଶେଷରେ ଦିନେ ସେ ପହଞ୍ଚିଲା ଇଜିପ୍ଟର ମରୁଭୂମିରେ । ସେତେବେଳକୁ ସେ ଭିକାରି ପ୍ରାୟ ।

ଦିନେ ସେ ଯେଉଁ ଦଳରେ ଯାଉଥିଲା, ସେ ଦଳ ଉପରେ ଦସ୍ୟୁମାନେ ଆକ୍ରମଣ କଲେ । ସେମାନଙ୍କ ଦ୍ୱାରା ତା' ଦଳର ସମସ୍ତେ ଖଣ୍ଡିଆ ଖାବରା ହେଲେ । ଏଇ ବାଳକକୁ ମଧ୍ୟ ସେମାନେ ନିସ୍ତୁକ ପିଟିଲେ । ମୃତପ୍ରାୟ ହୋଇ ତଳେ ପଡ଼ିଥିବା ଏହି ବାଳକଠାରୁ ଯେତେବେଳେ ସେମାନେ ଜାଣିଲେ ଯେ ସେ ଏତେ ବାଟ ଆସିଛି ଗୁପ୍ତଧନର ସନ୍ଧାନରେ, ସେତିକିବେଳେ ସେମାନେ ତାଚ୍ଛଲ୍ୟଭରା ହସରେ ଗଡ଼ିଗଲେ । ସେମାନଙ୍କ ଭିତରୁ ଜଣେ କହିଲା, ''ମୂର୍ଖ ! ସ୍ୱପ୍ନସବୁ ଯଦି ସତ ହେଉଥା'ନ୍ତା, ମୁଁ ବି ଅମିର ହୋଇ ବସିଥା'ନ୍ତି ! ମୁଁ ତ ଦିନେ ସ୍ୱପ୍ନ ଦେଖିଥିଲି, କେଉଁ ଏକ ଭଙ୍ଗା ଚର୍ଚ୍ଚ, ଯାହାର ପ୍ରାଙ୍ଗଣରେ ଥିଲା ଦୁଇଟି ସାଇକାମୋର ଗଛ, ସେଇଠି ଭରି ରହିଛି ଅମାପ ଗୁପ୍ତଧନ ! କିନ୍ତୁ ମୁଁ କ'ଣ ତୋ' ଭଳି ମୂର୍ଖ ହୋଇଛି ଯେ ସେଇ ଭଙ୍ଗା ଚର୍ଚ୍ଚକୁ ଖୋଜିଥା'ନ୍ତି ।''

ଏମିତି କହୁ କହୁ ଦସ୍ୟୁମାନେ ଘୋଡ଼ା ଝପଟାଇ ଚାଲିଗଲେ । ମୃତପ୍ରାୟ ବାଳକର ମନରେ ଏକ ବିସ୍ମୟ ବିଜଡ଼ିତ ହସର ଝଲକ ଖେଳିଗଲା । ସେ ଭାବିଲା, ଏଥର ଫେରିବ । ସେ ଫେରିଲା ଏବଂ ସେଇ ଚର୍ଚ୍ଚର ପ୍ରାଙ୍ଗଣ ତଳୁ ଗୁପ୍ତଧନ ପାଇଲା ।

ଏଇ କାହାଣୀଟି ହେଉଛି ପାଉଲୋ କୋହେଲହୋଙ୍କ ବିଶ୍ୱପ୍ରସିଦ୍ଧ ଉପନ୍ୟାସ 'ଆଲ୍‌କେମିଷ୍ଟ'ର ସାରାଂଶ । ଏହି କାହାଣୀ ବିଶ୍ୱବ୍ୟାପୀ ଅନେକ ପାଠକଙ୍କୁ ହତାଶା ଭିତରେ ଆଶାର ଆଲୋକ ଦେଖାଇଛି ।

('କଥା ଶତକ - ଦୁଇ, ପୃଷ୍ଠା : ୮୪-୮୫;
ସଂକଳନ ଓ ସମ୍ପାଦନା - ସୌମ୍ୟରଂଜନ ପଟ୍ଟନାୟକ) ❑

# ତିନୋଟି ଭ୍ରାନ୍ତ ଧାରଣା

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ତିନୋଟି ଭ୍ରାନ୍ତ ଧାରଣା**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

''ମୋ'ର କେତେ ସ୍ୱପ୍ନ ଥିଲା । କିନ୍ତୁ ମୋତେ ଯେତେବେଳେ ଅଠର ବର୍ଷ, ସେତେବେଳେ ମୋତେ କ୍ଷୟ ରୋଗ ହେଲା । ରୋଗ ଅବଶ୍ୟ ଦୁଇବର୍ଷ ପରେ ମୋତେ ପୂରା ଛାଡ଼ି ଚାଲିଗଲା । କିନ୍ତୁ ଦୈହିକ ଦୁର୍ବଳତା ଗଲା ନାହିଁ । ମୁଁ ଶଯ୍ୟାଶାୟୀ ଥିବାବେଳେ ପାଖ କୋଠରିରେ ମୋ ଅଭିଭାବକ ଅତିଥିମାନଙ୍କୁ କହୁଥା'ନ୍ତି : 'ପିଲାଟି ସର୍ବଦା ତା' କ୍ଲାସରେ ପ୍ରଥମ ବା ଦ୍ୱିତୀୟ ହେଉଥାଏ । ଆମେ ଆଶା କରୁଥିଲୁ ସର୍ବଭାରତୀୟ ପରୀକ୍ଷାରେ ସିଏ ସହଜରେ ଉତ୍ତୀର୍ଣ୍ଣ ହୋଇ କୌଣସି ଉଚ୍ଚପଦ ହାସଲ କରିବ । ସବୁ ସରିଗଲା ।' ମୁଁ ଏସବୁ ଶୁଣୁଥାଏ, ନିଜ ଜୀବନକୁ ଧିକ୍କାର ଦେଉଥାଏ । ଆଜି ଜଣେ ଶିକ୍ଷକ ଭାବେ ମୁଁ ଜୀବନ ନିର୍ବାହ କରୁଛି; ଅଧିକ କିଛି ନୁହେଁ ନିଜକୁ ପଙ୍ଗୁ ପ୍ରାୟ ମନେ କରେ ।''

ବେଶ୍ କେତେବର୍ଷ ତଳେ ଜଣେ ଏହି ପ୍ରକାରେ ଏ ଲେଖକ ପାଖକୁ ଚିଠି ଲେଖି ନିଜ ମର୍ମ ବେଦନା ଜଣାଇ ଥିଲେ ।

ଏ ଅନତିଦୀର୍ଘ ପତ୍ରରୁ ବେଶ୍ କେତୋଟି କଥା ଉପରେ ଧ୍ୟାନ ଦେବାର ଅଛି । ପ୍ରଥମତଃ ଯାହା ବିଚାର୍ଯ୍ୟ ତାହା ହେଲା ଶାରୀରିକ ଭାବେ ଜଣେ ଦୁର୍ବଳ ବା ଅକ୍ଷମ ହୋଇଗଲେ ଜଣକ ଜୀବନର ଗୁଣଗତ ମୂଲ୍ୟ ହ୍ରାସ ହୁଏ; ଏମନ୍ତ ଧାରଣା । ଦ୍ୱିତୀୟରେ, ଅଭିଭାବକ ମହୋଦୟଙ୍କ ଭୂମିକା । ତୃତୀୟରେ ନିଜର ବୃତ୍ତି ପ୍ରତି ଜଣକର ମନୋଭାବ ।

ଆମେ ତୃତୀୟ କଥାରୁ ଆରମ୍ଭ କରିବା । ଶିକ୍ଷକତା ଗୋଟାଏ ମାମୁଲି ବୃତ୍ତି, ଏହାଠୁଁ ବଳି ଭ୍ରାନ୍ତ ଧାରଣା ଆଉ କ'ଣ ଥାଇପାରେ ? ଜଣେ ସଚ୍ଚା, ନିଷ୍ଠାପର ଏବଂ ଆଦର୍ଶ ଶିକ୍ଷକ ତା' ବୃତ୍ତିକାଳ ଭିତରେ ଶହ ଶହ ତରୁଣ ତରୁଣୀଙ୍କୁ ଆଲୋକ ପ୍ରଦାନ କରିପାରେ, ସେମାନଙ୍କ ଭବିଷ୍ୟତ୍ ଗଠନ ଦିଗରେ ଅନନ୍ୟ ଭୂମିକା ତୁଲାଇ ପାରେ । ଶିକ୍ଷକ ଜଣକ ନିଜକୁ କେତେ ମାତ୍ରାରେ ସେ ଭୂମିକା ପାଇଁ ପ୍ରସ୍ତୁତ କରିପାରୁଛି, ତାହାରି ଉପରେ ନିର୍ଭର କରେ ଖାଲି ତା' ବୃତ୍ତିର ସଦୁପଯୋଗ ବା ଅସଦୁପଯୋଗ ନୁହେଁ, ତା' ସମଗ୍ର ଜୀବନର ସାର୍ଥକତା ବା ଅସାରତା । ପତ୍ର ପ୍ରେରକଙ୍କ ଅଭିଭାବକ ଚାହୁଁଥିଲେ ସେ ସର୍ବଭାରତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବଡ଼ ଅଫିସର ହେବେ । ବୋଧହୁଏ ସେ ଅଭିଭାବକ ମହୋଦୟ ଭାରତୀୟ ଶାସନ ସେବାକୁ ବୁଝାଉଥିଲେ । ଜଣେ ପ୍ରଶାସକ ଦକ୍ଷ ହେଲେ ଯେପରି ସମାଜର ବହୁ ଲୋକଙ୍କର ହିତ ସାଧନ କରିପାରିବ

(ମାନ୍ଦା ହେଲେ ଖାଲି ଚାକିରିରେ ଗତାନୁଗତିକ ହାଜିର ଦେଇ ବୃତ୍ତି କାଳ ସମାପିତ କରିବ), ଜଣେ ଶିକ୍ଷକ ଦକ୍ଷ ହେଲେ ତାହାଠୁଁ ବହୁ ଅଧିକ ମହତ୍ତ୍ୱପୂର୍ଣ୍ଣ କର୍ମ କରିପାରିବ – କାରଣ ପ୍ରଶାସକଙ୍କର କାର୍ଯ୍ୟକଳାପ ସ୍ଥୂଳ; ଶିକ୍ଷକଙ୍କର ପ୍ରଭାବ ସୂକ୍ଷ୍ମ; ଛାତ୍ରର ଚରିତ୍ର ଉପରେ ।

ଦ୍ୱିତୀୟରେ ପତ୍ର ପ୍ରେରକ ତରୁଣଟି ଅସୁସ୍ଥ ଥିବାବେଳେ ତାଙ୍କ ଅଭିଭାବକଙ୍କ ମନୋଭାବ । ଅବଶ୍ୟ ସେ ତାଙ୍କର ମନୋବେଦନା ବ୍ୟକ୍ତ କରିଛନ୍ତି । କିନ୍ତୁ ସେଭଳି ଅସତର୍କ ମନ୍ତବ୍ୟର କୁପ୍ରଭାବ ତରୁଣଟି ଉପରେ କେଡ଼େ ଗଭୀର ହୋଇପାରେ, ତାହା ସେ ଚିନ୍ତା କରି ଦେଖି ନାହାନ୍ତି । ଭଦ୍ରଲୋକ ଠିକ୍ ବିପରୀତ ଆଚରଣ କରିବା ଉଚିତ ଥିଲା । ତରୁଣଟିର ଆରୋଗ୍ୟ ଦିଗରେ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ତା'ର ମନୋବଳ ଯେପରି କ୍ଷୁଣ୍ଣ ନ ହୁଏ ସେ ଦିଗରେ ସଜାଗ ହୋଇ ତା'ର ଆତ୍ମବିଶ୍ୱାସ ଦୃଢ଼ ହେବା ଭଳି କଥାବାର୍ତ୍ତା କରିବା ଥିଲା ତାଙ୍କ କର୍ତ୍ତବ୍ୟର ଅନ୍ତର୍ଭୁକ୍ତ ।

ଶେଷକୁ ଆମେ ପ୍ରଥମ କଥାଟିକୁ ଆସିବା । ଖ୍ୟାତି ବା ବ୍ୟୁତ୍ପତ୍ତି ବା ପ୍ରତିଭା ଯଥାର୍ଥ ଜୀବନର ପରିଚୟ ନୁହେଁ; ଯଥାର୍ଥ ଜୀବନର ପରିଚୟ ନିଜ ପରିସ୍ଥିତିରେ ନିଜେ ଜଣେ କେତେ ଦୂର ସତ୍ ଓ ମହତ୍ ଭାବରେ ଜୀବନଯାପନ କରି ପାରୁଛି । କିନ୍ତୁ ସେ ତତ୍ତ୍ୱ କଥା ଛାଡ଼ି ଦେଲେ ମଧ୍ୟ ସାମାଜିକ ପ୍ରତିଷ୍ଠା ପାଇଥିବା ଲୋକଙ୍କ ଭିତରେ ଶାରୀରିକ ଦୁର୍ବଳ, ଅକ୍ଷମ ଏବଂ ଏପରିକି ଅଚଳ ଲୋକଙ୍କ ସଂଖ୍ୟା କମ୍ ନୁହେଁ । ମନେ ପକାନ୍ତୁ ଅନ୍ଧ ମନୀଷୀ ହେଲେନ୍ କେଲେର୍‌ଙ୍କ କଥା । ମନେ ପକାନ୍ତୁ ବିଥୋଭେନ୍‌ଙ୍କ କଥା; ସେ ଥିଲେ କାଲ । ହୋମର ଥିଲେ ଅନ୍ଧ; ମିଲଟନ୍ ମଧ୍ୟ । ଆଲେକ୍‌ଜାଣ୍ଡାର୍ ପୋପ୍ ଥିଲେ ବିକଳାଙ୍ଗ; ଚାର୍ଲସ୍ ଡାର୍‌ଉଇନ୍ ପ୍ରାୟ ଅଚଳ; ଜୁଲିଅସ୍ ସିଜରଙ୍କୁ ଘନ ଘନ ମୂର୍ଚ୍ଛା ରୋଗ ଆକ୍ରମଣ କରୁଥାଏ । ପ୍ରେସିଡେଣ୍ଟ୍ ରୁଜ୍‌ଭେଲ୍‌ଟ ଥିଲେ ପୋଲିଓର ଶିକାର । ଏବର ବିଜ୍ଞାନବିଦ୍ ଷ୍ଟିଫେନ୍ ହକିଙ୍ଗସଙ୍କ କଥା ମନେ ପକାଇ ନେବା ବାହୁଲ୍ୟ ! ତାଲିକା ଦୀର୍ଘ ହେବା ଅନାବଶ୍ୟକ ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୮୯ - ୯୨) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ପ୍ରଣାମ ନାରୀଶକ୍ତି (୧୧) :

# ମଦର ଟେରେସା

## ସୂର୍ଯ୍ୟକାନ୍ତି ମହାନ୍ତି

ଜୀବନବ୍ୟାପୀ ମାନବଜାତିର ସେବା ପାଇଁ ୧୨୦ରୁ ଊର୍ଦ୍ଧ୍ୱ ମର୍ଯ୍ୟାଦାସମ୍ପନ୍ନ ପୁରସ୍କାର ଓ ସମ୍ମାନରେ ଭୂଷିତା ହୋଇଥିବା ଏବଂ ଏକ ମହାନ୍ ଓ ଗୌରବମୟ ଜୀବନ ବିତାଇଥିବା ମହିୟସୀ ମହିଳା ବିଶ୍ୱବାସୀଙ୍କ ନିକଟରେ ମଦର ଟେରେସା ଭାବରେ ପରିଚିତ ।

ମଦର ଟେରେସାଙ୍କ ଜନ୍ମ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖ ଦିନ ଏକ ଆଲ୍‌ବେନିଆନ୍ ପରିବାରରେ ହୋଇଥିଲା । ଏହା ବର୍ତ୍ତମାନର ସାଧାରଣତନ୍ତ୍ର ରାଜ୍ୟ ମାସିଡ଼ୋନିଆର ରାଜଧାନୀ ସ୍କୋପଜେ (Skopje) । ତାଙ୍କର ପିତୃମାତୃଦତ୍ତ ନାମ ଥିଲା ଆଞ୍ଜେଜେ ଗୋନାସ୍କେ ବୋଜାସ୍କିୟୁ (Anjeze Gonxhe Bojaxhiu), ଯାହାର ଅର୍ଥ 'ଟିକିଫୁଲ' (Little Flower) । ତାଙ୍କର ମାତା Nikolle ଏବଂ ପିତା Drawafile Bojaxhiuଙ୍କର ସେ ଥିଲେ କନିଷ୍ଠ ସନ୍ତାନ । ତାଙ୍କୁ ମାତ୍ର ଆଠ ବର୍ଷ ବୟସ ହୋଇଥିବା ସମୟରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କୁ ଯେତେବେଳେ ବାରବର୍ଷ ବୟସ ସେସମୟରେ ଭାରତର ବେଙ୍ଗଲରେ ମିସନାରୀମାନଙ୍କର କାମ ବିଷୟରେ ସେ ଶୁଣିବାକୁ ପାଇଥିଲେ । ସେବେଠାରୁ ସେ ସ୍ଥିର କରି ନେଇ ଥିଲେ ଯେ ଏହିପରି କିଛି କାମ କରି ଏକ ଧାର୍ମିକ ଜୀବନଯାପନ କରିବେ ।

ଅଠର ବର୍ଷ ବୟସରେ ସେ ଗୃହତ୍ୟାଗ କରି ଆୟର୍ଲାଣ୍ଡରେ ସିଷ୍ଟର୍ସ ଅଫ୍ ଲୋରେଟୋ (Sisters of Loreto)ରେ ଯୋଗ ଦେଲେ । ଏହା ପରଠୁ ସେ ତାଙ୍କ ମାତା ଓ ଭଗିନୀଙ୍କୁ ଆଉ କେବେ ଦେଖି ନଥିଲେ । ସେତେବେଳେ ଭାରତରେ ଶିକ୍ଷାଦାନର ମାଧ୍ୟମ ଇଂରାଜୀ ଥିବାରୁ ଏବଂ ଭବିଷ୍ୟତରେ ସେ ଭାରତରେ ତାଙ୍କର ସେବା କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବାରୁ ଲୋରେଟୋରେ ସେ ଇଂରାଜୀ ଭାଷା ଶିକ୍ଷା କଲେ ।

୧୯୨୯ ମସିହାରେ ଆଞ୍ଜେଜେ ଭାରତରେ ପହଞ୍ଚି ଦାର୍ଜିଲିଂରେ ସେଣ୍ଟ୍ ଥେରେସେ ସ୍କୁଲ (St. Therese School)ରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କଲେ । ଏଠାରେ ମିସନାରୀମାନଙ୍କର ମୁଖ୍ୟ St. Therese de Lisieuxଙ୍କ ନାମ ଅନୁଯାୟୀ ସେ ନାମିତ ହେବାକୁ ଇଚ୍ଛା କଲେ । ମାତ୍ର ଅନ୍ୟ ଜଣେ କନ୍‌ଭେଣ୍ଟ୍ ନନ୍ ମଧ୍ୟ ଏହି ନାମକୁ ପସନ୍ଦ କରିଥିବାରୁ ସେ ସେଣ୍ଟ୍‌ଙ୍କର ଏହି ନାମର ସ୍ପେନିସ୍ ବନାନ, ଅର୍ଥାତ୍ Thereseରୁ Teresaକୁ ଗ୍ରହଣ କରି ନିଜର ନାମ ଆଞ୍ଜେଜେରୁ ଟେରେସା କଲେ । ପୁନଶ୍ଚ Loreto Custom ଅନୁଯାୟୀ 'ମଦର' ଷ୍ଟାଇଲକୁ ବି ଗ୍ରହଣ କରି Mother Teresa ହେଲେ । ସେ ପ୍ରାୟ କୋଡ଼ିଏ ବର୍ଷ ଶିକ୍ଷାଦାନ କଲା ପରେ ପ୍ରଧାନ ଶିକ୍ଷୟିତ୍ରୀ ହେଲେ । ଅବଶ୍ୟ ଏହାରି ଭିତରେ ସେ ବଙ୍ଗଳା ଭାଷା ଶିକ୍ଷା କରିଥିଲେ ।

୧୯୪୩ ମସିହାରେ ବେଙ୍ଗଲରେ ଦୁର୍ଭିକ୍ଷ ଦେଖା ଦେଲା । ଲୋକଙ୍କର ଦୁଃଖ, ଦାରିଦ୍ର୍ୟ ଓ ମୃତ୍ୟୁ ଏବଂ ୧୯୪୬ ମସିହା ଅଗଷ୍ଟରେ ହିନ୍ଦୁ-ମୁସଲିମଙ୍କର 'ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ' (Direct Action Day)ର ଉଗ୍ର ଅମାନୁଷିକ କାର୍ଯ୍ୟ ଦେଖି ମଦର ଟେରେସା ଖୁବ୍ ବ୍ୟଥିତ ହୋଇଥିଲେ ।

ସେହି ବର୍ଷ ଟ୍ରେନ୍‌ରେ ଦାର୍ଜିଲିଂ ଯିବା ସମୟରେ ଭାରତରେ ଦରିଦ୍ରଙ୍କ ପାଇଁ ସେବା କରିବାକୁ ଯୀଶୁଙ୍କର ନିର୍ଦ୍ଦେଶ ସେ ସ୍ପଷ୍ଟ ଶୁଣି ପାରିଲେ । ମଦର ଟେରେସା ଅନୁଭବ କଲେ ଯେ ଅନ୍ୟର ସେବା କରିବା ହେଉଛି ଯୀଶୁଙ୍କ ଶିକ୍ଷାର ମୌଳିକ ନୀତି । ପରେ ସେ ସ୍କୁଲ କାର୍ଯ୍ୟ ଛାଡ଼ିବାକୁ ଆବେଦନ କରି ଅନୁମତି ପ୍ରାପ୍ତ କଲେ । ୧୯୫୦ ମସିହା ଅକ୍‌ଟୋବର ୭ ତାରିଖ ଦିନ ସେ ସ୍ଥାପନା କଲେ ଏକ ଦାତବ୍ୟ ଅନୁଷ୍ଠାନ (Missionaries of Charity) । ଏ ସଂସ୍ଥାର ୟୁନିଫର୍ମ (Uniform) ଭାବରେ ହିନ୍ଦୁମାନଙ୍କର ପାରମ୍ପରିକ ପୋଷାକକୁ ସମ୍ମାନ ଦେଇ ନୀଳ ଧଡ଼ି ଥିବା ଧଳା ସୂତା ଶାଢ଼ୀକୁ ସେ ପସନ୍ଦ କଲେ । ପରବର୍ତ୍ତୀ କାଳରେ ସେ ଗ୍ରହଣ କଲେ ଭାରତର ନାଗରିକତା । ମଦର ପାଞ୍ଚୋଟି ଭାଷାରେ ଅନର୍ଗଳ କଥା କହି ପାରୁଥିଲେ । ସେସବୁ ହେଲେ ଆଲବେନିଆନ୍, ସରବିଆନ୍, ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ।

ସେ ପାଟଣାରେ କିଛି ମାସ ରହି Holy Family

Hospitalରୁ ମୌଳିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଗ୍ରହଣ କଲେ । ଏହା ପରେ କଲିକତାର ମୋତିଝିଲ୍‌ରେ ସ୍ଥାପନା କଲେ ଦରିଦ୍ର ଓ କ୍ଷୁଧାର୍ତ୍ତଙ୍କ ନିମିତ୍ତ ଏକ ଧାର୍ମିକ ଅନୁଷ୍ଠାନ । ତାଙ୍କର ଏ ପ୍ରକାର କାର୍ଯ୍ୟ ଭାରତୀୟ ଉଚ୍ଚପଦସ୍ଥ କର୍ମଚାରୀ ତଥା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା । ମାତ୍ର ତାଙ୍କର ଆୟ ଆଦୌ ନଥିବାରୁ ସେ ପ୍ରଥମ ବର୍ଷ ବହୁ କଷ୍ଟ ସ୍ୱୀକାର କଲେ ଏବଂ ଆଶ୍ରୟ, ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ଦରିଦ୍ର ଲୋକମାନଙ୍କୁ କେତେ କଷ୍ଟ ସ୍ୱୀକାର କରିବାକୁ ପଡ଼େ ତାହା ସେ ହୃଦୟଙ୍ଗମ କଲେ ।

ଏକଦା ମଦର ଟେରେସା କହିଥିଲେ, ''ଜନ୍ମଗତ ଭାବେ ମୁଁ ଆଲେବେନିଆନ୍, ନାଗରିକତ୍ୱରେ ଭାରତୀୟ, ବିଶ୍ୱାସରେ କ୍ୟାଥ୍‌ଲିକ୍ ନନ୍, ଜନତାଙ୍କ ମତରେ ମୁଁ ବିଶ୍ୱର ଅଧିବାସୀ ଏବଂ ହୃଦୟରେ ମୁଁ ଯୀଶୁଙ୍କ ଭାବଧାରାରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ ।''

୧୯୫୨ ମସିହାରେ ମଦର ଟେରେସା ସ୍ଥାପନା କଲେ ତାଙ୍କର ପ୍ରଥମ ଅନାଥାଶ୍ରମ, ଯାହାର ନାମ ଥିଲା 'ନିର୍ମଳ ହୃଦୟ' । ଏଠାକୁ ଯେଉଁମାନଙ୍କୁ ଅଣା ଯାଉଥିଲା, ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଆଯାଉଥିଲା ଏବଂ ମୃତ୍ୟୁ ପରେ ସେମାନଙ୍କର ଧର୍ମମତ ଅନୁଯାୟୀ ସେମାନଙ୍କର ଶବ ସତ୍କାର କରାଯାଉଥିଲା । ପ୍ରତ୍ୟେକଙ୍କର ନିଜସ୍ୱ ବିଶ୍ୱାସ ଅନୁଯାୟୀ ଅର୍ଥାତ୍ ହିନ୍ଦୁମାନେ ଗଙ୍ଗାଜଳ, ମୁସଲମାନମାନେ କୋରାନ ଓ ଖ୍ରୀଷ୍ଟିଆନମାନଙ୍କ ପାଇଁ ବାଇବେଲ ନିର୍ଦ୍ଦେଶିତ ବିଧିବିଧାନ କରାଯାଉଥିଲା । ବାସ୍ତବରେ ଯେଉଁମାନେ ଉପେକ୍ଷିତ ଜୀବନ ବଞ୍ଚୁଥିଲେ, ଏହି ଅନୁଷ୍ଠାନ ଭିତରେ ପ୍ରେମ ପାଇ ଶାନ୍ତିର ସହ ମୃତ୍ୟୁ ଲାଭ କରୁଥିଲେ । ଏହି ପ୍ରକାର ଶରୀରାବସାନକୁ ଏକ ସୁନ୍ଦର ମୃତ୍ୟୁ ବୋଲି ମଦର ଟେରେସା ଅଭିହିତ କରିଥିଲେ ।

ସେ କୁଷ୍ଠରୋଗୀଙ୍କ ପାଇଁ କଲିକତାର ବହୁ ଅଞ୍ଚଳରେ ସ୍ଥାପନା କଲେ ସେବା ଗୃହ, ଯେଉଁଠାରେ ସେମାନଙ୍କର ଖାଦ୍ୟ-ପେୟ ଓ ସମସ୍ତ ପ୍ରକାର ଚିକିତ୍ସା ଉପଲବ୍ଧ ଥିଲା । ନିରାଶ୍ରୟ ଓ ଅନାଥ ଶିଶୁମାନଙ୍କ ପାଇଁ ସେ ଖୋଲିଲେ 'ନିର୍ମଳା ଶିଶୁଭବନ' । ଏହାର ଶାଖା ବିଦେଶରେ ପ୍ରଥମେ ଭେନଜୁଆଲା, ତା'ପରେ ରୋମ (ଇଟାଲୀ), ତାଞ୍ଜାନିଆ ଓ ଅଷ୍ଟ୍ରେଲିଆରେ ମଧ୍ୟ ଖୋଲା ଯାଇଥିଲା । ଏପରିକି ୧୯୭୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ପରେ ପରେ ଏସିଆ, ଆଫ୍ରିକା ଓ ୟୁରୋପର ଅଧିକାଂଶ ଦେଶରେ ଏହାର ଶାଖାମାନ ସ୍ଥାପନା କରାଗଲା । ସାଧାରଣତଃ ଏ ସଂସ୍ଥାରେ ସିଷ୍ଟରମାନେ କାର୍ଯ୍ୟ କରୁଥିବା ବେଳେ ୧୯୬୩ ମସିହାରେ 'ବ୍ରଦରସ୍' ବିଭାଗ ସୃଷ୍ଟି କରାଗଲା । ପୁନଶ୍ଚ ବହୁ ପ୍ରିଷ୍ଟଙ୍କ ଅନୁରୋଧ କ୍ରମେ ମଦର ଟେରେସା ପ୍ରତିଷ୍ଠା କଲେ ପ୍ରିଷ୍ଟମାନଙ୍କ ପାଇଁ Corpus Christi Movement ।

ଏହାର ଫଳସ୍ୱରୂପ ୧୯୯୭ ମସିହା ସୁଦ୍ଧା ଦେଶ ବିଦେଶରେ ଅନାଥାଶ୍ରମ, ଏଡ଼ସ୍ ରୋଗୀ ଭବନ, ଅନ୍ଧ ଓ ଅକର୍ମଣ୍ୟ ଭବନ ଏବଂ ବୃଦ୍ଧାଶ୍ରମଆଦି ଖୋଲାଗଲା । ଦରିଦ୍ର, ବନ୍ୟା ଓ ଦୁର୍ଭିକ୍ଷ ପୀଡ଼ିତ ଜନତାଙ୍କ ପାଇଁ କାର୍ଯ୍ୟରତ ଥିଲେ ପ୍ରାୟ ଚାରି ହଜାରରୁ ଊର୍ଦ୍ଧ୍ୱ ସିଷ୍ଟର । ଏପରିକି ୨୦୦୭ ମସିହା ସୁଦ୍ଧା ବିଶ୍ୱରେ ୧୨୦ଟି ଦେଶରେ ମିସନାରୀ ଅଫ୍ ଚ୍ୟାରିଟିରେ କାର୍ଯ୍ୟରତ ଥିବା ସଭ୍ୟମାନଙ୍କ ସଂଖ୍ୟା ଥିଲା ୪୫୦ ବ୍ରଦର୍ସ ଓ ୫୦୦୦ରୁ ଊର୍ଦ୍ଧ୍ୱ ସିଷ୍ଟରସ୍, ଯେଉଁମାନେ ୬୦୦ କେନ୍ଦ୍ର ପରିଚାଳନା କରୁଥିଲେ । ୧୯୮୨ ମସିହାରେ ପାଲେଷ୍ଟିନିଆନ ଗରିଲା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ କାରଣରୁ ୩୭ ଜଣ ଆହତ ଶିଶୁ ଏକ ହସ୍‌ପିଟାଲରେ ବନ୍ଧା ପଡ଼ିଥିଲେ । ମଦର ଟେରେସା ସେଠାକୁ ଯାଇ ରେଡ଼କ୍ରସ୍ ସହାୟତାରେ ସେମାନଙ୍କୁ ମୁକ୍ତ କରାଇଥିଲେ । ଯେତେବେଳେ ଜଣେ କ୍ୟାଥ୍‌ଲିକ୍ ପ୍ରିଷ୍ଟ ମଦର ଟେରେସାଙ୍କୁ ପ୍ରଶ୍ନ କଲେ, ''ସେ କ'ଣ ଲୋକଙ୍କୁ ଧର୍ମାନ୍ତରୀକରଣ କରୁଛନ୍ତି କି ?'', ସେ ଏହାର ଉତ୍ତର ଦେଇଥିଲେ – ''ହଁ, ମୁଁ ଧର୍ମାନ୍ତର କରାଉଛି । ତୁମକୁ ଧର୍ମାନ୍ତର କରାଉଛି ଜଣେ ଅଧିକ ଭଲ ହିନ୍ଦୁ ହେବାକୁ କିଂବା ଜଣେ ଅଧିକ ଭଲ ମୁସଲିମ ହେବାକୁ କିଂବା ଜଣେ ଅଧିକ ଭଲ ପ୍ରୋଟେଷ୍ଟାଣ୍ଟ୍ ହେବାକୁ କିଂବା ଜଣେ ଅଧିକ ଭଲ କ୍ୟାଥ୍‌ଲିକ ହେବାକୁ କିଂବା ଜଣେ ଅଧିକ ଭଲ ପାର୍ସି ହେବାକୁ କିଂବା ଜଣେ ଅଧିକ ଭଲ ଶିଖ ହେବାକୁ କିଂବା ଜଣେ ଅଧିକ ଭଲ ବୌଦ୍ଧ ହେବାକୁ ।''

୧୯୮୩ ମସିହାରେ ମଦର ଟେରେସାଙ୍କର ପ୍ରଥମ ହୃଦ୍‌ଘାତ ହୋଇଥିଲା Pope John Paul - IIଙ୍କୁ ସାକ୍ଷାତ୍ କରିବା ସମୟରେ । ୧୯୮୯ ଓ ୧୯୯୧ ମସିହାରେ ପୁନଶ୍ଚ ଏ ପ୍ରକାର ଅସୁବିଧା ହୋଇଥିଲା । ଏଣୁ ସେ ଇଚ୍ଛା କରିଥିଲେ ମିସନାରୀଜ ଅଫ୍ ଚ୍ୟାରିଟିର ମୁଖ୍ୟ ପଦରୁ ଇସ୍ତଫା ଦେବାକୁ । ମାତ୍ର ସିଷ୍ଟରମାନେ ପୁଣି ତାଙ୍କୁ ନିର୍ବାଚିତ କଲେ ସେହି କ୍ଷମତାରେ ରହିବାକୁ । ଏଥିରେ ସହମତ ହୋଇ ପୁନଶ୍ଚ କାର୍ଯ୍ୟ ଚାଲୁ ରଖିଲେ ମଦର ଟେରେସା । ୧୯୯୬ ମସିହାରେ ଦୁର୍ଭାଗ୍ୟବଶତଃ ତଳେ ପଡ଼ିଯାଇ ତାଙ୍କର କଲାର୍ ବୋନ୍ ଭାଙ୍ଗିଗଲା ଏବଂ ଚାରିମାସ ପରେ ସେ ପୀଡ଼ିତ ହେଲେ

ମ୍ୟାଲେରିଆରେ । ଏହି ସମୟ ଭିତରେ ତାଙ୍କ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର କରାଗଲା । ୧୯୯୭ ମସିହା ମାର୍ଚ୍ଚ ୧୩ ତାରିଖରେ ମଦର ଟେରେସା ଚ୍ୟାରିଟିରୁ ଇସ୍ତଫା ଦେଲେ । ସେହି ବର୍ଷ ଅର୍ଥାତ୍ ୧୯୯୭ ମସିହା ସେପ୍‌ଟେମ୍ବର ୭ ତାରିଖ ଦିନ ଏହି 'ଚିକିଫୁଲ'ଟି ବିଶ୍ୱମାନବ ଜୀବନରେ ସୁବାସ ଭରି ଦେଇ ପରୀଟିଏ ହୋଇ ମହାକାଶକୁ ଉଡ଼ି ଯାଇଥିଲେ ।

ତାଙ୍କର ପାର୍ଥିବ ଶରୀର ସତ୍କାର ପୂର୍ବରୁ କଲିକତାର ସେଣ୍ଟ୍ ଥୋମାସ୍ ଚର୍ଚ୍ଚରେ ଏକ ଖୋଲା ବାକ୍ସ (Casket)ରେ ଏକ ସପ୍ତାହ ଧରି ଜନତାଙ୍କ ଦର୍ଶନ ପାଇଁ ରଖା ଯାଇଥିଲା । ମାନବଜାତି ପ୍ରତି ତାଙ୍କର ଜୀବନବ୍ୟାପୀ ସେବା ପାଇଁ କୃତଜ୍ଞତା ସ୍ୱରୂପ ଭାରତ ସରକାରଙ୍କ ତରଫରୁ ପୂର୍ଣ୍ଣ ମର୍ଯ୍ୟାଦାର ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା ଏବଂ ଦେଶବ୍ୟାପୀ ଶୋକ ପାଳନ ମଧ୍ୟ କରାଯାଇଥିଲା ।

**ମଦର ଟେରେସାଙ୍କୁ ପ୍ରଦତ୍ତ ସମ୍ମାନ ଓ ପୁରସ୍କାରର ତାଲିକା :**

୧. ୧୯୬୨ରେ ଆନ୍ତର୍ଜାତିକ ବୁଝାମଣା ପାଇଁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

୨. ୧୯୬୯ରେ BBC ପ୍ରସ୍ତୁତ କରିଥିଲା ଏକ ଡକ୍ୟୁମେଣ୍ଟାରୀ – "Something Beautiful for the God."

୩. ୧୯୭୧ରେ Pope paul VI ପ୍ରଦାନ କରିଥିଲେ 'Pope John XXIII' (Peace Prize) ଶାନ୍ତି ପୁରସ୍କାର । ପୁନଶ୍ଚ ୧୯୭୧ରେ 'Kennedy Prize' ଲାଭ କରିଥିଲେ ।

୪. ୧୯୭୨ ରେ ଶାନ୍ତି ଓ ଆନ୍ତର୍ଜାତିକ ବୁଝାମଣା ପାଇଁ 'The Nehru Prize' ପ୍ରଦାନ କରାଯାଇଥିଲା ।

୫. ୧୯୭୫ ରେ 'Albert Schweitzer' ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ହୋଇଥିଲେ ।

୬. ୧୯୭୬ରେ ଲାଭ କରିଥିଲେ 'The Pacean in Terris' ପୁରସ୍କାର ।

୭. ୧୯୭୯ରେ ତାଙ୍କୁ ପ୍ରଦାନ କରାଯାଇଥିଲା 'Nobel Peace Prize' । ନୋବେଲ କମିଟିର ଆନୁଷ୍ଠାନିକ ଉତ୍ସବରେ ଖର୍ଚ୍ଚ ହେଉଥିବା ୧୯୨,୦୦୦ ଡଲାରକୁ ଉତ୍ସବରେ ଖର୍ଚ୍ଚ ନ କରି ଭାରତର ଦରିଦ୍ରମାନଙ୍କୁ ଦେବା ପାଇଁ ମଦର ଟେରେସା ଅନୁରୋଧ କରିଥିଲେ । ଏଠାରେ ପୁରସ୍କାର ଗ୍ରହଣ ଅବସରରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, ''ବିଶ୍ୱ ଶାନ୍ତିର ପୃଷ୍ଠପୋଷକତା କରିବା ପାଇଁ ଆମକୁ କ'ଣ କରିବାକୁ ହେବ'' ଏହାର ଉତ୍ତରରେ ମଦର ଟେରେସା କହିଥିଲେ, ''ଘରକୁ ଯାଅ ଏବଂ ତୁମ ପରିବାରକୁ ଶ୍ରଦ୍ଧା କର'' ।

ନୋବେଲ ପୁରସ୍କାର ପ୍ରଦାନ ଉତ୍ସବରେ ତାଙ୍କର ବକ୍ତବ୍ୟ ଥିଲା, ''ସମଗ୍ର ପୃଥିବୀର ବିଭିନ୍ନ ଦେଶରେ ଦରିଦ୍ରମାନଙ୍କୁ ଦେଖିଛି । ଯେତେବେଳେ କ୍ଷୁଧାର୍ତ୍ତକୁ ମୁଁ ଥାଳି ଭରା ଖାଦ୍ୟ ଦେଇଛି, ସେ ସନ୍ତୁଷ୍ଟ ହୋଇଛି । କାରଣ, ଏଥିରେ ତା'ର କ୍ଷୁଧା ନିର୍ବାପିତ ହୋଇଛି । ମାତ୍ର ସମାଜରୁ ବିତାଡ଼ିତ ଓ ନିର୍ଯାତିତ ହୋଇଥିବା ବ୍ୟକ୍ତିର ମାନସିକ କ୍ଷତକୁ ପୂରଣ କରିବା ବହୁତ କଷ୍ଟକର ହୋଇଥାଏ ।''

୮. ୧୯୮୦ରେ ଭାରତର ଶ୍ରେଷ୍ଠ ବେସାମରିକ ପୁରସ୍କାର 'ଭାରତ ରତ୍ନ'ରେ ସେ ଭୂଷିତ ହୋଇଥିଲେ ।

୯. ୧୯୮୫ ରେ ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରେଷ୍ଠ ବେସାମରିକ ପୁରସ୍କାର 'State Presidential Medal' ପ୍ରଦାନ କରାଯାଇଥିଲା ।

୧୦. ୧୯୯୨ରେ ନବୀନ ଚାଓଲାଙ୍କ ଦ୍ୱାରା ମଦର ଟେରେସାଙ୍କର ସରକାରୀ ଭାବେ ଜୀବନୀ ପ୍ରକାଶିତ ହେଲା ।

୧୧. ୧୯୯୪ରେ ତାଙ୍କ ନିଜ ଦେଶ ପ୍ରଦାନ କରିଥିଲା 'The Golden Honour of the Nation.'

୧୨. ୧୯୯୪ ରେ ପ୍ରାପ୍ତ ହୋଇଥିଲେ 'Congressional Gold Medal.'

୧୩. ୧୯୯୪ରେ 'U Thant Peace Award' ପ୍ରଦାନ କରାଯାଇଥିଲା ।

୧୪. ୧୯୯୯ ରେ ପଣ୍ଡିଚେରୀରେ ସ୍ଥାପିତ ହୋଇଥିଲା 'The Mother Teresa Post Graduate and Research Institute of Health Sciences.'

୧୫. ମାନବିକତା, ଶାନ୍ତି ଓ ଭ୍ରାତୃତ୍ୱ ପାଇଁ 'Balzan Prize' ପ୍ରଦାନ କରାଯାଇଥିଲା ।

୧୬. ମଦର ଟେରେସା ସ୍ୱର୍ଗ ଭୋଗର ଅଧିକାରିଣୀ ହୋଇଛନ୍ତି ବୋଲି ଘୋଷଣା କରି Pope John Paul II

୨୦୦୩ରେ ତାଙ୍କୁ ଆଖ୍ୟା ଦେଇଥିଲେ "Blessed Teresa of Calcutta"

୧୭. ୨୦୧୦ ଅଗଷ୍ଟ ୨୬ ତାରିଖ ଦିନ ମଦର ଟେରେସାଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭାରତୀୟ ରେଳ ବିଭାଗ ପ୍ରଚଳନ କରିଥିଲେ 'Mother Teresa Express.'

୧୮. ୨୦୧୦ରେ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭାରତ ସରକାର ପ୍ରଚଳନ କରିଥିଲେ ଏକ ଶହ ଟଙ୍କିଆ ମୁଦ୍ରା ଓ ପାଞ୍ଚ ଟଙ୍କିଆ ମୁଦ୍ରା । କାରଣ, ମଦର ଟେରେସା ଯେତେବେଳେ ପ୍ରଥମେ ଭାରତ ଆସିଥିଲେ, ତାଙ୍କ ପାଖରେ ଥିଲା ମାତ୍ର ପାଞ୍ଚଟଙ୍କା ।

୧୯. ୧୯୯୭ରେ ଭାରତ ସରକାରଙ୍କ ଡାକ ବିଭାଗ ପ୍ରକାଶ କରିଥିଲା ମଦର ଟେରେସାଙ୍କ ନାମରେ Speed Post ଲେଖାଥିବା ଡାକ ଟିକେଟ (M.S.), ଯାହାର ମୂଲ୍ୟ ୪୫ଟଙ୍କା ।

୨୦. ତାଙ୍କୁ ପ୍ରଦାନ କରାଯାଇଥିଲା ଶାନ୍ତି ଓ ଆନ୍ତର୍ଜାତିକ ବୁଝାମଣା ପାଇଁ 'ରମଣ ମାଗାସେସେ ପୁରସ୍କାର' ।

୨୧. ଭାରତ ସରକାରଙ୍କ ତରଫରୁ ମଦର ଟେରେସାଙ୍କୁ 'Mary Teresa Bojaxhin' ନାମରେ ଏକ ଡିପ୍ଲୋମେଟିକ୍ ପାସପୋର୍ଟ ପ୍ରଦାନ କରାଯାଇଥିଲା ।

୨୨. ଆଲବେନିଆର ସାଧାରଣତନ୍ତ୍ର ଦିବସ ସେପ୍‌ଟେମ୍ବର ୫ ତାରିଖକୁ କୁହାଯାଏ 'Mother Teresa Day.'

୨୩. ତାମିଲନାଡୁ ସରକାରଙ୍କ ଦ୍ୱାରା ଏକ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯାଇଛି – ଯାହାର ନାମ : 'Mother Teresa Woman's University.'

୨୪. ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟ (Pennsylvania University) ତାଙ୍କୁ ପ୍ରଦାନ କରିଥିଲେ 'Honorary Doctorate' । ସେଠାରେ ଶିକ୍ଷାର୍ଥୀମାନଙ୍କୁ ମଦର ଟେରେସାଙ୍କ ବକ୍ତବ୍ୟ ଥିଲା – 'Do Small things with great love.'

ଏହିଭଳି ଆହୁରି ବହୁ ପୁରସ୍କାର ମଧ ମଦର ଟେରେସାଙ୍କ ସମ୍ମାନାର୍ଥେ ପ୍ରଦାନ କରାଯାଇଛି ।

ସନ୍ନ୍ୟାସିନୀ, ସାଧ୍ୱୀ, ମାନବଜାତିର ସେବିକା ଚିରକୁମାରୀ ମଦର ଟେରେସାଙ୍କର ମହାନ୍ ଆତ୍ମା ପ୍ରତି ବିଶ୍ୱବାସୀଙ୍କର କୋଟି କୋଟି ପ୍ରଣାମ । ❑

ସର୍ବଦା ଗୋଟିଏ ନିୟମକୁ ଅନୁସରଣ କର । ତାହା ହେଉଛି ନିଜକୁ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ଶକ୍ତି ପ୍ରତି ଉନ୍ମୀଳିତ କର, ଅନ୍ୟ ଶକ୍ତି ପ୍ରତି ନୁହେଁ; ତୁମେ ଯଦି ସର୍ବଦା ଏହା ସହିତ ସଂଯୋଗ ରଖିଥିବ, ତେବେ ଅନ୍ୟ ସବୁକିଛି କ୍ରମବର୍ଦ୍ଧିଷ୍ଣୁଭାବେ ଆପେ ଆପେ ଶୃଙ୍ଖଳିତ ହୋଇଯିବେ ।

ତୁମେ ଯଦି ଚାହଁ ଯେ ଏହାର ବିକାଶ ଓ ଅଗ୍ରଗତି ଅବ୍ୟାହତ ରହୁ, ତେବେ ତୁମ ମଧ୍ୟରେ ନୀରବତା ଓ ପ୍ରଶାନ୍ତି ଅଧିକରୁ ଅଧିକ ଆସିବା ଆବଶ୍ୟକ; ଅତ୍ୟଧିକ ଆଗ୍ରହ ଓ ଉତ୍ତେଜନା ବ୍ୟତିରେକେ ଯାହା ତୁମ ମଧ୍ୟକୁ ଆସିବ, ସେସବୁକୁ ଧରି ରଖିବା ପାଇଁ ତୁମେ ଅଧିକ ସକ୍ଷମ ହେବା ଆବଶ୍ୟକ । ଶାନ୍ତି ଓ ନୀରବତା ହେଉଛି ପ୍ରଥମ ବିଷୟ – କାରଣ କେବଳ ଶାନ୍ତ ମାନସ ମଧ୍ୟରେହିଁ ପ୍ରେମ, ଆନନ୍ଦ, ଶକ୍ତି ଓ ଜ୍ଞାନକୁ ତୁମେ ଧାରଣ କରିପାରିବ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୯୭) – ଶ୍ରୀଅରବିନ୍ଦ

# ସରିତାର ସର୍ତ୍ତ

ଗୋଟିଏ ପରିବାରରେ ଥିଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଏବଂ ସେମାନଙ୍କର ଏକମାତ୍ର କୁନିଝିଅ ସରିତା । ସୁଖୀ ପରିବାର । ସରିତା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସପ୍ତମ ଶ୍ରେଣୀର ଛାତ୍ରୀ । ଦିନେ ସେ ସ୍କୁଲରୁ ଫେରି ଜୋତା ଖୋଲିଛି କି ନାଇଁ ବ୍ୟାଗ୍ ଓ ପାଣି ବୋତଲକୁ ଖଟ ଉପରକୁ ଫିଙ୍ଗି ଦେଇ ତା'ର କୋଠରି ଭିତରକୁ ପଶି ଗଲା । ତା'ର ହାବଭାବ ଦେଖି ମାମା ଠଉରାଇ ନେଲେ ତା'ର କିଛି ଗୋଟେ ହୋଇଛି ନିଶ୍ଚୟ । ତେଣୁ ସେ ତା' ପାଖକୁ ଧାଇଁ ଆସି ପଚାରିଲେ, କ'ଣ ହୋଇଛି ବୋଲି । କିନ୍ତୁ ସେ କିଛି ଉତ୍ତର ପାଇଲେ ନାହିଁ । କହିଲେ, ''ହଉ ଯାହା ହୋଇଛି ପରେ ସେକଥା ବୁଝିବା । ପ୍ରଥମେ ଯା' ପୋଷାକ ବଦଳାଇ ହାତ ମୁହଁ ଧୋଇପକା । ଭାତ ବାଢ଼ି ଦେବି ଖାଇବୁ । ବାବା ବି ତୋତେ ଅପେକ୍ଷା କରିଛନ୍ତି ।'' କିନ୍ତୁ ସେ ଉଁ କି ଚୁଁ କଲା ନାହିଁ, ଯେମିତି ସେ କିଛି ବି ଶୁଣିନି ।

ବାବା ଡ୍ରଇଁ ରୁମ୍‌ରେ ବସି ଟି.ଭି. ଦେଖୁଥିଲେ । ରୋଷେଇ ଘରେ ଥାଇ ମାମା ଡାକ ଛାଡ଼ିଲେ – ''ଆଚ୍ଛା ! ତୁମେ ଟି.ଭି. ଦେଖା ବନ୍ଦ କରି ତୁମ ଅଲିଅଳ ରାଜଜେମା କଥା ଟିକେ ବୁଝିବ କି ? ମୋ କଥା ସେ ଜମାରୁ ଶୁଣୁନି ।'' ବାବା, କଥାର ଗୁରୁତ୍ୱକୁ ହୃଦୟଙ୍ଗମ କରି ସଙ୍ଗେ ସଙ୍ଗେ ଟି.ଭି. ବନ୍ଦ କଲେ ଏବଂ ଝିଅ ସରିତା ପାଖରେ ଯାଇ ପହଞ୍ଚିଲେ । ସେ ମୁହଁ ଫୁଲାଇ ଚୁପ୍‌ଚାପ୍ ବସିଛି । ସେ ତାକୁ କୋଳେଇ ନେଇ ପଚାରିଲେ ''କ'ଣ ହୋଇଛି ମୋ' କୁନି ପରୀର ? ମାମା ଏତେ ଡାକୁଛନ୍ତି ଶୁଣୁନୁ କାହିଁକି ?'' ସରିତା ନିରୁତ୍ତର । ସେ ପୁଣି ତାକୁ ବୁଝାଇଲେ – ''ଦେଖ ମା । ସାଙ୍ଗ ହୋଇ ଖାଇବା ବୋଲି ମୁଁ ତୋତେ ଅପେକ୍ଷା କରିଛି । ଚାଲ ଶୀଘ୍ର ପ୍ରସ୍ତୁତ ହୋଇଯା' । ବହୁତ ଭୋକ । ପ୍ରଥମେ ଖାଇ ଦେବା ।'' ...

''ତା'ପରେ ମୁଁ ଯାହା ମାଗିବି ଦେବ ?''

''ଠିକ୍ ଅଛି ।''

''ଠିକ୍ ଅଛି ନୁହେଁ, ତୁମକୁ ପ୍ରତିଜ୍ଞା କରିବାକୁ ହେବ ।'' ବାବା ପ୍ରତିଜ୍ଞା କଲାବେଳକୁ ମାମା ସେଠି ପହଞ୍ଚି ବାପଝିଅଙ୍କ ବାର୍ତ୍ତାଳାପ ଶୁଣୁଥିଲେ । ''ମାମାଙ୍କୁ କୁହ, ସିଏ ବି ପ୍ରତିଜ୍ଞା କରିବେ ।'' ସରିତାର ସର୍ତ୍ତ ।

''ହଉ ଠିକ୍ ଅଛି, ମୁଁ କଥା ଦେଉଛି ।'' ମାମା ଅନ୍ୟମନସ୍କ ଭାବରେ କହିଲେ । କିନ୍ତୁ ପରମୁହୂର୍ତ୍ତରେ ହଠାତ୍ ତାଙ୍କର ମନେ ପଡ଼ିଗଲା ଯେ କିଛି ଦିନ ପୂର୍ବରୁ ସେ ତା' ବାପାଙ୍କ ଆଗରେ କମ୍ପ୍ୟୁଟର ଏବଂ ମୋବାଇଲ ଫୋନ୍‌ଟିଏ ଦାବି କରି ଆସୁଥିଲା । ସୁତରାଂ ସେ ତାକୁ ସତର୍କ କରାଇ ଦେଲେ, ''ଦେଖ୍, କୌଣସି ଦାମୀ ଜିନିଷ ମାଗିବୁ ନାହିଁ ।''

''ତୁମେ ଚିନ୍ତା କର ନାହିଁ ମାମା ! ମୁଁ ସେମିତି କିଛି ଦାମୀ ଜିନିଷ ମାଗିବି ନାହିଁ, ଯଦ୍ୱାରା ତୁମକୁ ଓ ବାବାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।'' ଏତିକି କହି ସେ ବାବାଙ୍କୁ ଟାଣି ଟାଣି ଖାଇବା ଘର ଆଡ଼କୁ ଚାଲିଗଲା ।

ଖାଇ ସାରିବା ପରେ ବାବା ମାଆ ଉଭୟେ ଭାବୁଥିଲେ ସରିତା ହୁଏତ ତା'ର ସର୍ତ୍ତ କଥା ଭୁଲି ଯାଇଥିବ । କିନ୍ତୁ ସେ ଖାଇ ସାରି ମୁହଁ ହାତ ଧୋଇଛି କି ନାଇଁ ବାବାଙ୍କ ପାଖରେ ଆସି ହାଜର ହୋଇଗଲା । କହିଲା – ''ବାବା, ଏବେ ମୋର ମାଗିବାର ପାଳି ।''

– ''ହଉ, କ'ଣ ମାଗୁଛୁ ମାଗ ।'' ବାବା ତାକୁ ଆଶ୍ୱାସନା ଦେଲେ ।

ବାବାଙ୍କ ଠାରୁ ନିର୍ଭର ପ୍ରତିଶ୍ରୁତି ପାଇ ସରିତାର ମୁହଁ ଖୁସିରେ ଉଚ୍ଛୁଳି ଉଠିଲା । ସେ କହିଲା – ''ବାବା ! ଆସନ୍ତା ରବିବାର ଦିନ ମୋତେ ଟିକେ ସେଲୁନକୁ ନେଇଯିବ । ମୁଁ ଲଣ୍ଡା ହେବାକୁ ଚାହୁଁଛି ।''

''କ'ଣ କହିଲୁ... ଲଣ୍ଡା ହେବୁ ? ତୋ'ର ମୁଣ୍ଡ ଠିକ୍ ଅଛି ତ ? ବିଲକୁଲ ନୁହେଁ । ଝିଅପିଲା ହୋଇ ଲଣ୍ଡା ହେବୁ କାହିଁକି ?'' ମାମା ତାକୁ ତାଗିଦ କଲେ ।

ବାବା ତାଙ୍କୁ ଟିକେ ଶାନ୍ତ ରହିବାକୁ କହି ସରିତାକୁ ବୁଝାଇବାକୁ ଚେଷ୍ଟା କଲେ – ''ଦେଖ୍ ମାଆ, ତୁ ବରଂ ଆଉ କିଛି ମାଗ । କିନ୍ତୁ ଲଣ୍ଡା ହେବାର ଜିଦ୍ ଛାଡ଼ିଦେ । ଜାଣିଛୁ, ତୋତେ ସେମିତି ଅବସ୍ଥାରେ ଦେଖିଲେ ଆମକୁ ଜମାରୁ ଭଲ ଲାଗିବ ନାହିଁ ।''

''ନାଇଁ ବାବା, ମୋର ଆଉ କିଛି ଦରକାର ନାହିଁ । ମୁଁ ଖାଲି ଲଣ୍ଡା ହେବାକୁ ଚାହେଁ । ବାସ୍ ।'' ସରିତା ତା'ର ଶେଷ କଥା ଶୁଣାଇ ଦେଲା ।

''ତୁ' କଥାଟା ବୁଝୁନୁ କାହିଁକି ସରିତା ।'' ବାବା ତାକୁ ପୁଣି ଥରେ ବୁଝାଇବାକୁ ଚେଷ୍ଟା କଲେ ।

''ବୁଝିଲ ଏସବୁ ଟି.ଭି.ର ପ୍ରଭାବ । ଟି.ଭି. ଆଜିକାଲିର ପିଲାଙ୍କର ମୁଣ୍ଡକୁ ଖାଇ ଗଲାଣି । ଦେଖୁନ, ଏତେ ବକଟେ ପିଲା, କେମିତି ତା' ଜିଦ୍‌ରେ ଅଡ଼ି ବସିଛି ।'' – ମାମା କହିଲେ ।

ସରିତା କାନ୍ଦ କାନ୍ଦ ହୋଇ କହିଲା – ''ବାବା ତୁମେ କଥା ଦେଇଥିଲ, ମୁଁ ଯାହା ମାଗିବି ଦେବ ବୋଲି । ମାମା କହିଲେ, ଦାମୀ ଜିନିଷ କିଛି ମାଗିବୁନି । ସେଥିରେ ବି ମୁଁ ରାଜି ହେଲି । କିନ୍ତୁ ତଥାପି ତୁମେ ତୁମର ପ୍ରତିଶ୍ରୁତି ରକ୍ଷା କରିବାକୁ ନାରାଜ !''

''ହଉ ଠିକ୍ ଅଛି । ମୋର ପ୍ରତିଶ୍ରୁତି ମୁଁ ରକ୍ଷା କରିବି ।'' ବାବା ତାକୁ ଆଶ୍ୱାସନା ଦେଲେ ।

ଏଥର ସେ ଖୁସିରେ ଉଛୁଳି ଉଠିଲା ଏବଂ ପାହାଡ଼ୀ ଝରଣାଟେ ଭଳି ନାଚି ନାଚି ପଡ଼ୋଶୀ ଘରେ ଥିବା ତା' ସାଙ୍ଗ ଘରକୁ ପଳାଇଲା ।

''ତୁମେ ବି ଶେଷରେ ପିଲା ସହିତ ପିଲା ହୋଇଗଲ ?'' ଶ୍ରୀମତୀଙ୍କ ତାଗିଦ – ''ଦେଖ, ତୁମେ ଯଦି ଏବେଠାରୁ ତା'ର ଇଚ୍ଛା ପୂରଣରେ ଲାଗିଯିବ, ତେବେ ଭବିଷ୍ୟତରେ ସେ ତୁମକୁ ଅସୁବିଧାରେ ପକାଇବ ।''

ବାବା ମାମାଙ୍କୁ ବୁଝାଇଲେ – ''ଦେଖ ! ଆମ ଝିଅ କେବଳ ଆମର ନୁହେଁ, ସେ ଈଶ୍ୱରଙ୍କର ମଧ୍ୟ । ତା' ପାଇଁ ଯାହା କିଛି ସର୍ବୋତ୍ତମ, ସେକଥା ଈଶ୍ୱର ସ୍ଥିର କରିବେ । ତେଣୁ ତା'ର ଭବିଷ୍ୟତକୁ ନେଇ ଆମେ ଅଧିକ ଭୟଭୀତ କି ଆଶଙ୍କିତ ହେବା ନାହିଁ । ମାତାପିତା ହିସାବରେ ଆମକୁ ଆଚରଣ ଓ ଉଚ୍ଚାରଣରେ ସମତା ବଜାୟ ରଖି ନିଷ୍ପାପର ଭାବରେ ତା' ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ ।'' ମାମା ନୀରବ ।

ରବିବାର ଦିନ ସତକୁ ସତ ବାବା ସରିତାକୁ ନେଇ ସେଲୁନ୍‌ରେ ପହଞ୍ଚିଲେ ଏବଂ ତା'ର ଇଚ୍ଛା ପୂରଣ କରିବାକୁ ଯାଇ ସମ୍ପୂର୍ଣ୍ଣ ରୂପେ ତାକୁ ମୁଣ୍ଡନ କରାଇ ଦେଲେ । ଲଣ୍ଡା ମୁଣ୍ଡରେ ତା'ର ଚେହେରା ପୂର୍ବାପେକ୍ଷା ଅଧିକ ସୁନ୍ଦର ଦେଖା ଯାଉଥିଲା ।

କିନ୍ତୁ ମାମା ଏହାକୁ ସହଜରେ ଗ୍ରହଣ କରିପାରୁ ନ ଥିଲେ । ସେ ଏମିତି ରାଗି ଯାଇଥିଲେ ଯେ ଦିନସାରା ସରିତା ସହିତ କଥାବାର୍ତ୍ତା କଲେ ନାହିଁ । ଏପରିକି ପରଦିନ ସେ ଯେତେବେଳେ ସ୍କୁଲ ବାହାରିଲା, ତା' ପାଇଁ ସେ କୌଣସି ପ୍ରକାରର ତତ୍ପରତା ଦେଖାଇଲେ ନାହିଁ । ବାଧ୍ୟ ହୋଇ ବାପାଙ୍କୁ ସେସବୁ କରିବାକୁ ପଡ଼ିଲା । ରୁଟିନ୍ ଅନୁଯାୟୀ ତା'ର ବ୍ୟାଗ୍ ଓ ବହିପତ୍ର ସଜାଡ଼ିବା ସାଙ୍ଗକୁ ତା' ପାଇଁ ସେ ଜଳଖିଆ ଡବା ବି ସଜାଡ଼ି ଦେଲେ । ସରିତାର ସ୍କୁଲ ଘରଠାରୁ ଅଳ୍ପ ଦୂରରେ ଥିବାରୁ ମାମା ହିଁ ତାକୁ ଛାଡ଼ିବାକୁ ଯାଆନ୍ତି । କିନ୍ତୁ ସେଦିନ ସେ ତାକୁ ସ୍କୁଲରେ ଛାଡ଼ିବା ପାଇଁ ଅନାଗ୍ରହ ପ୍ରକାଶ କଲେ । ତେଣୁ ବାବାହିଁ ତାକୁ ସ୍କୁଲରେ ଛାଡ଼ିବାକୁ ବାହାରିଲେ ।

ସ୍କୁଲ ଫାଟକ ପାଖରେ ଗାଡ଼ିରୁ ଓହ୍ଲାଇ ସରିତା ବାବାଙ୍କୁ ହାତ ହଲାଇ 'ବାଏ' କହିଲା । ବାବା ବି ହାତ ହଲାଇ ବିଦାୟ ଜଣାଉଛନ୍ତି ହଠାତ୍ ଏକ ବାଳକର କଣ୍ଠସ୍ୱର ଶୁଣିବାକୁ ପାଇଲେ, ''ସରିତା ! ଅପେକ୍ଷା କର ମୁଁ ଆସୁଛି ।'' ସରିତା ଅଟକି ଗଲା । ବାବା ଦେଖିଲେ ଠିକ୍ ତାଙ୍କ ଗାଡ଼ି ପାଖରେ କାର୍‌ଟିଏ ଅଟକିଛି ଏବଂ କାର୍‌ରୁ ଓହ୍ଲାଇଛି କି ନାଇଁ ପିଲାଟି ସରିତାର ନାଁ ଧରି ଚିତ୍କାର ଛାଡୁଛି । ପୁଅଟି ତାଙ୍କ ଝିଅ ସରିତା ବୟସର ହେବ । ହୁଏତ ସେମାନେ ସହପାଠୀ ହୋଇଥିବେ । ସେ ଆଉ ଗୋଟେ କଥା ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ, ତାଙ୍କ ଝିଅ ସରିତା ଭଳି ଏଇ ପିଲାଟି ମଧ୍ୟ ଲଣ୍ଡିତ ମସ୍ତକ ହୋଇ ଆସିଛି । ଶ୍ରୀମତୀ ଠିକ୍ କହୁଥିଲେ, ଏହା ହୁଏତ ଟି.ଭି.ର ପ୍ରଭାବ । ଟି.ଭି.ରୁ ଦେଖି ସେମାନେ ଦୁହେଁ ହୁଏତ ଗୋଟିଏ ଦିନରେ ଲଣ୍ଡା ହୋଇ ଆସିଛନ୍ତି ।

ଇତି ମଧ୍ୟରେ କାର୍‌ରୁ ଜଣେ ସମ୍ଭ୍ରାନ୍ତ ଭଦ୍ର ମହିଳା ଓହ୍ଲାଇ ତାଙ୍କୁ ପଚାରିଲେ, ''ଆଜ୍ଞା, ସେ ଆପଣଙ୍କର ଝିଅ ସରିତା ନା ?'' ''ହଁ ! କିନ୍ତୁ ଆପଣ ତା'ର ନାଁ କିପରି ଜାଣିଲେ ?'' – ''ମୋ ପୁଅ ମୁହଁରୁ ଶୁଣିଥିଲି । ଅସଲରେ ସରିତା ସହିତ ଯେଉଁ ପିଲାଟି ଶ୍ରେଣୀକକ୍ଷ ଆଡ଼କୁ ଯାଉଛି ସେ ହେଉଛି ମୋର ପୁଅ ମୟଙ୍କ । ସେ କ୍ୟାନ୍‌ସର୍‌ରେ ପୀଡ଼ିତ । କେମୋଥେରାପି ଯୋଗୁଁ ତା' ମୁଣ୍ଡର ସବୁ ବାଳ ଝଡ଼ି ଯାଇଛି । ତାକୁ ତା'ର ସାଙ୍ଗ ପିଲାମାନେ ଚିଡ଼ାଉ ଥିଲେ । ତେଣୁ ସେ ସ୍କୁଲ ଆସିବାକୁ କୁଣ୍ଠିତ ହେଉଥିଲା । କିନ୍ତୁ ତିନି ଚାରିଦିନ ପୂର୍ବେ ସରିତା କୁଆଡ଼େ ତାକୁ ଆଶ୍ୱାସନା ଦେଇଥିଲା ଯେ ସୋମବାର ଠାରୁ ତାକୁ ଆଉ କେହି ଚିଡ଼ାଇବେ ନାହିଁ । ସେଥିପାଇଁ ସେ ଆଜି ଖୁସିରେ ସ୍କୁଲ ଆସିଛି ।''

କଥାବାର୍ତ୍ତା ମଝିରେ ସେମାନେ ଦେଖିଲେ, ସରିତା ଓ

ମୟଙ୍କ ବୟସର ଆହୁରି ଚାରି, ପାଞ୍ଚ ଜଣ ପିଲା ଲଣ୍ଡିତ ମସ୍ତକ ହୋଇ ଆସୁଛନ୍ତି । ଭଦ୍ର ମହିଳା କୌତୂହଳ ହୋଇ ଜଣେ ପିଲାକୁ ପଚାରିଲେ – ''ପୁଅ, ତୁମେ କାହିଁକି ଲଣ୍ଡା ହୋଇଛ ?''

''ଆମର ସାଙ୍ଗ ମୟଙ୍କ ପାଇଁ । ତା' ମୁଣ୍ଡର ସବୁ ବାଳ ଝଡ଼ି ଯାଇଛି ତ !'' ପିଲାଟି ନମ୍ରତାର ସହ ଉତ୍ତର ଦେଲା ।

''ଆଚ୍ଛା ତୁମକୁ ଏ ବୁଦ୍ଧି କିଏ ଦେଲା ?''

''ସରିତା – ଆମର ଆଉ ଜଣେ ସାଙ୍ଗ'' କହି ସେ ଦୌଡ଼ି ପଳାଇଲା । ''ଦେଖିଲେ ତ ଆଜ୍ଞା, ଆପଣଙ୍କର ଝିଅର କରାମତି । ଦୁରାରୋଗ୍ୟ କ୍ୟାନ୍‌ସର୍‌ରେ ପୀଡ଼ିତ ହୋଇ ମୁଣ୍ଡର ସବୁବାଳ ହରାଇଥିବା ସାଙ୍ଗଟିଏ ଅନ୍ୟମାନଙ୍କ ଆଗରେ ଉପହସିତ ନ ହେଉ ବୋଲି ସେ ନିଜେ ଲଣ୍ଡା ହେବା ସହ ଆଉ ପାଞ୍ଚଜଣ ପିଲାଙ୍କୁ ଲଣ୍ଡା ହେବା ପାଇଁ ପ୍ରବର୍ତ୍ତାଇଛି । ସରିତା ଭଳି ଝିଅକୁ ନେଇ ତ ଯେକୌଣସି ମାତାପିତା ଗର୍ବ ଅନୁଭବ କରିବା ଉଚିତ ।''

ସେ ଦିନ ଘରକୁ ଫେରିବା ବେଳେ ସରିତାକୁ ନେଇ ସତକୁ ସତ ଗର୍ବ ଅନୁଭବ କରୁଥିଲେ ତା'ର ବାବା ।

(ଉତ୍ସ : ସୁହୃତ୍, ମେ, ୨୦୨୩)

ଉପସ୍ଥାପନା : କାହ୍ନୁଚରଣ ମହାକୁର ❑

**ବଡ଼ମାନେ ବୁଝିବେ କି ସାନମାନଙ୍କ ମନର କଥା !**
**(ଏକ ଅନ୍ତରଙ୍ଗ ଅନୁଭବ)**

**ଆଉ ଏକ ଦୃଷ୍ଟାନ୍ତ –**

ପୁଅ କୁନ୍‌ମୁନ୍ ଦିନେ ଅଙ୍ଗନବାଡ଼ିରୁ ଘରକୁ ଫେରିବାରେ ଅହେତୁକ ବିଳମ୍ବ କଲା ।
ବାବା – ଏତେବେଳ ଯାଏ କ'ଣ କରୁଥିଲୁ ?
କୁନ୍‌ମୁନ୍ – ଜାଣିଛ ବାବା ! ମୋର ସାଙ୍ଗ ସାହିଲ ଆଜି ଗୋଟେ ବଡ଼ ବେଲୁନ ନେଇ କରି ଆସିଥିଲା । ସେଇଟିକୁ ଆମେ ଖେଳୁଥିଲୁ ।
ବାବା – ଆଚ୍ଛା !
କୁନ୍‌ମୁନ୍ – ଖେଳୁ ଖେଳୁ ବେଲୁନଟି ଫାଟିଗଲା ।
ବାବା – ଓଃ... ସେଇଠୁ ?
କୁନ୍‌ମୁନ୍ – ସାହିଲ ବହୁତ କାନ୍ଦିଲା ।
ବାବା – ତୁ' କ'ଣ କରୁଥିଲୁ ?
କୁନ୍‌ମୁନ୍ – ତାକୁ ସାହାଯ୍ୟ କରୁଥିଲି ।
ବାବା – କିପରି ?
ସେ – ତା'ର କାନ୍ଦିବା ଦେଖି ମୁଁ ବି କାନ୍ଦିଲି ।
କିଛି ସମୟ ପରେ ସେ ଚୁପ୍ ହେଲା । ମୁଁ ବି ଚୁପ୍ ହେଲି ।
ବାବା – ତା' ପରେ ?
କୁନ୍‌ମୁନ୍ – ସେ ତାଙ୍କ ଘରକୁ ଗଲା । ମୁଁ ଆମ ଘରକୁ ଆସିଲି । ସେଇଥି ପାଇଁ ଟିକେ ଡେରି ହୋଇଗଲା ବାବା !

ତା'ପରେ କୁନ୍‌ମୁନ୍ ବାବାଙ୍କ ଉପରେ ଚଢ଼ି ତାଙ୍କୁ ବହେ ଗେଲ କରି ପକାଇଲା ।

(ସଂଗ୍ରହ : ସୁହୃତ୍, ମେ, ୨୦୨୩)

❑❑❑

# ଦୁଇଟି ଓକ୍ ବୃକ୍ଷର ଇତିବୃତ୍ତ

## ପଞ୍ଚାନନ ମହାନ୍ତି

ଅନୁଚ୍ଚ ପର୍ବତ ପାର୍ଶ୍ୱର ଚାରଣ ଭୂମି । ପାହାଡ଼ର ଚାରି ଦିଗକୁ ସବୁଜ ଦୁର୍ବାଦଳ ଏକ ସବୁଜ ଅଙ୍ଗବସ୍ତ୍ର ଭାବେ ଘେରି ରହିଛି । ଅଦୂରରେ କେତୋଟି ମେଷ ଯୂଥ ମେଷପାଳକମାନଙ୍କୁ ଦାୟିତ୍ୱମୁକ୍ତ କରି ନିଜର ଚାରଣ କାର୍ଯ୍ୟରେ ବ୍ୟସ୍ତ । ପାହାଡ଼ର ଗୋଟିଏ ପାର୍ଶ୍ୱରେ ଏକ ମନ୍ଦିରକୁ ଲାଗି ବାସଗୃହ । ସମ୍ଭବତଃ ତାହା ପୂଜକର ନିବାସ । ଅଳ୍ପଦୂରକୁ ପାଖାପାଖି ଦୁଇଟି ଓକ୍ ବୃକ୍ଷ । ପଥିକମାନଙ୍କର ବିଶ୍ରାମ ପାଇଁ କେହି ବଦାନ୍ୟ ବ୍ୟକ୍ତି ବୃକ୍ଷ ଦୁଇଟିର ମୂଳରେ ଏକ ପ୍ରସ୍ତର ବେଦିକା ଗଢ଼ି ଦେଇଛନ୍ତି । ପର୍ବତ ଶିଖରରୁ ନିମ୍ନରେ ଏକ ବିସ୍ତୀର୍ଣ୍ଣ ଜଳାଶୟ ଓ କେତେଗୁଡ଼ିଏ ଜନପଦ ଦୃଷ୍ଟିଗୋଚର ହୁଏ । କ୍ଲାନ୍ତ ପଥିକମାନେ ବିଶ୍ରାମ ପାଇଁ ବୃକ୍ଷ ଦୁଇଟିର ମୂଳରେ ଥିବା ବେଦିକାରେ ଆଶ୍ରୟ ନେଲା ବେଳେ ମେଷ ପାଳକମାନେ ସେମାନଙ୍କୁ ସେହି ମନ୍ଦିର ଓ ବୃକ୍ଷ ଦୁଇଟି ବିଷୟର କିଂବଦନ୍ତିମୂଳକ ଗଳ୍ପ ଶୁଣାନ୍ତି । ବିଶ୍ରାମର ସଦୁପଯୋଗ ମଧ୍ୟ ହୁଏ ।

ଗଳ୍ପଟି ଏହିପରି –

ବହୁଯୁଗ ପୂର୍ବେ ଏ ଜଗତରେ ମାତ୍ର ତିନୋଟି ଭୁବନ ଥିଲା – ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । ସ୍ୱର୍ଗରେ ଦେବତାମାନେ ବାସ କରୁଥିଲେ । ତାହା ଥିଲା ଉର୍ଦ୍ଧ୍ୱଭୂମି । ମର୍ତ୍ତ୍ୟରେ ମନୁଷ୍ୟ ଓ ପଶୁପକ୍ଷୀ ବାସ କରୁଥିଲେ ଓ ମୃତ୍ୟୁ ପରେ ମନୁଷ୍ୟମାନଙ୍କର ପ୍ରେତାତ୍ମା ପାତାଳ ପୁରକୁ ଯାଉଥିଲେ । ଭୁବନ ଭୁବନ ମଧ୍ୟରେ ଗମନାଗମନ ନିଷିଦ୍ଧ ଥିଲା । ମନୁଷ୍ୟମାନଙ୍କର ଜୀବନ ଧାରଣର ସହଯୋଗୀ ଜଳ, ବାୟୁ, ଅଗ୍ନି ଇତ୍ୟାଦିର ଦେବତା ସ୍ୱର୍ଗରେ ବାସ କରୁଥିବାରୁ ମନୁଷ୍ୟମାନେ ମର୍ତ୍ତ୍ୟରୁ ଥାଇ ସେମାନଙ୍କୁ ପୂଜା କରୁଥିଲେ ଓ ଦେବତାମାନଙ୍କୁ ଭୟ କରୁଥିଲେ । ତେଣୁ ସ୍ୱର୍ଗର ଦେବତାମାନେ ଚାହିଁଲେ ଅନ୍ୟ ନିମ୍ନସ୍ଥ ଭୁବନକୁ ଆସି ପାରୁଥିଲେ । ସେମାନେ ଅସୀମ ଶକ୍ତିର ଅଧିକାରୀ ଥିଲେ । ଚାହିଁଲେ ମର୍ତ୍ତ୍ୟରେ ପ୍ରଳୟ ସୃଷ୍ଟି କରି ପାରୁଥିଲେ ।

କେବେ ଥରେ ସ୍ୱର୍ଗର ଦେବତା ବୃହସ୍ପତି ଓ ତାଙ୍କ ପୁତ୍ର ବୁଧ ପୃଥିବୀ ଭ୍ରମଣରେ ଆସିଥିଲେ । ସେମାନେ ପୃଥିବୀ-ପୃଷ୍ଠର ସାଧାରଣ ପଥିକର ପୋଷାକ ପରିଧାନ କରିଥିଲେ । ସମସ୍ତଙ୍କ ଅଜାଣତରେ ସାଧାରଣ ବାଟୋଇ ଭାବେ ବିଚରଣ କରୁଥିଲେ ଓ ସମସ୍ତଙ୍କର ଅବସ୍ଥା ଅନୁଧ୍ୟାନ କରୁଥିଲେ । ଏହିଭାବେ ବୁଲୁ ବୁଲୁ ସେମାନେ ଫିରଜିଆ ନାମକ ଏକ ରାଜ୍ୟରେ ପହଞ୍ଚି ଯାଇଥିଲେ । ସନ୍ଧ୍ୟାର ଆଗମ ହୋଇଥିଲା । ତେଣୁ ସେମାନେ ନିକଟସ୍ଥ ଗୋଟିଏ ଛୋଟ ଗ୍ରାମ ମଧ୍ୟରେ ପ୍ରବେଶ କଲେ । ଦୁହେଁ କ୍ଳାନ୍ତ ଓ କ୍ଷୁଧାର୍ତ୍ତ ଥିଲେ । କୁଟୀରମାନଙ୍କରେ ଆଲୋକ ଦେଖି ନିକଟସ୍ଥ କେତୋଟି ଗୃହ ଆଡ଼କୁ ଆଗେଇଲେ । ହଠାତ୍ ବାହାରେ ଖେଳୁଥିବା ବାଳକମାନେ ତାଙ୍କ ଆଡ଼କୁ ଟେକା ପଥର ବୃଷ୍ଟିକଲେ । ବୁଲା କୁକୁରମାନେ ଆକ୍ରମଣ କଲା ପରି ଭୋ ଭୋ ରଡ଼ି କରି ତାଙ୍କ ଆଡ଼କୁ ମାଡ଼ି ଆସିଲେ । ସେମାନେ କୌଣସି ଗୋଟିଏ ଦ୍ୱାରରେ ଆଘାତ କରିବାରୁ ଦ୍ୱାର ଉନ୍ମୁକ୍ତ କରି ଜଣେ ମହିଳା ବାହାରି ଆସିଲେ ଓ ଆଗମନର କାରଣ ଜାଣିବାକୁ ଚାହିଁଲେ । ସେମାନେ ଖାଦ୍ୟ ଓ ଆଶ୍ରୟ ଚାହୁଁଛନ୍ତି ଶୁଣି ସେ ନାସ୍ତିବାଣୀ ଶୁଣାଇ ଦ୍ୱାର ବନ୍ଦ କରିଦେଲେ । ଏହିପରି ଦ୍ୱାର ପରେ ଦ୍ୱାର ଘୂରି ଘୂରି ସେମାନେ ନିରାଶ ହେଲେ । ଖାଦ୍ୟ ଓ ଆଶ୍ରୟ ତ ଦୂରର କଥା ଟୋପାଏ ଜଳ ଦେବାକୁ ମଧ୍ୟ ସମସ୍ତେ ଅସମ୍ମତ ହେଲେ । ଦେବତାଦ୍ୱୟ ଖୁବ୍ କ୍ଷୁବ୍ଧ ହୋଇ ଉଠିଥିଲେ । ଶେଷରେ ସେମାନେ ପାହାଡ଼ ପାଖର ଏକ କ୍ଷୁଦ୍ର କୁଟୀରର ନିକଟସ୍ଥ ହେଲେ । ସେଥିରେ ମାତ୍ର ଗୋଟିଏ ବଖରା ଘର ଥିଲା । କୁଟୀରଟିର ପରିବେଶ ଓ ଉଦ୍ୟାନ ବେଶ୍ ରମଣୀୟ ଥିଲା । ଦ୍ୱାର ଦେଶରେ କରାଘାତ କଲାରୁ ଜଣେ ବୟସ୍କା ମହିଳା ଉପଗତ ହେଲେ । ତାଙ୍କର ନାମ ଥିଲା ବଉସିଆ । ସେ ଓ ତାଙ୍କର ସ୍ୱାମୀ ଫିଲେମନ୍ ବିବାହ ପରଠାରୁ ସେଠାରେ ବାସ କରିଆସୁଛନ୍ତି ଓ ସୁଖ ଶାନ୍ତିରେ ରହୁଛନ୍ତି । ସେମାନେ ଦୟାଳୁ ଓ ପରୋପକାରୀ ଥିଲେ । ପଥିକମାନଙ୍କର ଅବସ୍ଥା ଶୁଣି ସେମାନେ ତାଙ୍କୁ ଅଭ୍ୟର୍ଥନା ଜଣାଇ ଗୃହ ମଧ୍ୟକୁ ନେଲେ ଓ ବସାଇଲେ । କେଟ୍‌ଲିରେ ଜଳ ଗରମ କରି ହାତ ଓ ପାଦ ଧୋଇବାକୁ ଅନୁରୋଧ କଲେ । କିଛି ବନ୍ୟ ଚେର ମୂଳକୁ ସିଝାଇ ସେ ଜଳକୁ ପାନ କରିବାକୁ ଦେଲେ । ସେମାନେ ବିଶ୍ରାମ ନେଲେ । ଇତି ମଧ୍ୟରେ ଅତିଥିସତ୍କାର ଲାଗି ଦମ୍ପତି ଦ୍ୱୟ କିଛି ଖାଦ୍ୟର ବ୍ୟବସ୍ଥା କଲେ । ଯାହା ଥିଲା ତାହାକୁ ଏକ ଅର୍ଦ୍ଧଭଗ୍ନ

ଟେବୁଲରେ ଖଣ୍ଡେ ଚାଦର ଉପରେ ରଖିଲେ । ଘରେ ଯାହାଥିଲା, ବାଡ଼ିରୁ ଯାହା ମିଳିଲା ତାହାକୁ ସଜାଇ ରଖିଲେ ଓ ଅତିଥିମାନଙ୍କୁ ଆମନ୍ତ୍ରଣ କଲେ । ସେମାନେ ଖାଦ୍ୟ ଖାଇ ତୃପ୍ତ ହେଲେ । ଶେଷରେ ବଉସିଆ କେତୋଟି ଆପଲ ଓ କିଛି ବଣୁଆ ମଧୁ ଦେଲେ । ପାନୀୟ ପାଇଁ ଘରେ ଥିବା କିଛି ମଦ୍ୟକୁ ଏକ ସୁରାପାତ୍ରରେ ପରିବେଷଣ କଲେ । ଆଶ୍ଚର୍ଯ୍ୟର କଥା ଅତିଥିମାନେ ଯେତେ ପାନ କଲେ ମଧ୍ୟ ପାତ୍ରରୁ ମଦ୍ୟ ସରୁ ନ ଥିଲା । ଏହା ଦେଖି ବଉସିଆ ଓ ଫିଲେମନ୍ ଭୟଭୀତ ହେଲେ ଓ ସେମାନେ ଯେ ସାଧାରଣ ମାନବ ନୁହନ୍ତି ତାହା ବୁଝି ପାରିଲେ । ସେମାନଙ୍କ ଶରୀର ନିର୍ଗତ ଜ୍ୟୋତିଃରୁ ସେମାନେ ଯେ ବୃହସ୍ପତି ଓ ବୁଧ ବୋଲି ଦୁହେଁ ଜାଣିଗଲେ । ସେମାନେ ଯେପରି ଅତିଥିସତ୍କାର କରିଛନ୍ତି ତାହା ଦେବତାମାନଙ୍କୁ ଅର୍ପଣ କରିବା ଯୋଗ୍ୟ ନୁହେଁ ।

ଦେବତାମାନଙ୍କର ଯଥାବିଧି ସତ୍କାର କରିପାରି ନ ଥିବାରୁ ଫିଲେମନ୍ ଓ ବଉସିଆ କ୍ଷମା ପ୍ରାର୍ଥନା କରି କହିଲେ, ''ଆମଠାରେ ଯାହା ଥିଲା ତାହା ଆମେ ଅର୍ପଣ କରିଛୁ କିନ୍ତୁ ଆମେ ଜାଣିଛୁ ତାହା କିଛି ନୁହେଁ । ତେଣୁ ଆମକୁ କ୍ଷମା କରନ୍ତୁ ।'' ଅତିଥିମାନେ ବିଶ୍ରାମ ନେବାକୁ ଯିବାରୁ ବଉସିଆଙ୍କର ତାଙ୍କ ଘରେ ଥିବା ହଂସଟି କଥା ମନେ ପଡ଼ିଲା । ସେମାନେ ଭାବିଲେ ହଂସଟିକୁ ମାରି ତା'ର ମାଂସରେ ଅତିଥିଚର୍ଚ୍ଚା କରିବେ । ଏହା ଭାବି ହଂସଟିକୁ ଧରିବାକୁ ଗଲାରୁ ସେଇଟି ଉଡ଼ି ବୁଲିଲା ଓ କୌଣସି ମତେ ଧରା ଦେଲା ନାହିଁ । ଶେଷରେ କ୍ଲାନ୍ତ ହୋଇ ହଂସଟି ଅତିଥିଦ୍ୱୟଙ୍କ ପାଦ ମଧ୍ୟରେ ଆଶ୍ରୟ ନେଲା । ସେମାନେ ବଉସିଆଙ୍କର ଅଭିପ୍ରାୟ ଜାଣିପାରି ତାଙ୍କୁ ସେପରି ନ କରିବାକୁ କହିଲେ । ସେ କହିଲେ, ''ଆମେ ତୁମର ବ୍ୟବହାରରେ ସନ୍ତୁଷ୍ଟ । ତୁମେ ଯାହା ସନ୍ଦେହ କରିଛ ତାହା ସତ୍ୟ । ଆମେ ଦୁହେଁ ବୃହସ୍ପତି ଓ ବୁଧ ଦେବତା । ତୁମର ଏହି କାର୍ଯ୍ୟ ପାଇଁ ଆମେ ତୁମ ଦୁହିଙ୍କୁ କିଛି ବର ଦେବାକୁ ଚାହୁଁ । ଅବଶ୍ୟ ଆମେ ନିମ୍ନ ଭୂମିର ଗ୍ରାମବାସୀଙ୍କ ପାଇଁ କିଛି ଦଣ୍ଡ ବିଧାନ କରିବୁ ।''

ବଉସିଆ ଓ ଫିଲେମନ୍ କିଛି କ୍ଷଣ ପାଇଁ ନିଜ ମଧ୍ୟରେ ପରାମର୍ଶ କଲେ ଓ ଶେଷରେ ଫିଲେମନ୍ କହିଲେ, ''ଏପରି କରନ୍ତୁ ଯେପରି ଆମେ ଦୁହେଁ ବଞ୍ଚିଥିବା ପର୍ଯ୍ୟନ୍ତ ଦେବତାଙ୍କ ପୂଜା କରୁ ଓ ଗୋଟିଏ ଦିନ ଓ ଗୋଟିଏ ମୁହୂର୍ତ୍ତରେ ଆମେ ଦୁହେଁ ମୃତ୍ୟୁ ବରଣ କରୁ ଯାହା ଫଳରେ କେହି କାହା ପାଇଁ ଶୋକ କରିବାର ଅବକାଶ ରହିବ ନାହିଁ ।'' ବୃହସ୍ପତି ଭାବିଥିଲେ ସେମାନେ ଆହୁରି କିଛି ମୂଲ୍ୟବାନ୍ ଦ୍ରବ୍ୟ ଓ ପ୍ରାସାଦ ଇତ୍ୟାଦି ଚାହିଁବେ କିନ୍ତୁ ସେମାନେ ଏହିପରି ଅତି ସାଧାରଣ କିନ୍ତୁ ଆନ୍ତରିକ ବର ଚାହିଁଲେ । ଦେବତାଦ୍ୱୟ ଏଥିରେ ଆହୁରି ଆହ୍ଲାଦିତ ହେଲେ ଓ ବୃହସ୍ପତି କହିଲେ, ''ତୁମର ଏହି ପ୍ରାର୍ଥନା ନିଶ୍ଚୟ ପୂରଣ ହେବ । ଏବେ ଆମ ସହିତ ପାହାଡ଼ ଉପରକୁ ଆସ ।''

ଏଥର ସମସ୍ତେ ଉପରକୁ ଗଲେ ଓ ସେଠାରୁ ଦେଖିଲେ ନିମ୍ନସ୍ଥ ଗ୍ରାମ କେତୋଟି ଜଳସ୍ରୋତରେ ପ୍ଲାବିତ ହୋଇଛି ଓ ସମୁଦାୟ ଅଞ୍ଚଳ ଏକ ବିସ୍ତୀର୍ଣ୍ଣ ଜଳଭଣ୍ଡାରରେ ପରିଣତ ହୋଇଛି । ପର୍ବତ ପାର୍ଶ୍ୱସ୍ଥ ଫିଲେମନ୍ ଦମ୍ପତିଙ୍କର କୁଟୀରଟିର ସ୍ଥାନରେ ଏକ ସୁନ୍ଦର ମନ୍ଦିର ନିର୍ମିତ ହୋଇଯାଇଛି । ଫିଲେମନ୍ ଆଶ୍ଚର୍ଯ୍ୟ ହୋଇ ସବୁକିଛି ପତ୍ନୀଙ୍କୁ ଦେଖାଇଲେ ଓ ସେମାନଙ୍କର ଖୁସିର ସୀମା ରହିଲା ନାହିଁ । ଫିଲେମନ୍ ଦମ୍ପତି ସେ ମନ୍ଦିରର ପୂଜକ ହୋଇ ରହିବେ ଓ ସମସ୍ତଙ୍କୁ ଏହି କିଂବଦନ୍ତୀ ବିଷୟରେ ସୂଚନା ଦେବେ ବୋଲି କହି ଦେବତାଦ୍ୱୟ ଅନ୍ତର୍ଦ୍ଧାନ ହୋଇଗଲେ ।

ଏବେ ଫିଲେମନ୍ ଦମ୍ପତି ନିମ୍ନଭାଗକୁ ଯାଇ ମନ୍ଦିରରେ ପୂଜାକାର୍ଯ୍ୟ ଆରମ୍ଭ କଲେ । ସେମାନେ ବହୁ ବର୍ଷ ଧରି ଶେଷ ଜୀବନ ପର୍ଯ୍ୟନ୍ତ ସେ କାର୍ଯ୍ୟ କରି ସେଠାରେ ପୂର୍ବ ପରି ବାସ କରିଥିଲେ । ଯେଉଁ ପଥିକମାନେ ସେଠାକୁ ଆସୁଥିଲେ ସେମାନଙ୍କୁ ସେହି ଅଦ୍ଭୁତ ଘଟଣା ବିଷୟରେ କହୁଥିଲେ ।

ଦିନେ ହଠାତ୍ ଫିଲେମନ୍ ଓ ବଉସିଆ ଦୁଇଟି ଓକ୍ ବୃକ୍ଷରେ ପରିଣତ ହେଲେ । ବୃକ୍ଷ ଦୁଇଟି ଲଗାଲଗି ହୋଇ ମନ୍ଦିରର ଅନତି ଦୂରରେ ରହିଲେ । ସେହିଦିନଠାରୁ ଫିଲେମନ୍ ଓ ବଉସିଆଙ୍କୁ କେହି ଦେଖି ନାହିଁ । ଏବେ ସେହି ପୁରାତନ ଗଳ୍ପ ଲୋକମୁଖରେ ପ୍ରଚାରିତ ହୋଇ ଚାଲିଛି । ମେଷ-ପାଳକମାନେ ଆଗନ୍ତୁକ ପଥିକମାନଙ୍କୁ ଏହି ଗଳ୍ପଟିକୁ ନାନା ଭାବରେ ନିଜସ୍ୱ ଧାରାରେ କହୁଥିଲେ । ସେହି ମନ୍ଦିର ଓ ଓକ୍‌ବୃକ୍ଷ ଦୁଇଟିକୁ ଦେଖି ଓ ସେସବୁର ଅଦ୍ଭୁତ ଇତିହାସ ଶୁଣି ପଥିକମାନେ ଆଶ୍ଚର୍ଯ୍ୟ ହୋଇ ଉଠୁଥିଲେ ।

ଉପରୋକ୍ତ ଗଳ୍ପରୁ ଆମେ ଦେଖିଲୁ କିପରି ଧର୍ମ ଓ ନୈତିକତାର ନିୟମ ପାଳନ କଲେ ପୁରସ୍କାର ମିଳେ ଓ ତା'ର ଖିଲାପ କଲେ ଦେବଶକ୍ତି ଦଣ୍ଡ ବିଧାନ କରନ୍ତି । ଏହିପରି ଗଳ୍ପ ଜରିଆରେ ବ୍ୟକ୍ତି-ପ୍ରାଣରେ ଏକ ପ୍ରକାର ଧାର୍ମିକ ଭୟର ସୃଷ୍ଟି

ହୁଏ ଓ ସେ ନୈତିକ ନିୟମକୁ କଠୋର ଭାବେ ପାଳନ କରେ । ଅବଶ୍ୟ ଏହା ଯୋଗେ କିଛି ସାମାଜିକ ମଙ୍ଗଳ ସାଧିତ ହୁଏ । ଦେଶରେ ଶୃଙ୍ଖଳା ଓ ସମତା ପ୍ରତିଷ୍ଠା ହେବାରେ ସହାୟକ ହୁଏ । ତାହାଠାରୁ ଅଧିକ କିଛି ହୁଏ ନାହିଁ ।

ସମାଜରେ ତିନି ପ୍ରକାର ଲୋକ ବାସ କରନ୍ତି । କେତେକ ସାଧାରଣ ଯାନ୍ତ୍ରିକ ମନୁଷ୍ୟ । ସେମାନେ ଜନ୍ମ ହେବା, ବଢ଼ିବା, ସଂସାର କରିବା, ଦୁଃଖ ଓ ସୁଖ ମଧ୍ୟରେ ଚଳିବା ଓ ଯଥାସମୟରେ ମୃତ୍ୟୁ ବରଣ କରିବା ଛଡ଼ା ଅନ୍ୟ କିଛି ଉଚ୍ଚଚିନ୍ତା କରନ୍ତି ନାହିଁ । ସେମାନଙ୍କ ପାଇଁ କିଛି ସମସ୍ୟା ନାହିଁ — ଏହା ଏକ ପ୍ରକାର ମନୁଷ୍ୟ ରୂପରେ ପଶୁ-ଜୀବନ ଯାପନ । ଅନ୍ୟ କେତେକ ମନୁଷ୍ୟ ଅଛନ୍ତି ଯେଉଁମାନେ ଭଗବାନ୍ ବା ସୃଷ୍ଟିକର୍ତ୍ତାଙ୍କ ବିଷୟରେ ସଚେତନ । ସେମାନଙ୍କର ଧର୍ମଭୟ ଥାଏ । ଏହି ସାମାନ୍ୟ ସଚେତନତା ଫଳରେ ସେମାନେ କୌଣସି ଧର୍ମମତର ଆଶ୍ରୟ ନେଇ ସେଥିରେ ପ୍ରଦର୍ଶିତ ନୀତି ନିୟମର ପାଳନ କରନ୍ତି । ସେସବୁକୁ ଏକ ପ୍ରକାର ନୈତିକତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂଜା ପଦ୍ଧତି ଓ ଅନ୍ୟାନ୍ୟ ସାମାଜିକ ନିୟମ ଏହାରି ଅନ୍ତର୍ଗତ ଅଟେ । ଆଉ ଖୁବ୍ ଅଳ୍ପ କେତେକ ଲୋକ ଏସବୁରେ ସନ୍ତୁଷ୍ଟ ନ ହୋଇ ଆହୁରି ଏକ ଉଚ୍ଚତର ଜୀବନ ଯାପନ କରିବାର ପ୍ରେରଣା ପାଇଥା'ନ୍ତି । ସେମାନେ ମନ ଓ ପ୍ରାଣର କ୍ରିୟାରେ ସନ୍ତୁଷ୍ଟ ନ ରହି ଆତ୍ମାର ପ୍ରେରଣା ଲାଭ କରିବାକୁ ଚେଷ୍ଟା କରିଥା'ନ୍ତି । ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପରେ କଳିଯୁଗ ଶେଷପ୍ରାୟ । ଏବେ ଏକ ସନ୍ଧିକ୍ଷଣ ଉପସ୍ଥିତ । ଧର୍ମ ଓ ନୈତିକତା ଯୁଗର ଅବସାନ ଘଟିଛି । ବିବର୍ତ୍ତନର ଧାରାରେ ନୂତନ ଯୁଗ ପ୍ରବେଶ କରିବାକୁ ଚାହୁଁଛି । କିନ୍ତୁ ନୈତିକତା ଓ ଧାର୍ମିକତା ସେଥିରେ ବାଧା ସୃଷ୍ଟି କରୁଛି । ଏ ବାଧା ନୂତନ ଯୁଗର ପ୍ରବାହରେ ଭୁଶୁଡ଼ି ପଡ଼ିବ । ଏହାର ବିକଳ୍ପର ସୂଚନା ଶ୍ରୀଅରବିନ୍ଦ ଦେଇଛନ୍ତି । "The Synthesis of Yoga" ଗ୍ରନ୍ଥରେ ସେ ଯାହା କହିଛନ୍ତି ତାହା ପ୍ରଣିଧାନ-ଯୋଗ୍ୟ :

"It is indeed by the religio-ethical sense that the law of universal goodwill or universal compassion or of love and service to the neighbour, the Vedantic, the Buddhistic, the Christian ideal, was created; ... ... But none of these things satisfy the demand of the soul that is placed before us by the integral Yoga."

(The Synthesis of Yoga, p. 152)

ଏହାର ଓଡ଼ିଆ ଅନୁବାଦ :

''ଠିକ୍ ଏହିପରି ଏକ ଧର୍ମଗତ-ନୈତିକବୋଧ ଦ୍ୱାରାହିଁ ବିଶ୍ୱହିତୈଚ୍ଛା, ବିଶ୍ୱକରୁଣା ବା ଆପଣାର ପ୍ରତିବେଶୀକୁ ଶ୍ରଦ୍ଧା କରିବା ଏବଂ ତାହାର ସେବା କରିବା ମଧ୍ୟରୁ ବୈଦାନ୍ତିକ, ବୌଦ୍ଧ ଏବଂ ଖ୍ରୀଷ୍ଟୀୟ ଆଦର୍ଶଗୁଡ଼ିକର ସୃଷ୍ଟି ହୋଇଥିଲା; ... ... ମାତ୍ର ପୂର୍ଣ୍ଣଯୋଗ ଆମ ଆଗରେ ଆତ୍ମାର ଯେଉଁ ଦାବିଟିକୁ ଆଣି ଉପସ୍ଥାପିତ କରିଛି, ଏଗୁଡ଼ିକ ମଧ୍ୟରୁ କୌଣସିଟି ସେହି ଦାବିଟିକୁ ଆଦୌ ପୂରଣ କରିପାରୁ ନାହିଁ ।''

[ଶ୍ରୀଅରବିନ୍ଦ ସାହିତ୍ୟ ସଂଗ୍ରହ, ୭ମ ଖଣ୍ଡ, ପୃ. ୨୪୬]

ଯେଉଁ ମୁଷ୍ଟିମେୟ ଲୋକେ ଯଥାର୍ଥରେ ଆଧ୍ୟାତ୍ମିକ ଜୀବନ ଯାପନ କରିବା ପାଇଁ ପ୍ରୟାସ କରିଥା'ନ୍ତି ସେମାନଙ୍କ ପାଇଁ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପୂର୍ଣ୍ଣଯୋଗ ବା ଅତିମାନସ ଯୋଗ ଉତ୍କୃଷ୍ଟ ପନ୍ଥା । ❑

I give you the blessings given to all my children wherever they are in the world and tell you, "Prepare yourself, my help will always be with you."

– The Mother

ମୋର ସକଳ ସନ୍ତାନମାନଙ୍କୁ, ସେମାନେ ପୃଥିବୀର ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୋତେ ପ୍ରଦାନ କରୁଛି ଏବଂ ତୋତେ କହୁଛି, ''ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୋ ସହ ସବୁବେଳେ ରହିବ ।''

— ଶ୍ରୀମା

# କରୁଣାର ଯାଦୁ

କିଛି ବର୍ଷ ତଳେ ପ୍ରସିଦ୍ଧ ରିଡ଼ର୍ସ୍ ଡାଇଜେଷ୍ଟ୍ ପତ୍ରିକାରେ ଜଣେ ଡାକ୍ତରଙ୍କ କଥା ବାହାରି ଥିଲା । ନ୍ୟୁୟର୍କ ସିଟି ହସ୍‌ପିଟାଲରେ କାମ କରୁଥିଲେ ଡାକ୍ତର କଲିନ୍‌ଉଡ୍ । ଏହି କୃଷ୍ଣକାୟ ଡାକ୍ତରଙ୍କ ଜୀବନ ଥିଲା ସଂଘାତପୂର୍ଣ୍ଣ । ନ୍ୟୁୟର୍କ ନଗରୀର ଏକ ବସ୍ତିରେ ଦାରୁଣ ଦୁଃଖଜର୍ଜରିତ ଜୀବନ କାଟି ସେ ବଢ଼ିଥିଲେ । କିନ୍ତୁ ଅତି ମେଧାବୀ ଛାତ୍ର ଭାବେ ସେ ଗୋଟିକ ପରେ ଗୋଟିଏ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଶେଷରେ ଜଣେ ଡାକ୍ତର ହୋଇ ପାରିଥିଲେ । ତାଙ୍କ ଜୀବନର ସବୁଠାରୁ ଦୁଃଖକର ମୁହୂର୍ତ୍ତ ଥିଲା ତାଙ୍କ ମାଆବାପାଙ୍କ ହତ୍ୟା । ଗୋଟିଏ ଛୋଟ କଳହକୁ ନେଇ ଜଣେ ଗୁଣ୍ଡା ଯୁବକ କଲିନ୍‌ଉଡ୍‌ଙ୍କ ସମ୍ମୁଖରେ ତାଙ୍କ ମାଆବାପାଙ୍କୁ ହତ୍ୟା କରି ଦେଇଥିଲା । ତା'ପରେ ସେ ଆତତାୟୀ ଫେରାର ହୋଇ ଯାଇଥିଲା । ସେତେବେଳକୁ କଲିନ୍‌ଉଡ୍‌ଙ୍କ ବୟସ ମାତ୍ର କୋଡ଼ିଏ ବର୍ଷ । ବାପା, ମାଆଙ୍କ ହତ୍ୟାଜନିତ ଦୁଃଖକୁ ସେ ଜମାରୁ ଭୁଲିପାରୁ ନ ଥିଲେ ।

ଦିନେ ସେ ହସ୍‌ପିଟାଲରେ ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଏକ କାର୍‌ର ଜଣେ ଅତି ଗୁରୁତର ଭାବେ ଆହତ ବ୍ୟକ୍ତି ସେଠାରେ ପହଞ୍ଚିଲେ । ତାଙ୍କ ସହିତ ଥିଲେ କ୍ରନ୍ଦନରତା ତାଙ୍କ ପତ୍ନୀ । ତାଙ୍କ ପାଇଁ ଜରୁରୀକାଳୀନ ଅପରେସନ୍‌ର ଆବଶ୍ୟକତା ଥିଲା । ଡାକ୍ତର କଲିନ୍‌ଉଡ୍ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହେଲେ । ଅପରେସନ୍ ଥିଏଟରରେ ପହଞ୍ଚି ସେଇ ବ୍ୟକ୍ତିର ଚେହେରା ଦେଖି ସେ ଚମକି ପଡ଼ିଲେ । ସେଇ ଲୋକଟିହିଁ ଥିଲା କଲିନ୍‌ଉଡ୍‌ଙ୍କ ମାଆ, ବାପାଙ୍କ ହତ୍ୟାକାରୀ । କ୍ଷଣକ ପାଇଁ ସ୍ତବ୍ଧ ହୋଇ ଛିଡ଼ା ହୋଇଗଲେ ସେ । କିନ୍ତୁ ରୋଗୀର ଜୀବନ ବଞ୍ଚାଇବା ଯେ ତାଙ୍କର ପବିତ୍ର କର୍ତ୍ତବ୍ୟ; ଏକଥା ହଠାତ୍ ଯେମିତି ତାଙ୍କୁ କେହି ଚେତାଇ ଦେଲା । ତାଙ୍କ ହୃଦୟରେ ଖୋଲିଗଲା ଏକ କରୁଣାର ଝର । ନିଜର ସବୁ ବିଦ୍ୟା ବୁଦ୍ଧି ଲଗେଇ ଏବଂ ଭଗବାନଙ୍କୁ ସ୍ମରଣ କରି ସେ ଅପରେସନ୍‌ଟି କଲେ ଏବଂ ସଫଳ ହେଲେ । ଆଠ ମାସ ବିଛଣାରେ ପଡ଼ିଲା ପରେ ସେ ବ୍ୟକ୍ତି ସୁସ୍ଥ ହେଲେ ଏବଂ ତାଙ୍କୁ ବଞ୍ଚାଇଥିବାରୁ ସେ ଓ ତାଙ୍କ ପତ୍ନୀ ହସ୍‌ପିଟାଲ ଛାଡ଼ିବା ପୂର୍ବରୁ ଡାକ୍ତର କଲିନ୍‌ଉଡ୍‌ଙ୍କୁ କୃତଜ୍ଞତା ଜଣାଇବାକୁ ଆସିଲେ ।

କଲିନ୍‌ଉଡ୍ ସେଇ ସମୟରେ ତାଙ୍କୁ କହିଲେ, ''ତୁମେ ଆଜିକୁ ପଚିଶ ବର୍ଷ ତଳେ ଯେଉଁ ଦମ୍ପତିଙ୍କୁ ଗୁଳି କରି ହତ୍ୟା କରିଥିଲ ତାଙ୍କ ପୁଅ ହେଉଛି ମୁଁ । ବିଧିର ବିଧାନ, ତୁମେ ଆଜି ମୋ ସାମନାରେ, ପୁଣି ଏଭଳି ଏକ ପରିସ୍ଥିତିରେ । ତୁମର ସେଇ ଦୋଷ ପାଇଁ ମୁଁ ତୁମକୁ ହୁଏତ ପୁଲିସରେ ଧରାଇ ଦେଇଥା'ନ୍ତି । କିନ୍ତୁ ମୁଁ ଜାଣି ପାରୁ ନାହିଁ, ମୋ ଭିତରୁ ଯେମିତି କେହି ଜଣେ ମୋତେ ଏଭଳି କରିବାରୁ ରୋକୁଛି । ଜଣେ ଡାକ୍ତର ଭାବେ ମୁଁ ତୁମକୁ ମୋର ସାଧ୍ୟମତେ ଚେଷ୍ଟା କରି ବଞ୍ଚାଇଲି ଏବଂ ନୂତନ ଭାବେ ଜୀବନଯାପନ କରିବା ଲାଗି ଏକ ସୁଯୋଗ ଦେଲି । ମୁଁ ଜାଣେନା, ତୁମେ ଏବେ କ'ଣ କରୁଛ । କିନ୍ତୁ ଯଦି ଖରାପ ବାଟରେ ଥାଅ, ତେବେ ମୋ କଥା ମାନି ସେ ବାଟ ବଦଳାଇ ଦିଅ । ତାହା ହେଲେ ମୁଁ ଜାଣିବି ମୋର ଉଦ୍ଦେଶ୍ୟ ପୂରଣ ହେଲା ।'' ସେଇ ଲୋକ ଏବଂ ତାଙ୍କ ପତ୍ନୀ ଯାହା ଶୁଣିଲେ ତାକୁ ବିଶ୍ୱାସ କରିପାରୁ ନ ଥିଲେ । ସେମାନେ ନୀରବରେ ଡାକ୍ତରଖାନା ଛାଡ଼ି ଚାଲିଗଲେ । କିଛି ମାସ ପରେ କଲିନ୍‌ଉଡ୍ ଗୋଟିଏ ପତ୍ର ପାଇଲେ । ସେଥିରେ ସେଇ ଲୋକଟି ଲେଖିଥିଲା ଯେ ସେ ନିଜର ସଫଳ ବ୍ୟବସାୟ ଛାଡ଼ିଦେଇ ନ୍ୟୁୟର୍କର ଏକ ଗଳିରେ ଯାଇ ଡେରା ବାନ୍ଧିଛି ଏବଂ କୁପଥରେ ଯାଉଥିବା ଯୁବକମାନଙ୍କୁ ବାଟ ବଦଳାଇବା ଦିଗରେ ପ୍ରୟାସ କରୁଛି ।

କରୁଣାର ଅମୃତ ସ୍ପର୍ଶ ଏମିତି ଅସାଧ୍ୟ ସାଧନ କରିପାରେ ।

(କଥା ଶତକ-୨ରୁ ସଂଗୃହୀତ
ସଂକଳନ ଓ ସମ୍ପାଦନା – ସୌମ୍ୟରଂଜନ ପଟ୍ଟନାୟକ) ❑

ଚେତନାର ଦିଗ୍‌ବଳୟ :

# ପୂର୍ବଜନ୍ମ ବୃତ୍ତାନ୍ତ ସ୍ମରଣକ୍ଷମ ବ୍ୟକ୍ତିବର୍ଗ ଜାତିସ୍ମର କି ?

***ପ୍ରଶ୍ନ :*** *ବିରଳ ଘଟଣାକ୍ରମେ 'ଜାତିସ୍ମର'ମାନେ ଜନ୍ମ ହୋଇ ନିଜ ନିଜ ପୂର୍ବ ଜନ୍ମବୃତ୍ତାନ୍ତ ଶୁଣାଇଥା'ନ୍ତି, ଯାହାକି ସତ୍ୟ ବୋଲି ପ୍ରମାଣିତ ହେବାର ଖବର ଆମେ ପତ୍ରପତ୍ରିକାରେ ପଢ଼ିବାକୁ ପାଉଁ । ଏହା ବିଶ୍ୱାସଯୋଗ୍ୟ କି ?*

**ଉତ୍ତର :** ଜଣେ ନିଜେ ପୂର୍ବ ଜନ୍ମ ସମ୍ପର୍କରେ ସଚେତନ ରହିଥିବା ତତ୍ତ୍ୱ ଦୃଷ୍ଟିରୁ ଅବାସ୍ତବ ନୁହେଁ । କିନ୍ତୁ ଜଣେ ନିଜ ପୂର୍ବ ଜନ୍ମର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟର କେତେକ ଘଟଣା ସ୍ମରଣ କରିବା ଏବଂ ସେସବୁ ବାସ୍ତବରେ ଘଟିଥିବା କଥା ପ୍ରମାଣିତ ହେବାର ଯେଉଁସବୁ ଚମକପ୍ରଦ ଘଟଣା ଆମେ ପତ୍ରପତ୍ରିକାରେ ପଢ଼ୁ, ସେସବୁ ପଛରେ ଥିବା ବାସ୍ତବତା ଭିନ୍ନ । ସେ ସମ୍ପର୍କରେ ଆପଣ ଯେତେ ବିବରଣୀ ପତ୍ରପତ୍ରିକାରେ ପଢ଼ିଥିବେ, ମନେ ପକାଇଲେ ଦେଖିବେ ସେସବୁ ଘଟଣାର ନାୟକ ନାୟିକା ବାଳକ ବାଳିକାମାନେ । ହଠାତ୍ ଜଣେ ବାଳକ ଦୂର ଗାଁ'ରୁ ଆଗନ୍ତୁକ ସମ୍ପୂର୍ଣ୍ଣ ଅପରିଚିତ ଜଣେ ବ୍ୟକ୍ତିଙ୍କୁ ଦେଖିପକାଇ ତାଙ୍କ ପାଖକୁ ଦୌଡ଼ିଯିବ ଏବଂ ଦ୍ୱିଧା ଓ ଅଭିମାନ ମିଶା ଦୃଷ୍ଟିରେ ତାଙ୍କୁ ଆପାଦମସ୍ତକ ନିରୀକ୍ଷଣ କରି ହୁଏତ ତାଙ୍କୁ କୁଣ୍ଢାଇ ପକାଇବ ଏବଂ କାନ୍ଦି ପକାଇ ଅଭିଯୋଗ କରିବ, ''ତୁମେ କୁଆଡ଼େ ଥିଲ ? ବୋଉ କୁଆଡ଼େ ଗଲା ? ମୋତେ ତା' ପାଖକୁ ଏହିକ୍ଷଣି ନେଇ ଚାଲ !''

ଦୂରାନ୍ତରାଗତ ଅପରିଚିତ ଜଣକ କାବା ହୋଇଯିବେ । ବାଳକ ଗୋଟାଏ କୁନି ଝିଅର ନାମ କହି ସେ କାହିଁ ବୋଲି ପ୍ରଶ୍ନ କରିବ । ଏଥର ଭଦ୍ରଲୋକ ଚମକି ପଡ଼ିବେ, କାରଣ ସେ ଶୁଣିବେ ତାଙ୍କରି ଝିଅର ନାମ । ସେ ଯଦି ପିଲାଟିକୁ ତା' ନାମ ପଚାରିବେ, ଉତ୍ତର ତାଙ୍କୁ ହତଭମ୍ବ ବନାଇ ଦେବ । କାରଣ ସେହି ନାମ ଥିବା ତାଙ୍କ ପୁଅ କିଛି ବର୍ଷ ତଳେ ଇହଧାମରୁ ବିଦାୟ ନେଇଛି ।

ପିଲାଟି ନିଜ ଘର ଛାଡ଼ି ସେ ଭଦ୍ରଲୋକଙ୍କ ସହିତ ଯିବାକୁ ଜିଗର କରିବ; ଅଗତ୍ୟା ତାକୁ ଧରି ତା' ଜନ୍ମିତ ପରିବାରର ଅବାକ୍ ଅଭିଭାବକ ଦୁଇଚାରି ଜଣ ଗ୍ରାମବାସୀଙ୍କ ସହ ଦୂରାନ୍ତରେ ସେ ଅପରିଚିତ ଭଦ୍ରଲୋକଙ୍କ ଗାଁ'ରେ ପ୍ରବେଶ କରିବେ । ତତ୍‌କ୍ଷଣାତ୍ ପିଲାଟି ଯେଉଁ ବରଗଛ ତଳେ ଖେଳୁଥିଲା, ଯେଉଁ ଚାହାଳିରେ ପଢୁଥିଲା, ସେସବୁ ଦେଖି ତା' ସାଥୀମାନଙ୍କୁ ଖୋଜିବ । କହିବା ବାହୁଲ୍ୟ, ପରବର୍ତ୍ତୀ କିଛିଦିନ ଉଭୟ ପରିବାର ସକାଶେ ହେବ ହର୍ଷ, ବିଷାଦ ଓ କିଂକର୍ତ୍ତବ୍ୟବିମୂଢ଼ତାର ସମୟ । ପିଲାଟି ଯେ ତା' ପୂର୍ବ ଜନ୍ମରେ ସେ ଭଦ୍ରଲୋକଙ୍କ ଅକାଳରେ ମୃତ୍ୟୁବରଣ କରିଥିବା ପୁତ୍ରହିଁ ଥିଲା, ଏଥିରେ ସନ୍ଦେହର ଅବକାଶ ରହିବ ନାହିଁ । କିଛିଦିନ ପର୍ଯ୍ୟନ୍ତ ପିଲାଟି ଭଦ୍ରଲୋକଙ୍କ ଘରେହିଁ ରହିବ; ପରେ ଜନ୍ମିତ ପରିବାର ଏବଂ ପୂର୍ବ ଜନ୍ମର ପରିବାର ଭିତରେ ଯିବା ଆସିବା କରିବ ଏବଂ ଦିନେ ଜନ୍ମିତ ପରିବାରକୁ ଯାଇ ଆଉ ଲେଉଟିବ ନାହିଁ; ଏପରିକି ସେ ଯାହା ସବୁ କହୁଥିଲା, ସେସବୁ ତା' ନିଜକୁ ବି ସ୍ୱପ୍ନ ଭଳି ମନେ ହେବ ।

ଏହି ଅତିଭୌତିକ ନାଟକର ଢ଼ଣା ଅଧିକ ଏକା ପ୍ରକାର ବହୁ ସଂସ୍କରଣ ରହିଛି । ସେସବୁରେ କୃତ୍ରିମତା କିଛି ନାହିଁ; କାହାରି କଳ କୌଶଳ ନାହିଁ । ରହସ୍ୟ ହେଲା, କେବେ କେବେ – ସର୍ବଦା ନୁହେଁ – ଅକାଳରେ ମୃତ ଏକ ବାଳକ ବା ବାଳିକାର ପ୍ରାଣସତ୍ତା (ଆତ୍ମା ନୁହେଁ) ବାତାବରଣରେ ରହିଥାଏ ଏବଂ ସମବୟସୀ ତଥା ପ୍ରାଣ ସ୍ତରରେ ସୂକ୍ଷ୍ମ ସାମଞ୍ଜସ୍ୟ ଥିବା ଜଣେ ବାଳକ ବା ବାଳିକାର ବହିର୍ବ୍ୟକ୍ତିତ୍ୱକୁ ଆୟତ୍ତ କରିନିଏ । କାରଣ ଏକାଧିକ; ସେ ପ୍ରସଙ୍ଗକୁ ଯିବା ଏଠାରେ ସମ୍ଭବ ନୁହେଁ । ପୂର୍ବ ଜନ୍ମର ସ୍ମୃତିରେ କିଛି ଦିନ ମଜ୍ଜି ରହିବା ପରେ ସେ କ୍ରମେ କ୍ରମେ ସେ ରୋମାଞ୍ଚରୁ ମୁକ୍ତ ହୋଇଯାଏ, ଅର୍ଥାତ୍ ମୃତର ପ୍ରାଣସତ୍ତା ପ୍ରାଣ ଜଗତରେ ବିଲୀନ ହୋଇଯାଏ । ସେ ସତ୍ତାର ଆୟତ୍ତାଧୀନ ହୋଇ ପଡ଼ିଥିବା ପିଲାଟି ପୁଣି ସ୍ୱାଭାବିକ ଆଚରଣ କରେ । କହିବା ବାହୁଲ୍ୟ, ଏମାନେ 'ଜାତିସ୍ମର'ର ଦୃଷ୍ଟାନ୍ତ ନୁହନ୍ତି ।

ଜାତିସ୍ମର ଜଡ଼ ଭରତ ସମ୍ପର୍କୀୟ ପୌରାଣିକ କିଂବଦନ୍ତୀ ଅନେକଙ୍କୁ ଜଣା । ତପସ୍ୟାରତ ଋଷି ଜଣକ ନଦୀରେ ସ୍ନାନ କରୁଥିବା ବେଳେ ଦେଖିଲେ ସିଂହ ଭୟରେ ନଈକୁ ଡେଇଁ ପଡ଼ିଥିବା ଗୋଟିଏ ଗର୍ଭିଣୀ ମୃଗୀ କୂଳକୁ ଉଠିବା ପ୍ରୟାସ ଭିତରେ ଶାବକଟିଏ ଜନ୍ମ ଦେଇ ମରିଗଲା ଓ ଭାସିଗଲା । ଶାବକ

ଗୋଟିକୁ ଋଷି କୋଳ କରି ନିଜ କୁଟୀର ଭିତରକୁ ଆଣି କ୍ରମେ ତା' ପ୍ରତି ଏମିତି ଆସକ୍ତ ହୋଇ ପଡ଼ିଲେ ଯେ ତାହାରି ଶୁଶ୍ରୂଷାରେ ବ୍ୟସ୍ତ ରହି ନିଜ ସାଧନା ଭୁଲି ଗଲେ । ନିଜ ଅନ୍ତିମ ମୁହୂର୍ତ୍ତ ଉପନୀତ ହେବା ବେଳେ ସେ ତାହାରି ଉପରେ ଦୃଷ୍ଟି ନିବଦ୍ଧ ରଖି ପ୍ରାଣ ତ୍ୟାଗ କଲେ । ଫଳରେ ଋଷି ଏକ ମୃଗ ରୂପେ ଜନ୍ମଗ୍ରହଣ କରି ଅଳ୍ପକାଳ ବିତାଇବା ଅନ୍ତେ ପୁନର୍ବାର ମାନବ ଜନ୍ମ ଗ୍ରହଣ କଲେ ଏବଂ ପୂର୍ବାର୍ଜିତ ତପଃଶକ୍ତିର ପ୍ରତିକ୍ରିୟାରେ ଜାତିସ୍ମର ହୋଇଥିବାରୁ ନିଜ ବିଚ୍ୟୁତି ସ୍ମରଣ କରି ସର୍ବଦା ସବୁଥିରୁ ଉଦାସୀନ ରହିବା ଫଳରେ ତାଙ୍କ ନାମ ଭରତ ସହିତ 'ଜଡ଼' ବିଶେଷଣ ଯୋଗ କରି, ମୁଠିଏ ଖାଇବାକୁ ଦେଇ ଚତୁର ବ୍ୟକ୍ତିବର୍ଗ ତାଙ୍କୁ ନିର୍ମମ ଭାବରେ ଖଟାଉଥା'ନ୍ତି । ତେବେ ସେ ନିୟତ ଆତ୍ମସ୍ଥ ରହି ଯଥା ସମୟରେ ମୋକ୍ଷପ୍ରାପ୍ତ ହେଲେ । ତତ୍ତ୍ୱତଃ ଏଭଳି ଘଟଣା ସମ୍ଭବପର । ତେବେ ମାନବାତ୍ମା ପଶୁ ଭାବରେ ଜନ୍ମ ନିଏ ନାହିଁ । ଋଷିଙ୍କ ଆସକ୍ତି ଓ ଉଦ୍‌ବେଗ ଅଧୁଷିତ କେବଳ ମାତ୍ର ପ୍ରାଣସତ୍ତା କିଛି ବର୍ଷ ଗୋଟିଏ ମୃଗ ଚେତନାରେ ସାମିଲ ରହିଥିଲା ।

ଆମ ସମସ୍ତଙ୍କ ଚେତନା ଗହନରେ ପୂର୍ବ ଜନ୍ମସମୂହର ଅଭିଜ୍ଞତାର ନିର୍ଯାସ ନିହିତ; ଘଟଣାର ବିବରଣୀ ନୁହେଁ — ନିର୍ଯାସ । ଜଣେ ଜଣେ ମହାନ୍ ଯୋଗୀ ପ୍ରୟାସ କଲେ ଆପଣା ପୂର୍ବ ଜନ୍ମର ବା ଅନ୍ୟ କାହାରି ପୂର୍ବ ଜନ୍ମର କୌଣସି ଏକ ବୃତ୍ତାନ୍ତ ଅବଶ୍ୟ ଜାଣି ପାରିବେ; କିନ୍ତୁ ତାହା ଏକାନ୍ତ ବିରଳ ସ୍ତରର ବିଭୂତି । ସାଧାରଣତଃ ଅବଚେତନରୁ ବା କଳ୍ପନାରୁ ଆହରିତ କିଛି କିଛି କଥାକୁ କେହି କେହି ପୂର୍ବ ଜନ୍ମର ବୃତ୍ତାନ୍ତ ଭାବରେ ବର୍ଣ୍ଣନା କରନ୍ତି । ତାହା ଭ୍ରାନ୍ତି । ନିକଟ ଅତୀତରେ ପାଶ୍ଚାତ୍ୟରେ କେତେକ ଧୁରନ୍ଧର ମନୋଚିକିତ୍ସକ ନାନାଦି ମାନସିକ ବିକଳତା ଦୂର କରିବା ନିମନ୍ତେ ସେମାନଙ୍କ ଚିକିତ୍ସାଧୀନ ବ୍ୟକ୍ତିମାନଙ୍କୁ ସମ୍ମୋହିତ (hypnotise) କରି ସେମାନଙ୍କ ଭିତରେ ପୂର୍ବ ଜନ୍ମର ସ୍ମୃତି ଉଜ୍ଜୀବିତ କରି ସେମାନଙ୍କ ସମସ୍ୟାର ଉତ୍ସ ଠାବ କରୁଥିବାର ଏବଂ ସେମାନଙ୍କୁ ନିରାମୟ କରୁଥିବା ବ୍ୟାପାର ପ୍ରଚାରିତ ହେଉଛି । କିନ୍ତୁ ସେ ସ୍ମୃତିଚାରଣ ଅବଚେତନର ଖେଳ । ନିରାମୟ ହେବା ପଶ୍ଚାତରେ ଅନ୍ୟାନ୍ୟ ହେତୁ (ବିଶ୍ୱାସାରୋପଣ ବା suggestion ସମେତ) କାର୍ଯ୍ୟ କରୁ ଥାଇପାରେ । କିନ୍ତୁ ପୂର୍ବ ଜନ୍ମସମୂହର ଅଭିଜ୍ଞତା ଆମର ଯେଉଁ ଚୈତ୍ୟସତ୍ତାରେ ସଞ୍ଚିତ, ତା'ର ସୀମାନ୍ତ ମଧ୍ୟ ଛୁଇଁ ପାରିବ ନାହିଁ କୌଣସି ମନୋଚିକିତ୍ସକର ସନ୍ଧାନୀ ପ୍ରକ୍ରିୟା ।

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୮୮-୯୦) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 8** **R.N.I. No. 18163/70.**
Navaprakash (Monthly), August, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**